


# କଳ ପ୍ରସଙ୍ଗ

ମାର୍ଚ୍ଚ—୧୯୭୯



ପ୍ରଚ୍ଛଦପଟ୍ଟ ଚିତ୍ର : ରଥାକାରରେ ନିର୍ମିତ କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ଖଚିତ ଏକ ଚକ୍ର ।

ଓଡ଼ିଶା ସରକାରଙ୍କ ଉନ୍ନୟନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପରି ଭାବେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ତଥ୍ୟାଧାର ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ପ୍ରକାଶନ—ପ୍ରତି ମାସ ୧୫ ତାରିଖ

ସମ୍ପାଦକ—ପଞ୍ଚାନନ ତ୍ରିପାଠୀ, ଆଇ. ଏ. ଏସ୍., ନିର୍ଦ୍ଦେଶକ, ଲୋକସମ୍ପର୍କ, ପର୍ଯ୍ୟଟନ ଓ ପ୍ରୋଟୋକଲ, ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର ।

ସହକାରୀ ସମ୍ପାଦକ—ବିଶ୍ୱନାଥ ଦାସ

ମୂଲ୍ୟ—ପ୍ରତି ସଂଖ୍ୟା ୨୦ ପଇସା

ପ୍ରକାଶକ—ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା

ଟେଲିଗ୍ରାମ—ମନ୍ତ୍ରୀ ପ୍ରିଣ୍ଟ

# ଉତ୍କଳ ପ୍ରସଙ୍ଗ

୨୪ଶ ଭାଗ | ମାର୍ଚ୍ଚ ୧୯୬୯ / ଚୈତ୍ର ୧୮୯୦ | ୮ମ ସଂଖ୍ୟା

## ଏ ସଂଖ୍ୟାରେ ପଢ଼ନ୍ତୁ—

୧ । ଓଡ଼ିଶାର ଭବିଷ୍ୟତ (ରାଜ୍ୟପାଳଙ୍କ ଭାଷଣ ... ୧

୨ । ଦାରିଦ୍ର୍ୟ ଓ ସ୍ଥାଣୁତ୍ୱ ବିରୁଦ୍ଧରେ ... ୧୯
(ମୁଖ୍ୟମନ୍ତ୍ରୀଙ୍କ ବଜେଟ ଅଭିଭାଷଣ)

୩ । ସେବକ ଈଶ୍ୱରଚନ୍ଦ୍ର ରାଉଙ୍କ ବିଦାୟ ଉପଲକ୍ଷେ (କବିତା) ... ୪୭
କାଶିପୁ କବି ଶାରଦକିଶୋର ଦାସ

୪ । ଓଡ଼ିଶାରେ ହରିଜନ କଲ୍ୟାଣ କାର୍ଯ୍ୟକ୍ରମ ... ୪୭

୫ । ମହାତ୍ମା ଗାନ୍ଧୀ ଓ ପଞ୍ଚମ ଜର୍ଜଙ୍କ ଭେଟ ... [illegible]
ଲେଫ୍ଟେନାଣ୍ଟ କାଶୀନାଥ ମହାନ୍ତି

୬ । ଶୁକ୍ଳେଶ୍ୱରର ଏକ ଐତିହାସିକ କୀର୍ତ୍ତି ... ୫୭
ଶ୍ରୀ ପ୍ରଶାନ୍ତ କୁମାର ଗୁପ୍ତ

୭ । ମୃତ୍ତିକା ସଂରକ୍ଷଣର ଉପାୟ ... ୬୮

୮ । ଆମ ରାଜ୍ୟ ... ୭୨

ଡକ୍ଟର ଆନ୍‌ସାରୀ

# ଓଡ଼ିଶାର ଭବିଷ୍ୟତ ଓଡ଼ିଶାବାସୀଙ୍କ ଅବିଚଳିତ ବିଶ୍ୱାସ ଉପରେ ନିର୍ଭର କରେ

ଗତ ୨୪-୨-୧୯୬୯ ତାରିଖରେ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନ ଉଦ୍‌ଘାଟନ ଉପଲକ୍ଷେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ସୌକତୁଲ୍ଲା ସାହ ଆନ୍‌ସାରୀ ଯେଉଁ ଅଭିଭାଷଣ ପ୍ରଦାନ କରିଥିଲେ, ତାହାଁର କେତେକ ଗୁରୁତ୍ୱପୂର୍ଣ୍ଣ ଅଂଶ ନିମ୍ନରେ ପ୍ରଦତ୍ତ ହେଲା :—

ଆମ ଦେଶରେ ଯେଉଁ ସଂଘୀୟ ଶାସନ ପ୍ରବର୍ତ୍ତିତ ହୋଇଅଛି, ସେଥିରେ କେବଳ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ମଧ୍ୟରେ ତଥା ରାଜ୍ୟ ରାଜ୍ୟ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଓ ସହଯୋଗ ରହି ପାରିଲେ ସରକାର ସୁଚାରୁରୂପେ ଚାଲିପାରିବ ! କେବଳ ଏହି ପ୍ରକାର ବ୍ୟବସ୍ଥା ଦ୍ୱାରାହିଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକର ସମାଧାନ ହୋଇ ପାରିବ ଓ ଜାତୀୟ ଐକ୍ୟ ସୁରକ୍ଷିତ ରହିପାରିବ । ବିଭିନ୍ନ ଆଦର୍ଶବାଦରେ ବିଶ୍ୱାସ ରଖୁଥିବା ବହୁ ରାଜନୈତିକ ଦଳ-ବିଶିଷ୍ଟ କୌଣସି ରାଜ୍ୟରେ ଯଦି ସ୍ଥାୟୀ ସରକାର ଗଠନ ନିମନ୍ତେ କୌଣସି ଗୋଟିଏ ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରେ ତେବେ ସେଠାରେ ସମମନୋଭାବାପନ୍ନ ଦଳମାନଙ୍କୁ ନେଇ ଗଠିତ ମିଳିତ ସରକାରହିଁ ଏକମାତ୍ର ବିକଳ୍ପ ପନ୍ଥା । ଗଲତ ମାସରେ ଯେଉଁ ଚାରିଗୋଟି ରାଜ୍ୟରେ ମଧ୍ୟବର୍ତ୍ତୀକାଳୀନ ସାଧାରଣ ନିର୍ବାଚନ ହୋଇଗଲା, ସେଥିମଧ୍ୟରୁ ତିନିଗୋଟି ରାଜ୍ୟରେ ପୁନର୍ବାର ମିଳିତ ସରକାର ଗଠନ କରିବାର ପରିସ୍ଥିତି ଉପୁଜିଛି । ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଯଦି ସେମାନେ ସମଗ୍ର କଲ୍ୟାଣ ସାଧନରେ ନିଜ ନିଜର ଧ୍ୟାନ ନିବଦ୍ଧ ରଖନ୍ତି, ତାହାହେଲେ ଏଭଳି ସରକାର ସଫଳ ଭାବରେ ତିଷ୍ଠି ରହି ପାରିବ । ସୁଖର କଥା ଯେ ଓଡ଼ିଶା ସ୍ୱତନ୍ତ୍ର ଦଳ ଓ ଓଡ଼ିଶା ଜନ

କଂଗ୍ରେସ ଦ୍ୱାରା ଗଠିତ ମିଳିତ ସରକାର ଏହି ଆଦର୍ଶକୁ ଉପଲବ୍ଧି କରିଛନ୍ତି ଏବଂ ରାଜ୍ୟର ହିତ-ସାଧନ ନିମନ୍ତେ ସମଷ୍ଟିଗତ ଭାବେ କାର୍ଯ୍ୟ କରୁଛନ୍ତି ।

## ପ୍ରଶାସନିକ ସମସ୍ୟା

ପ୍ରଶାସନର ବିଭିନ୍ନ ଶାଖାରେ ଦେଖାଦେଉଥିବା ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କରିବା ନିମନ୍ତେ କେନ୍ଦ୍ର-ସରକାରଙ୍କ ଦ୍ୱାରା ଗଠିତ ପ୍ରଶାସନିକ ସଂସ୍କାର କମିଶନ୍ ତାଙ୍କର ରିପୋର୍ଟ ଦାଖଲ କରିସାରିଛନ୍ତି । ଏହି ରିପୋର୍ଟ ବର୍ତ୍ତମାନ ବିଚାରାଧୀନ ଅଛି । ସ୍ୱାଧୀନତା ହାସଲ ପରେ ରାଜ୍ୟର କାର୍ଯ୍ୟକ୍ରମଗୁଡ଼ିକୁ ସଂପାଦନ କରିବାକୁ ଗଲାବେଳେ ପ୍ରଶାସନିକ କ୍ଷେତ୍ରରେ ବହୁବିଧ ସମସ୍ୟା ଦେଖା ଦେଇଥିଲା । ସେଗୁଡ଼ିକୁ ପ୍ରଶାସନିକ ସଂସ୍କାର କମିଶନ ପୁଙ୍ଖାନୁପୁଙ୍ଖଭାବରେ ପରୀକ୍ଷା କରି ଦେଖିଛନ୍ତି ଏବଂ ଦୋଷତ୍ରୁଟି ଦୂର କରିବା ନିମନ୍ତେ ପ୍ରତିକାରର ସୂଚନା ଦେଇଛନ୍ତି । ସରକାର ଏସବୁ ବିଷୟ ପ୍ରତି ଯଥୋଚିତ ଧ୍ୟାନ ଦେଉଛନ୍ତି ଏବଂ ଲକ୍ଷ୍ୟ ହାସଲ ନିମନ୍ତେ ଯଥା ବିହିତ କାର୍ଯ୍ୟାନୁଷ୍ଠାନ କରିବେ ।

## ଦୁର୍ନୀତି ନିବାରଣ

ସରକାରୀ କାର୍ଯ୍ୟାଳୟ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଥିବା ଦୁର୍ନୀତି, ସ୍ୱଜନପ୍ରୀତି ତୋଷଣ ଓ ଅପକର୍ମର ମୂଳୋତ୍ପାଟନ କରି ଏକ ନିର୍ମଳ ଶାସନ ପ୍ରତିଷ୍ଠା କରିବାହିଁ ସରକାରଙ୍କର ସର୍ବ ପ୍ରଥମ ଲକ୍ଷ୍ୟ । ସମାଜର ସବୁ ସ୍ତରରେ ଦୁର୍ନୀତି ଦୂର କରିବା ପାଇଁ, ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଦ୍ୱାରା ଏହି ଉଦ୍ଦେଶ୍ୟ ସାଧିତ ହୋଇପାରିବ । ଏଣୁ ପ୍ରତ୍ୟେକ ସେହି ସ୍ତରର ଉନ୍ନତ କରିବାପାଇଁ ଏହି ଉଦ୍ଦେଶ୍ୟ ସାଧନ ଦିଗରେ ଜୋରସୋରରେ କାର୍ଯ୍ୟ କରାଯାଉଛି । କର୍ମଚାରୀ ଓ ନାଗରିକମାନଙ୍କ ସହିତ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରି ସାରା ରାଜ୍ୟରେ ଏହି ଅଭିଯାନକୁ ପ୍ରସାରିତ କରିବା ନିମନ୍ତେ ଦୃଢ଼ ଉଦ୍ୟମ କରାଯାଉଛି । ସବୁ ସ୍ଥାନରେ ଜନସାଧାରଣଙ୍କ ନିକଟରୁ ଏଥିପ୍ରତି ଆଶାନୁରୂପ ସମର୍ଥନ ମିଳୁଛି । ସରକାରୀ ସ୍ତର ବିଶେଷତଃ ଉପର ସ୍ତରରେ ଯେଉଁସବୁ ଦୁର୍ନୀ ଲୋକଙ୍କ ଅସାମାଜିକ କାର୍ଯ୍ୟକଳାପ ବନ୍ଦ କ ଥିବା କର୍ମଚାରୀମାନଙ୍କ ଦୁର୍ନୀତିପ୍ରସୂତ କରୁଛି, ଲୋକଙ୍କୁ ସର୍ବସାଧାରଣଙ୍କ ଦୃଷ୍ଟିକୁ ଆଣିବା ଦୁର୍ନୀତି ନିବାରଣ ସଂସ୍ଥା ବିଶେଷ ଉତ୍ସାହ ଆଲୋଚ୍ୟ ବର୍ଷ ଏହି ସଂସ୍ଥା ତରଫରୁ ବହୁ ଦୁର୍ନୀତି ଘଟଣାର ଅନୁସନ୍ଧାନ କାର୍ଯ୍ୟ ନିଆଯାଇଛି ଏବଂ ସର୍ବଭାରତୀୟ ସର୍ଭିସର ଜଣେ ଅଫିସର, ପ୍ରଥମ ଶ୍ରେଣୀର ୧୦ ଜଣ ଅଫି ଓ ଦ୍ୱିତୀୟ ଶ୍ରେଣୀର ୧୯ ଜଣ ଅଫିସର—ଏହିପରି ୩୭ ଜଣ ଗେଜେଟେଡ ଅଫିସର ଏବଂ ୫୦ ଅଣଗେଜେଟେଡ୍ ଅଫିସର ଓ ୭୩ ଜଣ ବେସରକାରୀ ଲୋକଙ୍କ ବିରୁଦ୍ଧରେ ଅସାଧୁମୂଳକ ଅର୍ଥ ଗୋସ ବିଶ୍ୱାସଭଙ୍ଗ ଓ ଅପହରଣ ତଥା ଜଣ ଚକ୍ରରେ ହେଉଥିବା ଆୟ ଅନୁପାତରେ ଅ ସମ୍ପତ୍ତି ଗଚ୍ଛିତ କରିଥିବା ଅଭିଯୋଗରେ ଫୌଜଦାରୀ ମୋକଦ୍ଦମା ଦାଏର କରାଯାଇଛି । ସମସ୍ତ ମୋକଦ୍ଦମା ବିଚାର କରିବା ନିମନ୍ତେ ସ୍ପେଶାଲ ଜଜଙ୍କୁ ଭୁବନେଶ୍ୱରଠାରେ ନି କରାଯାଇଛି ।

ଦୁର୍ନୀତି ଓ ସ୍ୱଜନପ୍ରୀତି ତୋଷଣ ସମ୍ପର୍କ ଜନସାଧାରଣଙ୍କଠାରୁ ମିଳୁଥିବା ଅଭିଯୋଗଗୁଡ଼ି ବିଚାର ନିମନ୍ତେ ଅମ୍ବୁଡ଼୍‌ସମ୍ୟାନ୍ ଭଳି କୌ ଅନୁଷ୍ଠାନ ସ୍ଥାପନ କରିବା ପାଇଁ ସର ଲୋକପାଳ ଓ ଲୋକାୟୁକ୍ତ ଧାରାରେ ଗୋଟିଏ ଆଗତ କରିବା ପ୍ରସ୍ତାବ ସକ୍ରିୟ ଭାବରେ କରିଥିଲେ । କିନ୍ତୁ ଲୋକସଭାରେ ଏ ଧର ଏକ କେନ୍ଦ୍ରୀୟ ଆଇନ୍ ଆଣିବାର ଯେଉଁ ପ୍ର ଅଛି, ଏହି ଆଇନକୁ ତାହାର ଅନୁରୂପ କ ପାଇଁ ଅପେକ୍ଷା କରାଯାଇଥିଲା । ଏବେ କେନ୍ଦ୍ରୀୟ ଆ ଆଇନଟି ଆଗତ କରାଯିବା ପାଇଁ ଅଧିକ

…ସମସ୍ତ ଆବଶ୍ୟକ ହେଉଥିବାରୁ ଏହି ବିଧାନ ସଭାର …ଅଧିବେଶନରେ ଏ ସମ୍ପର୍କୀୟ ଏକ ବିଲ୍ …ଗତ କରିବା ପାଇଁ ଚେଷ୍ଟା କରାଯାଉଛି ।

…୧୯୬୭ ମାର୍ଚ୍ଚ ୨୩ ତାରିଖରେ ମୋର ପୂର୍ବବର୍ତ୍ତୀ …ଯେଉଁ ଭାଷଣ ଦେଇଥିଲେ ସେଥିରେ …ଦିଆଯାଇଥିଲା ଯେ ପ୍ରଶାସନିକ କ୍ଷେତ୍ରରୁ …ଦୂର କରି ରାଜ୍ୟରେ ନିର୍ମଳ ଓ ଉତ୍ତମ …ପ୍ରତିଷ୍ଠା କରିବା ଉପରେ ସରକାର ବିଶେଷ …ଦେଉଛନ୍ତି । ଓଡ଼ିଶାରେ ୧୯୬୭ ର ମଧ୍ୟ-…କାଳୀନ ନିର୍ବାଚନ ଓ ଗତ ସାଧାରଣ ନିର୍ବାଚନ …ବର୍ତ୍ତୀ କାଳରେ ଯେଉଁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ …ମନ୍ତ୍ରୀମାନେ ଦାୟିତ୍ୱରେ ଥିଲେ ସେମାନଙ୍କ ମଧ୍ୟରୁ …ଙ୍କ ଦ୍ୱାରା ରାଜ୍ୟର ପ୍ରଶାସନ କ୍ଷେତ୍ରରେ ଦୁର୍ନୀତି …ଅସଙ୍ଗତ କରିଥିବାର ଯେଉଁସବୁ ଅଭିଯୋଗ …ଥିବା ସେଗୁଡ଼ିକୁ ତଦନ୍ତ କରିବା ପାଇଁ …ସରକାର ଏକ ତଦନ୍ତ କମିଶନ୍ ବସାଇଥିଲେ ।

## ଖାନ୍ନା କମିଶନ୍

…ଦିଲ୍ଲୀ ହାଇକୋର୍ଟର ଜଣେ ବିଚାରପତି ଶ୍ରୀ ଜଷ୍ଟିସ୍ …ଆର୍. ଖାନ୍ନାଙ୍କୁ ୧୯୬୭ ଅକ୍ଟୋବର ୨୭ …ରିଖରେ ଜଣିକିଆ ତଦନ୍ତ କମିଶନ୍ ରୂପେ ନିଯୁକ୍ତ …ଯାଇଥିଲା । ଏ ତଦନ୍ତ କାର୍ଯ୍ୟ ଶେଷ ହୋଇଛି …ତଦନ୍ତ ରିପୋର୍ଟ ସରକାରଙ୍କର ହସ୍ତଗତ …ଇଛି । ପୂର୍ବୋକ୍ତ ସମୟ ମଧ୍ୟରେ ଦାୟିତ୍ୱରେ …ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ଶ୍ରୀ ବି. …ନାୟକଙ୍କ ବିରୁଦ୍ଧରେ ୬ଟି ଏବଂ ଶ୍ରୀ ବି. ମିତ୍ରଙ୍କ …ରେ ୮ଟି ଅଭିଯୋଗ ସମ୍ପୂର୍ଣ୍ଣ ବା ଆଂଶିକ …ରେ ପ୍ରମାଣିତ ହୋଇଛି ବୋଲି ତଦନ୍ତ କମିଶନ୍ …ର ରିପୋର୍ଟରେ ଦର୍ଶାଇଛନ୍ତି ।

…ଇ ମଧ୍ୟ ତଦନ୍ତ କମିଶନ୍ ତାଙ୍କ ରିପୋର୍ଟରେ …ଛନ୍ତି ଯେ ଏହି ଦୁଇ ବ୍ୟକ୍ତିଙ୍କ ବିରୁଦ୍ଧରେ ଯେଉଁସବୁ ଅଭିଯୋଗ ପ୍ରମାଣିତ ହୋଇଛି ତାହା ଏ ଘଟଣାକୁ ତଦନ୍ତ କମିଶନ୍ ନିଯୁକ୍ତି ସମ୍ପର୍କୀୟ ବିଜ୍ଞପ୍ତିର ୧ ଅନୁଚ୍ଛେଦରେ ଦିଆଯାଇଥିବା ପରି "ରାଜ୍ୟର ପ୍ରଶାସନ କ୍ଷେତ୍ରରେ ବହୁ ପ୍ରକାର ଅସଙ୍ଗତ ଓ କ୍ଷମତାର ଅପ-ବ୍ୟବହାର କରାଯାଇଛି"—ଏ ଶବ୍ଦାବଳୀର ପରିସର ମଧ୍ୟକୁ ଆସୁଛି ।

ତଦନ୍ତ କମିଶନ୍ ନିଯୁକ୍ତି ସମ୍ପର୍କୀୟ ୧ ଅନୁଚ୍ଛେଦରେ ନିମ୍ନଲିଖିତ ବିଷୟ ରହିଛି :

"ରାଜ୍ୟର ଶାସନ ବ୍ୟାପାରରେ ବିଭିନ୍ନ ଘଟଣାରେ ବହୁବିଧ ଅବୈଧ କର୍ମ, ଅବୈଧ ସମ୍ପାଦନ, ଅର୍ଥ ତୋଷରାପ୍, ଠକେଇ, ଅବହେଳା, ସ୍ୱଜନପ୍ରୀତି, ଆତ୍ମୀୟପୋଷଣ, ବେଆଇନ୍ କାର୍ଯ୍ୟ, ଅନୁଚିତ କାର୍ଯ୍ୟ, ଅସଙ୍ଗତ ଓ କ୍ଷମତାର ଅପବ୍ୟବହାର କରାଯାଇଛି ।"

ଆଉ ମଧ୍ୟ କମିଶନ୍ କହନ୍ତି ଯେ ଅନ୍ୟ ଅଭିଯୋଗଗୁଡ଼ିକ ପୂର୍ବୋକ୍ତ ୧ ଅନୁଚ୍ଛେଦର ବିଭିନ୍ନ ଅଂଶ ମାତ୍ର ।

ଶ୍ରୀ ମିତ୍ରଙ୍କ ବିରୁଦ୍ଧରେ ତଦନ୍ତ କମିଶନ୍ ଏହି ମର୍ମରେ ନିଷ୍ପତ୍ତି ଦେଇଛନ୍ତି ଯେ ସେ କେବଳ କେତେକ ଅସଙ୍ଗତ କରିଥିଲେ, କିନ୍ତୁ ବ୍ୟକ୍ତିଗତ ଧନ ଲାଭ ପାଇଁ କିମ୍ବା ନିଜ ସନ୍ତାନ ବା ନିଜ ପରିବାରର ଲୋକଙ୍କ ସକାଶେ କୌଣସି ପ୍ରକାର ବେଆଇନ ଆର୍ଥିକ ବା ଅନ୍ୟ ସୁବିଧା ହାସଲ କରିବା ଦିଗରେ ନିଜର ପଦବୀକୁ ବ୍ୟବହାର କରି ନ ଥିଲେ ।

ଶ୍ରୀ ବୃନ୍ଦାବନ ନାୟକଙ୍କ ସମ୍ପର୍କରେ ନିଷ୍ପତ୍ତି ଦିଆଯାଇଛି ଯେ ସେ ଜଣେ ମନ୍ତ୍ରୀ ଥିବାବେଳେ ଓଡ଼ିଶା ସରକାରଙ୍କୁ ୧.୫୦ ଲକ୍ଷ ଟଙ୍କା ମୂଲ୍ୟର ପ୍ରନ୍ ପାଇପ୍ ବିକ୍ରି କରିଥିଲେ ।

ଅନ୍ୟ ଅଭିଯୋଗଗୁଡ଼ିକ ମଧ୍ୟରୁ କେତୋଟି ସମ୍ପର୍କରେ ସତ୍ତ୍ୱେ ତଦନ୍ତ କମିଶନ୍ ମତ ଦେଇଛନ୍ତି ଯେ ଅଭିଯୋଗ ବର୍ଣ୍ଣିତ କାର୍ଯ୍ୟଗୁଡ଼ିକ ହୁଏତ ସମ୍ବିଧାନ ବିରୋଧୀ ବା ପ୍ରଶାସନିକ ନିୟମାବଳୀ କିମ୍ବା ସଙ୍ଗତ ବିରୋଧୀ ତଥାପି ଏଗୁଡ଼ିକ ମନ୍ଦ ଉଦ୍ଦେଶ୍ୟ ରଖି କରାଯାଇ ନ ଥିବା ଯୋଗୁଁ କମିଶନ୍ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଦୋଷମୁକ୍ତ କରିଛନ୍ତି । ଅନ୍ୟାନ୍ୟ ଅଭିଯୋଗରେ ତଦନ୍ତ କମିଶନ୍ ଅଭିଯୋଗଗୁଡ଼ିକ ପ୍ରମାଣିତ ହୋଇନାହିଁ ବୋଲି ଦର୍ଶାଇଛନ୍ତି ।

ଏସବୁ ମତାମତ ଛଡ଼ା ତଦନ୍ତ କମିଶନ୍ ଶ୍ରୀ ବି. ପଟ୍ଟନାୟକ ଓ ଶ୍ରୀ ବି. ମିତ୍ରଙ୍କ ମନ୍ତ୍ରୀତ୍ୱ ବେଳେ ସେମାନେ କିମ୍ବା ସେମାନଙ୍କର ପରିବାରର ଲୋକେ ସରକାରଙ୍କ ସହିତ ଯେଉଁ ସବୁ ବ୍ୟବସାୟ କରିଥିଲେ ତାହାକୁ ପର୍ଯ୍ୟାଲୋଚନା କରି ମତ ଦେଇଛନ୍ତି ଯେ "ଜଣେ ମନ୍ତ୍ରୀ ଯେଉଁ ସରକାରରେ ମନ୍ତ୍ରୀ ହୋଇଥିବେ ସେହି ସରକାର ସହିତ ତାଙ୍କ ପରିବାରର ଲୋକେ କିମ୍ବା ତାଙ୍କର ବା ତାଙ୍କ ପରିବାର ଲୋକଙ୍କର ସ୍ୱତ୍ୱାଧିକାରୀ ଓ ଡିରେକ୍ଟର ରୂପେ ସ୍ୱାର୍ଥଥିବା ପ୍ରତିଷ୍ଠାନ ବା କଂପାନୀମାନେ କାରବାର କଲେବେଳେ ସେମାନଙ୍କ ବ୍ୟବସାୟଗତ ସ୍ୱାର୍ଥର ଉନ୍ନତିକଳ୍ପେ ସେ (ମନ୍ତ୍ରୀ) ତାଙ୍କର ପଦବୀକୁ ବ୍ୟବହାର କରିପାରିବେ ନାହିଁ ବା ତାହା ବ୍ୟବହୃତ ହେବାକୁ ଅନୁମତି ଦେଇ ପାରିବେ ନାହିଁ । ଯଦି ଜଣେ ମନ୍ତ୍ରୀ ସରକାର ସହିତ ବ୍ୟବସାୟ କରିବାପାଇଁ ତାଙ୍କ ପରିବାର ଲୋକଙ୍କୁ ଅନୁମତି ଦିଅନ୍ତି ଓ ସେହି କାରବାରରେ ଅସାଧୁତା ଥାଏ, ତାହାହେଲେ ସେହି କାରବାର ସମ୍ପର୍କରେ ସେ ନିଜେ କୌଣସି ଆଦେଶ ଦେଇ ନାହାନ୍ତି ବୋଲି କହିଦେଇ ଦାୟିତ୍ୱରୁ ଖସିଯାଇ ନ ପାରନ୍ତି ।"

କମିଶନ୍ ପୁଣି ଉଲ୍ଲେଖ କରିଛନ୍ତି ଯେ "ମନ୍ତ୍ରୀଙ୍କ ପରିବାର ଲୋକଙ୍କର ସରକାରଙ୍କ ସହିତ ବ୍ୟବସାୟ କରିବା କାର୍ଯ୍ୟ ତାଙ୍କ ପକ୍ଷରେ ଗୋଟିଏ ଅସ... ହେବା ଉଚିତ । ସାଧାରଣ ଜୀବନ କ୍ଷେତ୍ର... ଜଣେ ବ୍ୟକ୍ତିଙ୍କୁ ଗୋଟାଏ ଦାଗ ବାଛି ଦେବ... ସରକାରଙ୍କ ସହିତ ବାଣିଜ୍ୟ କାରବାର ... ସେ ହୁଏତ ତାଙ୍କର ପରିବାରର ... ଅନୁମତି ଦେଇପାରନ୍ତି କିମ୍ବା ମନ୍ତ୍ରୀ ହୋଇ... ଉଭୟ କ୍ଷେତ୍ରରୁ ସେ ସର୍ବାଧିକ ସୁବି... କରିପାରିବେ ନାହିଁ—ଅର୍ଥାତ୍ ଏଣେ ମନ୍ତ୍ରୀ ... ଓ ତେଣେ ସେ ଯେଉଁ ସରକାରରେ ମନ୍ତ୍ରୀ ... ସେ ସରକାର ସହିତ ବ୍ୟବସାୟ କରିବାପାଇଁ ପରିବାରର ଲୋକମାନଙ୍କୁ ଅନୁମତି ଦେବେ, ... ହୋଇପାରିବ ନାହିଁ ।"

ତଦନ୍ତ କମିଶନ୍ ଯେଉଁ ସ୍ଥଳରେ ଦେଖିଛନ୍ତି ... ସଂପୃକ୍ତ ମୁଖ୍ୟମନ୍ତ୍ରୀମାନେ ସରକାରଙ୍କ... ସରକାରୀ କଂପାନୀଗୁଡ଼ିକର ସତ୍ତ୍ୱ ଗଢ଼ିଛନ୍ତି ... ସେହି ସତ୍ତ୍ୱ ନିଜ ନିଜର ବ୍ୟକ୍ତିଗତ କିମ୍ବା ସେମାନଙ୍କ ପରିବାର ଲୋକଙ୍କର କିମ୍ବା ସେମାନଙ୍କର ... ଥିବା କଂପାନୀ କିମ୍ବା ପ୍ରତିଷ୍ଠାନ ଅଥବା ବ୍ୟକ୍ତି... ଲାଭ ପାଇଁ ବଢ଼ାଇଛନ୍ତି ସେ ସ୍ଥଳରେ ... ବଜାୟ ରଖିବା ଉଦ୍ଦେଶ୍ୟରେ ଏ ବିଷୟରେ ... ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କରିବା ଆବଶ୍ୟ... ଉପଯୁକ୍ତ ବିବେଚିତ ହେବ ସେହିଭଳି କାର୍ଯ୍ୟ... କରିବା ପାଇଁ ସରକାର ପ୍ରସ୍ତାବ କରିଛନ୍ତି ।

## ସରକାରୀ ଭାଷା

ରାଜ୍ୟରେ ଓଡ଼ିଆକୁ ସରକାରୀ ଭାଷା ... ଚଳାଇବା ଉପରେ ଜୋର ଦିଆଯାଉଛି ଏବଂ ... ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ... ବାଧାବିଘ୍ନ ବହୁ ପରିମାଣରେ ଦୂର କରା... ବିଭାଗୀୟ ମୁଖ୍ୟମାନଙ୍କ କାର୍ଯ୍ୟାଳୟ ଓ ଅନ୍ୟ... କାର୍ଯ୍ୟାଳୟମାନଙ୍କରେ ତଥା ସଚିବାଳୟ ଓ ... ମୁଖ୍ୟମାନଙ୍କ ସମ୍ମିଳିତ କାର୍ଯ୍ୟାଳୟରେ ...

...ଠିଛନ୍ତି ଅଦାନ ପ୍ରଦାନ ଓ ଫାଇଲ କାମରେ ...ଭାଷା ବ୍ୟବହୃତ ହେଉଛି । ଅଧୁର ଅଧିକ ...ଭାଷା ଟାଇପ୍ ଯନ୍ତ୍ର କ୍ରୟ କରାଯାଇ ବିଭିନ୍ନ ...ର୍ଯ୍ୟାଳୟକୁ ଯୋଗାଇ ଦିଆଯାଉଛି ଏବଂ ବେଶି ...ଣି ଟାଇପ ଯନ୍ତ୍ର ଖରିଦ କରାଯାଉଛି । ପୂର୍ବରୁ ...ଭାଷାର ପ୍ରଚଳନ ପାଇଁ ସମୟ ଲାଗିବା ...ହେବ । ଯାହାହେଉ, ସରକାର ଏ ବିଷୟରେ ...ତା ହୋଇ ଅଛନ୍ତି ।

## ଚତୁର୍ଥ ପଞ୍ଚବାର୍ଷିକ ଯୋଜନା

...ତୁର୍ଥ ପଞ୍ଚବାର୍ଷିକ ଯୋଜନାର ଆକାର ଏବେବି ...ନ୍ତ ହୋଇନାହିଁ । ଜାତୀୟ ଉନ୍ନୟନ ପରିଷଦର ...ଁ ବିଭିନ୍ନ ରାଜ୍ୟକୁ ମୋଟ କେନ୍ଦ୍ରୀୟ ସାହାଯ୍ୟର ...ନ ସମ୍ପର୍କରେ ଯେଉଁ ମାନଦଣ୍ଡ ସୁପାରିଶ ...ନ୍ତି, ତଦନୁଯାୟୀ ଲୋକସଂଖ୍ୟା, ରାଜ୍ୟମାନଙ୍କ- ... ଟିକସ ଉଠାଇବା ପ୍ରୟାସ, ମୁଣ୍ଡପିଛା ଆୟ, ...ର୍ ଜଳସେଚନ ଓ ବିଦ୍ୟୁତ୍ ଯୋଜନା ବାବଦ ...ଷ୍ଠି ପରିକଳ୍ପନା ଏବଂ ରାଜ୍ୟମାନଙ୍କର ସ୍ୱତନ୍ତ୍ର ...ାଗୁଡ଼ିକୁ ବିଚାର କରି ଏହି ବଣ୍ଟନର ପରିମାଣ ... କରାଯିବାର କଥା । ଏହି ମାନଦଣ୍ଡ ଭିତ୍ତିରେ ... କରି ଚତୁର୍ଥ ଯୋଜନାକାଳ ପାଇଁ ସାଧାରଣ ...ଯ୍ୟ ସଂପର୍କରେ ଯୋଜନା କମିଶନ୍ ଯେଉଁ ... ଦେଇଛନ୍ତି, ତାହାର ପରିମାଣ ୧୫୮.୬୭ ... ଟଙ୍କା । ଯୋଜନା କମିଶନଙ୍କ ସହିତ ...ଚନା ହେଲାବେଳେ କମିଶନ୍ ସୂଚନା ଦେଇ- ...ଯେ ରାଜ୍ୟରୁ ଯେଉଁ ୩୫ କୋଟି ଟଙ୍କାର ... ସମ୍ବଳ ଉଠାଇବାର ପ୍ରସ୍ତାବ ରଖାଯାଇଛି, ... ଭାରତ ସରକାରଙ୍କ ଋଣ ପରିଶୋଧ ...ରେ ମଜୁଦ କରାଯାଇପାରେ ଏବଂ ଯୋଜନା ...ରେ କେନ୍ଦ୍ରୀୟ ଅର୍ଥ ଯୋଗାଣ ସଂସ୍ଥାମାନଙ୍କ- ... ଯେଉଁ ୨୦.୫୦ କୋଟି ଟଙ୍କା ମିଳିବାର ...ା ଅଛି, ତାହାକୁ ଯୋଜନାପାଇଁ ରାଜ୍ୟର ସମ୍ବଳ ହିସାବରେ ନିଆଯାଇ ପାରେ । ତେଣୁ ରାଜ୍ୟର ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ପରିମାଣ ୧୭୯.୧୭ କୋଟି ଟଙ୍କା ରଖିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ଯାହାକି ପୂର୍ବରୁ ଚାଲିଆସିଥିବା ପରିକଳ୍ପନାଗୁଡ଼ିକର ଅତ୍ୟାବଶ୍ୟକ [illegible] ମେଣ୍ଟାଇବା ପାଇଁ ଯଥେଷ୍ଟ ହୁଏ କି ନ ହୁଏ ।

ଏପରି କି ବର୍ତ୍ତମାନ ଅସ୍ଥିର ତାରତମ୍ୟ ଯେଉଁ ସ୍ତରରେ ରହିଛି, ତାହାକୁ ବଜାୟ ରଖିଲେ ମଧ୍ୟ ରାଜ୍ୟ ମଧ୍ୟରେ ଥିବା କେନ୍ଦ୍ରୀୟ, ରାଜ୍ୟ ଓ ବେସରକାରୀ କ୍ଷେତ୍ରମାନଙ୍କରେ ଚତୁର୍ଥ ଯୋଜନାରେ ସମୁଦାୟ ଭାବେ ଅନ୍ତତଃ ୭୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବା ଆବଶ୍ୟକ ହେବ । ତେଣୁ ଶତକଡ଼ା ୫ ହାରରେ ବୃଦ୍ଧି ହାସଲ କରିବାକୁ ହେଲେ ରାଜ୍ୟର ଖର୍ଚ୍ଚ ପାଇଁ ମୋଟ ଖର୍ଚ୍ଚର ଶତକଡ଼ା ୩୫ ହାରରେ ଅଂଶ ମିଳିବ ବୋଲି ଯେଉଁ ହିସାବ ଧରି ନିଆଯାଇଛି, ତଦନୁଯାୟୀ ରାଜ୍ୟର ସମ୍ବଳ ଆବଶ୍ୟକତା ହେଉଛି ୨୬୫ କୋଟି ଟଙ୍କା ।

## ସମ୍ବଳର ବ୍ୟବସ୍ଥା

ଯୋଜନା କମିଶନ୍ ଓଡ଼ିଶାପାଇଁ ଅତିରିକ୍ତ ସମ୍ବଳ ୮୦ କୋଟି ଟଙ୍କା ଉଠାଇବା ନିମନ୍ତେ ପ୍ରସ୍ତାବ କରିଥିଲେ । ସେଥିରୁ ମୋ ସରକାର ମାତ୍ର ୩୫ କୋଟି ଟଙ୍କା ଉଠାଇବା ପାଇଁ ଅଟକଳ କରିଛନ୍ତି । ସମ୍ବଳର ସ୍ୱଳ୍ପତା ତଥା ଏକ ନ୍ୟୂନତମ ଯୋଜନାର ଆବଶ୍ୟକତା ଦୃଷ୍ଟିରୁ ଏ ରାଜ୍ୟ ଯେପରି ଏକ ଯୁକ୍ତିଯୁକ୍ତ ଯୋଜନା କରିବା ପାଇଁ ସମର୍ଥ ହେବ, ସେଥିପାଇଁ ମୋ ସରକାର ଯୋଜନା ସମ୍ବଳ ନିମନ୍ତେ ୩୫ କୋଟି ଟଙ୍କାର ଅତିରିକ୍ତ ସମ୍ବଳ ଏଥିରେ ଅନ୍ତର୍ଭୁକ୍ତ କରିବାପାଇଁ ଯୋଜନା କମିଶନଙ୍କୁ ଏବଂ ଅଧିକା କେନ୍ଦ୍ରୀୟ ସାହାଯ୍ୟ ଦେବାପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ।

ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ସକାଶେ ଅର୍ଥ ଯୋଗାଇ ଦେବା ନିମନ୍ତେ ଅତିରିକ୍ତ ସମ୍ବଳ ସଂଗ୍ରହର ବୃଦ୍ଧି ତାହାର କରିବାପାଇଁ ଯଥାସମ୍ଭବ ସବୁପ୍ରକାର ବ୍ୟବସ୍ଥା କରାଯାଉଛି । ଅଧିକ ଅତିରିକ୍ତ ସମ୍ବଳ ସଂଗ୍ରହପାଇଁ ବ୍ୟବସ୍ଥା ମାନ ସୁପାରିଶ କରିବା ନିମନ୍ତେ ଏବଂ ଉନ୍ନୟନର ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚପାଇଁ ଅର୍ଥ ଦେବାର ଅଗ୍ରାଧିକାର ସଂପର୍କରେ ପରାମର୍ଶ ଦେବା ନିମନ୍ତେ ସରକାର ପାର୍ଲିଆମେଣ୍ଟ ସଦସ୍ୟ ଓ ବିଧାନସଭା ସଦସ୍ୟମାନଙ୍କୁ ନେଇ ଗୋଟିଏ ଯୋଜନା ଉପଦେଷ୍ଟା କମିଟି ଗଠନ କରିଛନ୍ତି ।

## ବ୍ୟୟ ସଂକୋଚ

ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସକାଶେ କଡ଼ାଭାବେ ବ୍ୟୟ ସଂକୋଚ ବ୍ୟବସ୍ଥା କରାଯିବା ସତ୍ତ୍ୱେ ଏ ବର୍ଷ ବୃଷ୍ଟି ଅଭାବରେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ଘଟିଗଲା, ସେଥିପାଇଁ ଅପ୍ରତ୍ୟାଶିତ ଭାବେ ଅର୍ଥବ୍ୟୟ କରିବାକୁ ପଡ଼ିବାରୁ ଆଶାନୁରୂପ ଉନ୍ନତି ସାଧିତ ହୋଇ ପାରିନାହିଁ । ପ୍ରଶାସନିକ କ୍ଷେତ୍ରରେ ଅନାବଶ୍ୟକ ବ୍ୟୟ ରୋଧ କରିବାପାଇଁ ଯଥେଷ୍ଟ ସଂଯମ ଅବଲମ୍ବନ କରାଯାଉଛି ଏବଂ ବ୍ୟୟ ସଂକୋଚପାଇଁ ଯେଉଁଠାରେ ସମ୍ଭବ ସେଠାରେ ଅଦରକାରୀ ବ୍ୟବସ୍ଥା-ଗୁଡ଼ିକୁ ହଟାଇ ଦିଆଯାଉଛି ଓ ଖର୍ଚ୍ଚ କାଟ କରାଯାଉଛି ।

## ମରୁଡ଼ି-ବନ୍ୟା-ବାତ୍ୟା

ଓଡ଼ିଶାରେ ବନ୍ୟା ଓ ମରୁଡ଼ି ଏକ ସାଧାରଣ ଘଟଣା । ଏ ବର୍ଷ ମଧ୍ୟ ତାହା ଏ ରାଜ୍ୟକୁ ନିଃଶ୍ୱାସ ମାରିବାପାଇଁ ସମୟ ଦେଇନାହିଁ । ଅନିୟମିତ ମୌସୁମୀ ପ୍ରବାହ ହେତୁ ବନ୍ୟା ଓ ମରୁଡ଼ି ଭଳି ସୁହିଣା ଘଟଣାର ପୁନରାବୃତ୍ତି ଘଟିଛି । ଜୁନ୍‌ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ଯେଉଁ ହାରରେ ବର୍ଷା ହେଲା ତାହା ଫଳରେ କୃଷିକାମ ବିଶେଷ କ୍ଷତିଗ୍ରସ୍ତ ହେଲା ଏବଂ ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିର ଓ କୋରାପୁଟ ଜିଲ୍ଲାମାନଙ୍କର ବହୁ ଖରିଫ ଅମଳ ହେଉଥିବା ଧାନ ଫସଲ ନଷ୍ଟ ହେ... ବିଭିନ୍ନ ଅଞ୍ଚଳମାନଙ୍କରେ ଯେଉଁମାନଙ୍କର ଅବସ୍ଥା ଗତ ବର୍ଷମାନଙ୍କର ଫସଲହାନି କ୍ରମାଗତ ଦୁର୍ଭିକ୍ଷ ଯୋଗୁଁ ବିପର୍ଯ୍ୟସ୍ତ ହୋଇ... ସେମାନଙ୍କୁ ସାଧାରଣ ରିଲିଫ୍ ବ୍ୟବସ୍ଥା... ଛୁଆ ଦେଉଥିଲେ ବେଳେ ବର୍ଷା ଅଭାବ... ବଲାଙ୍ଗିର, ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ... କୋରାପୁଟ ଜିଲ୍ଲାମାନଙ୍କରେ ମଧ୍ୟମ ଓ ଡେରି ଧାନ... ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ମରୁଡ଼ି ପରେ ସେପ୍ଟେ... ମାସର ପ୍ରଥମ ଓ ଦ୍ୱିତୀୟ ସପ୍ତାହ ମଧ୍ୟରେ ବ୍ରାହ୍ମ... ଜମ୍ବିରା, ଜଳକା, ସୁବର୍ଣ୍ଣରେଖା, ବୈତରଣୀ, ... ଓ ବ୍ରାହ୍ମଣୀ ନଦୀମାନଙ୍କରେ ବନ୍ୟା ଦେଖାଦେଲା... ଏହି ବନ୍ୟା ପରିସ୍ଥିତି ଦୂର ନ ହେଉଣୁ ଅକ୍ଟୋ... ମାସର ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ଦ୍ୱିତୀୟ... ଆସି ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ, ମୟୂ... ଓ କୋରାପୁଟ ଜିଲ୍ଲାମାନଙ୍କରେ କ୍ଷତି ଘଟ... ଅବଶ୍ୟ ବାଲେଶ୍ୱର, କେନ୍ଦୁଝର ଓ କୋରାପୁଟ... ମାନଙ୍କରେ ବନ୍ୟା ପ୍ରକୋପ ଅପେକ୍ଷାକୃତ ଅଧିକ... ହୋଇଥିଲା । ତୁରନ୍ତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ... ଚଳାଇଲେ ଏବଂ ଘର ତିଆରି ପାଇଁ ଋଣ... ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ଉଦ୍ଧାର କଲେ । ... ପ୍ରାକୃତିକ ବିପର୍ଯ୍ୟୟ ପଛେ ପଛେ ଅକ୍ଟୋବର... ୨୭ ତାରିଖଠାରୁ ୨୮ ତାରିଖ ମଧ୍ୟରେ ପୁରୀ, ... ଓ କଟକ ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ... ବୃଷ୍ଟିପାତ ସହ ଭୀଷଣ ଝଡ଼ବତାସ ବହିଯିବା ଫଳ... ବ୍ୟାପକ ଧନ ଜୀବନ ହାନି ଘଟିଥିଲା । ଏହା... ୫ ନମ୍ବର ଜାତୀୟ ରାଜପଥ ଓ ରେଳ ପଥର... ଜାଗା ଧୋଇ ହୋଇଗଲା ଏବଂ ବହୁ ଲୋକ ଗୃହ... ହୋଇ ପଡ଼ିଲେ । ଅଞ୍ଚଳରେ ଏଭଳି ପ୍ରଚଣ୍ଡ ଅ... ଅଭୂତପୂର୍ବ ଝଡ଼ ବାତ୍ୟା ଘଟିଥିବା କେବେ... ନ ଥିଲା ।

ଯନ୍ତ୍ରପାତି ନ ଥିବା ହେତୁ ବାତ୍ୟା ବିଧ୍ୱସ୍ତ ଅଞ୍ଚଳ ସବୁଠି ହଠାତ୍ ଯୋଗାଯୋଗ ସ୍ଥାପନ କରିବା ସମ୍ଭବପର ହୋଇ ନ ଥିଲେ ମଧ୍ୟ, ବାତ୍ୟାଗ୍ରସ୍ତ ଲୋକମାନଙ୍କୁ ଜରୁରୀ ରିଲିଫ୍ ଯୋଗାଇ ଦିଆଯାଇଥିଲା । ଏହାଦ୍ୱାରା ମୋଟରେ ୩,୭୭,୪୭୩ ଜଣ ବ୍ୟକ୍ତି ଉପକୃତ ହୋଇଥିଲେ । ଏପରିକି ଜରୁରୀ ରିଲିଫ୍ ସେବା କାର୍ଯ୍ୟ ବନ୍ଦ ହେବାପରେ ମଧ୍ୟ ସର୍ବାଧିକ କ୍ଷତିଗ୍ରସ୍ତ ଅଞ୍ଚଳମାନଙ୍କରେ ୨୫,୦୦୦ ଲୋକଙ୍କୁ ୧୫ ଦିନ ସକାଶେ ଖଇରାତି ସାହାଯ୍ୟ ଦେବା ଆବଶ୍ୟକ ମନେ କରାଗଲା । ଏହାପରେ ମଧ୍ୟ ପୁଣି ୧୫,୦୦୦ ଲୋକଙ୍କୁ ୧୫ ଦିନ ସକାଶେ ଖଇରାତି ସାହାଯ୍ୟ ଦିଆଯାଇଥିଲା । ଗୃହନିର୍ମାଣ ଗ୍ରାଣ୍ଟ ବାବଦରେ ବଣ୍ଟନ ପାଇଁ ଏକକୋଟି ଟଙ୍କା ଯୋଗାଇ ଦିଆଯାଇଥିଲା । ଏହି ବାତ୍ୟା ସମୟରେ ଦୁର୍ଘଟଣା ହେତୁ, ଯେଉଁ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା, ସେଭଳି ପ୍ରତି ପରିବାରକୁ ୨୦୦ ଟଙ୍କା ଲେଖାଏଁ ସାହାଯ୍ୟ ମଞ୍ଜୁର କରାଯାଇଥିଲା । ବାତ୍ୟାପୀଡ଼ିତ ଲୋକମାନଙ୍କୁ ବିପଦରୁ ଉଦ୍ଧାର କରିବାରେ ଯେଉଁମାନେ ପ୍ରଶଂସନୀୟ ସାହସ ତଥା ଧୈର୍ଯ୍ୟ ପ୍ରଦର୍ଶନ କରିଥିଲେ, ସେମାନଙ୍କୁ ୫୦ ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଥିଲା । ଯେଉଁ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କର ଜାଲ ବାତ୍ୟାରେ ନଷ୍ଟ ହୋଇ ଯାଇଥିଲା, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୫୦ ଟଙ୍କା ଋଣ ବାବଦରେ ଦିଆଯାଇଥିଲା । ଡଙ୍ଗା ଓ ଜାଲ ଖରିଦ ପାଇଁ ଏବଂ ବାତ୍ୟା ବିପନ୍ନ ମତ୍ସ୍ୟଜୀବୀ ଓ [illegible] ମାଲିକମାନଙ୍କ ପାଇଁ ଋଣ ଯୋଗାଇ ଦିଆଯାଇଥିଲା । ବାତ୍ୟା ବିଧ୍ୱସ୍ତ ଅଞ୍ଚଳମାନଙ୍କରେ ଗୃହ ମରାମତି ପାଇଁ ଜନସ୍ଥାନ ଓ ଗୃହନିର୍ମାଣ ବିଭାଗ ଜରିଆରେ ନସିଆଲ କର୍ପୋରେସନଙ୍କ ଠାରୁ ୨୮.୯୯ ଲକ୍ଷ ଟଙ୍କା ମିଳିଛି । ବିଧ୍ୱସ୍ତ ଅଞ୍ଚଳମାନଙ୍କରେ ପୁନଃନିର୍ମାଣ [illegible] ପ୍ରଶଂସନୀୟ କ୍ଷିପ୍ରତାର ସହିତ ହାତକୁ ନିଆଯାଇଥିଲା । ରିଲିଫ୍ ସଙ୍ଗେ ସଙ୍ଗେ ଜନସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ମଧ୍ୟ ସୁରୁ କରାଯାଇଥିଲା । ଗୋମହିଷାଦିଙ୍କ ଖାଦ୍ୟ ଯୋଗାଇ ଦେବାପାଇଁ ପଶୁପାଳନ ତଥା ପଶୁଚିକିତ୍ସା ବ୍ୟବସ୍ଥାମାନ ହାତକୁ ନିଆଯାଇଥିଲା ।

ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ଜରିଆରେ ମରୁଡ଼ି, ବନ୍ୟା ଓ ବାତ୍ୟା ବିପନ୍ନ ଅଞ୍ଚଳଗୁଡ଼ିକର ଲୋକମାନଙ୍କ ମଧ୍ୟରେ ରିଲିଫ୍ ବଣ୍ଟନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ଏ ବର୍ଷ ୨,୭୨,୦୦୦ ଟଙ୍କା ମଞ୍ଜୁର କରାଯାଇଥିଲା ।

ବେସରକାରୀ ସଙ୍ଗଠନ ଓ ବହୁ ଶିକ୍ଷାନୁଷ୍ଠାନର ଛାତ୍ରମାନେ ବାତ୍ୟା ବିଧ୍ୱସ୍ତ ଅଞ୍ଚଳମାନଙ୍କରେ ସରକାରୀ କର୍ମଚାରୀମାନଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଅକୁଣ୍ଠିତ ଚିତ୍ତରେ ଯେଉଁ ମୂଲ୍ୟବାନ ସାହାଯ୍ୟ କରିଛନ୍ତି, ତାହା ଅବଶ୍ୟ ଉଲ୍ଲେଖଯୋଗ୍ୟ ।

## ଜଳସେଚନ

ଆଞ୍ଚଳିକ ବୈଷମ୍ୟ ଦୂର କରିବା ଉଦ୍ଦେଶ୍ୟରେ ଅଗ୍ରାଧିକାର ଭିତ୍ତିରେ ଜଳସେଚନ ଯୋଜନାଗୁଡ଼ିକୁ ହାତକୁ ନେବା ସରକାରଙ୍କ ନୀତି । ଉକ୍ତ ନୀତିକୁ ଆଖି ଆଗରେ ରଖି ଜଳସେଚନ କାର୍ଯ୍ୟରୁ ସର୍ବାଧିକ ଉପକାର ହାସଲ କରିବା ନିମନ୍ତେ, ଅସମ୍ପୂର୍ଣ୍ଣ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଉପରେ ଅଗ୍ରାଧିକାର ଦିଆଯାଉଛି । ଚଳିତ ବର୍ଷ ତ୍ରିକୋଣ ଭୂମି ଓ ସାଲନ୍ଦୀ ଯୋଜନାଦ୍ୱାରା ସମ୍ପ୍ରସାରଣ ଅନ୍ତର୍ଭୁକ୍ତ ୪୨,୦୦୦ ଏକର ଓ ୨୪,୦୦୦ ଏକର ଜମିରେ ଜଳସେଚନ କରାଯିବ । ଗଞ୍ଜାମ ଜିଲ୍ଲାର ବାହୁଦା ଯୋଜନା ଓ ଢେଙ୍କାନାଳ ଜିଲ୍ଲାର ଦରଜଙ୍ଗ ଯୋଜନାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ, ଆହୁରି ଅଧିକ ଜମିରେ ଜଳସେଚନ ହୋଇପାରିବ । ସାଲିଆ ଓ ଘୋଡ଼ାହାଡ଼ ଯୋଜନା ସମେତ ଉକ୍ତ ଯୋଜନାଗୁଡ଼ିକୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଲାଗି କାମ ହାତକୁ ନିଆଯାଇଛି । ଜଳଶକ୍ତିର ଉପଯୋଗ ମଧ୍ୟମ

ଜଳସେଚନ ଯୋଜନା ଓ ସୁନ୍ଦରଗଡ଼ର ପିତାମହଲ ଯୋଜନା କାର୍ଯ୍ୟ ଆସନ୍ତା ବର୍ଷ ହାତକୁ ନିଆଯିବ ।

ଜଳକର ହାର ସଂଶୋଧନ କମିଟିଙ୍କ ସୁପାରିଶକ୍ରମେ ଖରିଫ୍ ଧାନ ଫସଲ ଉପରୁ ବାଧ୍ୟତାମୂଳକ ମୌଳିକ ଜଳକର ଉଠାଇ ଦିଆଯାଇଛି । ତା' ପରିବର୍ତ୍ତେ କବୁଲସୂତ ଭିତ୍ତିରେ ଖରିଫ୍ ଧାନ ଫସଲପାଇଁ ଜଳ ଯୋଗାଣ ବ୍ୟବସ୍ଥା ନିର୍ଦ୍ଧାରିତ କରାଯିବା ଫଳରେ ଖରିଫ୍ ଧାନପାଇଁ ପ୍ରଚଳିତ ଜଳକର ହାର ଅଧେ କମିଯାଇଛି । ବିଭିନ୍ନ ଅଂଚଳରେ ବିଭିନ୍ନ ଫସଲ ପାଇଁ ଆଂଚଳିକ ହାରରେ ଜଳକର ଧାର୍ଯ୍ୟ କରିବା ପରିବର୍ତ୍ତେ ସମଗ୍ର ରାଜ୍ୟରେ ବିଭିନ୍ନ ରବି ଫସଲ ସକାଶେ କମେଇ ଦିଆ ଯାଇଥିବା ହାରରେ ଏକାଭଳି ଜଳକର ଧାର୍ଯ୍ୟ କରାଯାଇଛି ।

## ଶିଳ୍ପ-ବିକାଶ

ରାଜ୍ୟରେ ଦ୍ରୁତ ଶିଳ୍ପ ପ୍ରସାର ପାଇଁ ସରକାର ଯେଉଁ ନୀତି ଗ୍ରହଣ କରିଛନ୍ତି, ତଦନୁଯାୟୀ ଶିଳ୍ପପତିମାନଙ୍କୁ ନୂତନ ଶିଳ୍ପ ସ୍ଥାପନପାଇଁ କୋହଳ ସର୍ତ୍ତରେ ଜମି, ବିଦ୍ୟୁତ୍ ଶକ୍ତି, ଜଳ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇ ରାଉରକେଲା, ସୁନାବେଡ଼ା, ପାରାଦୀପ ଓ ଅନ୍ୟାନ୍ୟ ଶିଳ୍ପ ଅଂଚଳର ଉନ୍ନତିବିଧାନ କରାଯିବ । ଏଥିପାଇଁ ରାଉରକେଲାରେ ୮୪୩ ଏକର ଜାଗା ବଛାଯାଇଛି । ଏହାକୁ ବ୍ୟବହାରୋପଯୋଗୀ କରିବା ନିମନ୍ତେ ପ୍ରାରମ୍ଭିକ କାର୍ଯ୍ୟ ଚାଲିଛି । ନୂତନ ଶିଳ୍ପ ସ୍ଥାପନ ପାଇଁ ଶିଳ୍ପପତିମାନଙ୍କୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ "ଷ୍ଟେଟ୍-ଏଡ୍ ଟୁ ଇଣ୍ଡଷ୍ଟ୍ରିଜ୍ ଆକ୍ଟ" ଅନୁଯାୟୀ ଉପଯୁକ୍ତ ବିବେଚିତ ଶିଳ୍ପ ସଂସ୍ଥାମାନଙ୍କୁ ଅଂଶ ମୂଳଧନ, ଋଣ, ସରକାରୀ ଗ୍ୟାରେଣ୍ଟି ଆଦି ଆକାରରେ ଆର୍ଥିକ ସାହାଯ୍ୟ ଦିଆଯିବ । ଅଂଶ ମୂଳଧନରେ ଟଙ୍କା ଖଟାଇବାପାଇଁ ବହୁ ଦରଖାସ୍ତ ହସ୍ତଗତ ହୋଇଛି ଓ ଏଗୁଡ଼ିକ ବିଚାରାଧୀନ ରହିଛି ।

ଏହାଛଡ଼ା ଶିଳ୍ପ ସମ୍ଭାବନାର ଅନୁଧ୍ୟାନ ଏବଂ ନୂ ଶିଳ୍ପ ସଂପର୍କୀୟ ପ୍ରୋଜେକ୍ଟ ରିପୋର୍ଟର ସର୍ଭେ ଓ ପ୍ରସ୍ତୁତିପାଇଁ ହେଉଥିବା ଖର୍ଚ୍ଚର ଶତକଡ଼ା ଭାଗ ପର୍ଯ୍ୟନ୍ତ ସରକାର ଦେବେ । ଏହି ପ୍ରୋ ଫଳରେ ବ୍ୟବସାୟୀ ତଥା ଶିଳ୍ପ ଉଦ୍ୟୋଗୀମାନେ ନୂତନ ଶିଳ୍ପ ସ୍ଥାପନପାଇଁ ଆକୃଷ୍ଟ ହେବେ । ଯେଉଁ ସବୁ ନୂତନ ଶିଳ୍ପ ସ୍ଥାପିତ ହେବ ସେଥିରେ ଉତ୍ପା ଆରମ୍ଭ ହେବାର ପ୍ରଥମ ପାଞ୍ଚ ବର୍ଷପାଇଁ ସେମାନ ଶିଳ୍ପ ସଂପର୍କୀୟ କଞ୍ଚାମାଲ ଉପରେ ଟ୍ୟାକ୍ସ ଓ ବି ଟିକସ ବାବଦରେ ଗ୍ରାଣ୍ଟ ଓ ସବ୍‌ସିଡି ଦିଆଯିବ ।

କଞ୍ଚାମାଲ ଓ କଳକବଜା ଉପରେ ଶିଳ୍ପସଂସ୍ଥାମାନ 'ଅକଟ୍ରଇ' ଶୁଳ୍କରୁ ଅବ୍ୟାହତି ଦିଆଯିବ । ଅ ମଧ୍ୟ ସେମାନେ ବ୍ୟବହାର କରୁଥିବା ବିଦ୍ୟୁତ୍ ପାଇଁ ସାଧାରଣ ଶୁଳ୍କ (ଟାରିଫ୍) ଅପେକ୍ଷା ଶତକଡ଼ା ୧୨½ ଭାଗ ରିଆତି ହାରରେ ଶୁଳ୍କ ଧାର୍ଯ୍ୟ କରାଯିବ । କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକୁ ଉତ୍ସାହିତ କରିବାପାଇଁ ରାଜ୍ୟ ଅର୍ଥ କର୍ପୋରେସନରୁ ଋ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ।

ପାରାଦୀପ ଉନ୍ନୟନ ସଂସ୍ଥା ଏବଂ ରାଉରକେଲା ଓ ଅନ୍ୟାନ୍ୟ ଶିଳ୍ପ ଅଞ୍ଚଳ ପାଇଁ ସେହିଭଳି ଉନ୍ନୟ ସଂସ୍ଥାମାନ ସ୍ଥାପନ କରିବାଲାଗି ସରକାର ଚି କରୁଛନ୍ତି । ଜଗତପୁର, ପାରାଦୀପ, ତାଳଚେର, ସୁନାବେଡ଼ା ଓ ରାଉରକେଲାଠାରେ ଅଧିକା ଶି ଶିଳ୍ପାଞ୍ଚଳ ସ୍ଥାପିତ ହେବ ଏବଂ ଆସନ୍ତା ବର୍ଷ କଟକ ଓ ରାଉରକେଲାଠାରେ ଥିବା ଶିଳ୍ପାଞ୍ଚଳଗୁଡ଼ିକୁ ସଂପ୍ରସାରି କରାଯିବ ।

କେନ୍ଦ୍ରୀୟ ଓ ବେସରକାରୀ ଉଦ୍ୟୋଗରେ ସମ୍ବଳିତ ଶିଳ୍ପ କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣରେ ଅ ବିନିଯୋଗ କରିବା ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି । କୋଇଲାକୁ ବ୍ୟବହାର କରି ପ୍ରାୟ

କୋଟି ଟଙ୍କା ବ୍ୟୟରେ ତାଳଚେରଠାରେ ଗୋଟିଏ ସାର କାରଖାନା ଓ ୫୦ କୋଟି ଟଙ୍କା ବ୍ୟୟରେ ପାରାଦୀପଠାରେ ଆଉ ଗୋଟିଏ ସାର କାରଖାନା ସ୍ଥାପନ କରିବା ପ୍ରସ୍ତାବକୁ ଆଗେଇ ନେବାପାଇଁ ସରକାର କାର୍ଯ୍ୟ କରୁଛନ୍ତି । ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟମ ଓ କ୍ଷୁଦ୍ର ଧରଣର କଳକାରଖାନା ଓ ଅନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଫେରୋ-ଭାନାଡ଼ିୟମ କାରଖାନା, ଗଂଜାମ ଜିଲ୍ଲାରେ ଗୋଟିଏ ରାସାୟନିକ ଶିଳ୍ପ ସମନ୍ୱୟ ଓ ଦକ୍ଷିଣ-ଓଡ଼ିଶାରେ ଗୋଟିଏ ସମ୍ମିଳିତ ଅଲୁମିନିୟମ କାରଖାନା ସ୍ଥାପନର ସମ୍ଭାବନା ସଂପର୍କରେ ସରକାର ଅନୁସଂଧାନ କରାଉଛନ୍ତି । ଏହି ପରିକଳ୍ପନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଦ୍ୱାରା ଅର୍ଥନୈତିକ ବିକାଶର ବେଗ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଏହି ରାଜ୍ୟର ଅଧିବାସୀମାନଙ୍କପାଇଁ ବିଶେଷଭାବେ ଆବଶ୍ୟକ ହେଉଥିବା କର୍ମସଂସ୍ଥାନର ସୁବିଧାସୁଯୋଗ ମଧ୍ୟ ବୃଦ୍ଧି ପାଇବ ।

ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ କ୍ଷତିରେ ଚାଲିତ ହେଉଥିବାରୁ ସରକାର ତାହା ଭାଙ୍ଗିଦେଇ ନିଜ ଉପରେ ଦାୟିତ୍ୱ ବହନ କରିଛନ୍ତି । ଏହିସବୁ ହସ୍ତଶିଳ୍ପ ସମିତିର ଉତ୍ପାଦିତ ମାଲ୍ ଯଥେଷ୍ଟ ବିକ୍ରି ହେବାର ସମ୍ଭାବନା ରହିଛି ଓ ଯେଉଁସବୁ ସମିତି ବହୁ ସଂଖ୍ୟକ କାରିଗରଙ୍କୁ କାର୍ଯ୍ୟରେ ନିଯୁକ୍ତି ଦେଉଛନ୍ତି, ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆର୍ଥିକ ସାହାଯ୍ୟ ଦିଆଯାଉଛି ।

## କୃଷି ଉତ୍ପାଦନ

କୃଷି ପୂର୍ବାପେକ୍ଷା ଅଧିକ ଭାବରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଛି ଓ ସଘନ ଚାଷ ତଥା ଅଧିକ ଉତ୍ପାଦନପାଇଁ କୃଷକମାନଙ୍କୁ ଉତ୍ସାହିତ କରାଯାଉଛି । ଅଧିକ ଉତ୍ପାଦନପାଇଁ ସମ୍ବଳ ମିଳିବାରେ ଯେଉଁ ବିଳମ୍ବ ଘଟୁଛି, ତାକୁ ଏଡ଼ାଇବା ଉଦ୍ଦେଶ୍ୟରେ ଋଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ଓ ଗୋଟିଏ କୃଷି ଋଣ କର୍ପୋରେସନ ସ୍ଥାପନ କରାଯିବ । ଯାନ୍ତ୍ରିକ କୃଷି କାର୍ଯ୍ୟକୁ ଉତ୍ସାହିତ କରିବା ନିମନ୍ତେ ଅଳ୍ପ ଦିନ ତଳେ ଆରମ୍ଭ କରାଯାଇଥିବା କୃଷି-ଶିଳ୍ପ କର୍ପୋରେସନ୍ ଯନ୍ତ୍ରପାତି ଯୋଗାଇ ଦେବେ ଓ ଯନ୍ତ୍ରପାତି ଭଡ଼ା ଦେବାପାଇଁ କେନ୍ଦ୍ରମାନ ଖୋଲିବେ । ଦୀର୍ଘ ମିଆଦି ଋଣ ଦେବାପାଇଁ ଭୂ-ବନ୍ଧକ ବାଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଋଣପତ୍ର (ଡିବେଞ୍ଚର) କାର୍ଯ୍ୟକ୍ରମରେ ଟଙ୍କା ଖଟାଇବା ପାଇଁ ବ୍ୟବସ୍ଥା ରଖାଯାଇଛି । କୃଷୀମାନଙ୍କ ନିକଟରେ ରାସାୟନିକ ସାର ସୁବିଧାରେ ପହଞ୍ଚାଇ ଦେବା ପାଇଁ ସମବାୟ ସମିତିମାନେ ଯେଉଁଭାବରେ କାର୍ଯ୍ୟ କରୁଛନ୍ତି, ଠିକ୍ ସେହିଭାବରେ ରାସାୟନିକ ସାର ଓ କୀଟାଣୁନାଶକ ଔଷଧ କାରବାର କରିବା ପାଇଁ ବେସରକାରୀ ବ୍ୟବସାୟୀମାନଙ୍କୁ ସେଥି ସହିତ ପରିଣତ କରାଇ ଦିଆଯିବ ଓ କ୍ଷମତା ଦିଆଯିବ ।

## ଖାଦ୍ୟ ପରସ୍ଥିତି

କେନ୍ଦ୍ର ସରକାରଙ୍କ ନୀତି ସହିତ ସାମଞ୍ଜସ୍ୟ ରକ୍ଷାକରି ଖାଦ୍ୟ ଶସ୍ୟରେ ସ୍ୱାବଲମ୍ବୀ ହେବା ଓ ବଳକା ଖାଦ୍ୟ ପଦାର୍ଥ ସଂଗ୍ରହକରି ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ କରି ରଖିବା ସରକାରଙ୍କ ଲକ୍ଷ୍ୟ ହୋଇ ଆସିଛି । ଏହି ରାଜ୍ୟରେ ଖାଦ୍ୟ ଶସ୍ୟର ସଂଗ୍ରହ ଓ ବଣ୍ଟନପାଇଁ ଭାରତ ଖାଦ୍ୟ କର୍ପୋରେସନଙ୍କୁ ପୁନର୍ବାର ଏକମାତ୍ର ଏଜେଣ୍ଟରୂପେ ନିଯୁକ୍ତ କରାଯାଇଛି । ମରୁଡ଼ି, ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଅନ୍ୟାନ୍ୟ କାରଣ ଯୋଗୁଁ ଗତବର୍ଷ ସଂଗ୍ରହ କାର୍ଯ୍ୟରେ ବିଶେଷ ପ୍ରତିବନ୍ଧକ ସୃଷ୍ଟି ହୋଇଥିବାରୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇ ପାରି ନ ଥିଲା ଏବଂ ୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ହେଁ ମାତ୍ର ୧,୫୯,୫୩୫·୬୫ ମେଟ୍ରିକ୍ ଟନ୍ ଚାଉଳ

ସଂଗ୍ରହ କରାଯାଇ ପାରିଥିବ। ଆବଶ୍ୟକୀୟ ଆଭ୍ୟନ୍ତରୀଣ ଆବଶ୍ୟକତା ପୂରଣ କରାଯିବା ପରେ ସେଥିମଧ୍ୟରୁ କେବଳ ୩୮,୨୫୨ ମେଟ୍ରିକ୍ ଟନ୍ ଚାଉଳ ବାହାରକୁ ରପ୍ତାନି ହୋଇ ପାରିଥିଲା। ଆସନ୍ତା ବର୍ଷ ୨.୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଅଧିକାଂଶ ଜିଲ୍ଲାରେ ଭଲ ଫସଲର ସମ୍ଭାବନା ଥିବାରୁ ୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହପାଇଁ ଉଦ୍ୟମ କରାଯାଉଛି। ଏହି ଉଚ୍ଚତର ଲକ୍ଷ୍ୟ ହାସଲ ଅଭିପ୍ରାୟରେ ଏକ ବହୁଗୀୟ ପରିକଳ୍ପନା ପ୍ରସ୍ତୁତ କରାଯାଉଛି। ରାଜ୍ୟର ସେଉଁସବୁ ଅଭ୍ୟନ୍ତରୀଣ ଅଞ୍ଚଳରେ ସଂଗ୍ରହ କାର୍ଯ୍ୟପାଇଁ ଭାରତ ଖାଦ୍ୟ କର୍ପୋରେସନର ଉପଯୁକ୍ତ ସଂଖ୍ୟକ କର୍ମଚାରୀ ନାହାନ୍ତି, ସେହି ସ୍ଥାନମାନଙ୍କରେ ଯୋଗାଣ ତଥା ମହଜୁଦକାରୀ ଏଜେଣ୍ଟ ନିଯୁକ୍ତକରି ଢିଙ୍କିଛଟା ବା କଳଛଟା ଚାଉଳ ସଂଗ୍ରହ କରିବା ହିଁ ଏହି ପରିକଳ୍ପନାର ଉଦ୍ଦେଶ୍ୟ। ଏ ପର୍ଯ୍ୟନ୍ତ ଯାହା ସଂଗ୍ରହ କରାଯାଇଛି, ତାହା ବେଶ୍ ଉତ୍ସାହଜନକ।

## ଦରଦାମ ବୃଦ୍ଧି

ଜିନିଷପତ୍ରର ଦର କାହିଁକି ହୁ ହୁ ବଢ଼ିଯାଉଛି ତାହାର କାରଣ ନିର୍ଣ୍ଣୟ କରିବା ଏବଂ ଅତ୍ୟାବଶ୍ୟକ ଦ୍ରବ୍ୟ ତଥା ଖାଦ୍ୟପଦାର୍ଥ ମହଜୁଦ୍ ରଖିବା ଓ ସେଥିରେ ଚୋରାବଜାର କରିବା ମନୋବୃତ୍ତିକୁ ଖର୍ବ କରିବାପାଇଁ ପ୍ରତିବିଧାନ ସୁପାରିଶ କରିବା ନିମନ୍ତେ "ରାଜ୍ୟ ପୌର ଯୋଗାଣ ଦରଦାମ୍ ଅନୁସନ୍ଧାନ କମିଟି" ଗଢ଼ା ଯାଇଥିଲା। ଘଟଣାସ୍ଥଳରେ ସମସ୍ୟା-ଗୁଡ଼ିକର ବ୍ୟାପକ ଅନୁଧ୍ୟାନ ସକାଶେ ଏହି କମିଟି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗସ୍ତ କରିଛନ୍ତି ଏବଂ ସେମାନଙ୍କର ରିପୋର୍ଟ ଅଳ୍ପଦିନ ଭିତରେ ମିଳିବ ବୋଲି ଆଶା କରାଯାଏ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନୁସନ୍ଧାନ କରିବା ସମୟରେ କମିଟିଙ୍କ ଉପସ୍ଥିତି ସେଠାକାର ବ୍ୟବସାୟୀ ଓ ଖାଉଟିମାନଙ୍କ ଉପରେ ଏକ ସୁସ୍ଥ ପ୍ରଭାବ ପକାଇ ପାରନ୍ତି। ରାଜ୍ୟ, ଜି... ସବ୍‌ଡିଭିଜନ ସ୍ତରରେ ଥିବା ପୌର ଯୋଗାଣ କମି... ଗୁଡ଼ିକର ନିୟମିତ ବୈଠକ ବସୁଛି ଓ ସେମାନଙ୍କ... ସକ୍ରିୟ ଆଗ୍ରହ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ... ବଣ୍ଟନ କାର୍ଯ୍ୟ ସୁବ୍ୟବସ୍ଥିତ ରୂପେ ସଂପାଦିତ ହେଉଛି।

ଓଜନ ଓ ମାପ କାର୍ଯ୍ୟକ୍ରମର ସୁବିଧାପାଇଁ ପର୍ଯ୍ୟ... ତାଲିମପ୍ରାପ୍ତ ଇନ୍‌ସପେକ୍ଟରମାନଙ୍କୁ ବିଭିନ୍ନ ଜିଲ୍ଲା... ଅବସ୍ଥାପିତ କରାଯାଇଛି ଓ ପ୍ରତି ଡିଭିଜନ ସ୍ତରରେ ଜଣେ ସହକାରୀ ନିୟନ୍ତ୍ରକଙ୍କୁ ଅବସ୍ଥାପିତ କରା... ଯାଇଛି। ଅନୁମୋଦିତ ଓଜନ ଓ ମାପର ପରୀକ୍ଷା... ରକ୍ଷା କରିବାପାଇଁ ଆସନ୍ତା ବର୍ଷ ରାଜ୍ୟ ସଦର ମୁକାମରେ ଉତ୍ତମ ଯନ୍ତ୍ରପାତି-ସମ୍ବଳିତ ଲେବୋ... ଗବେଷଣାଗାର ସ୍ଥାପନ କରାଯିବ।

## ମତ୍ସ୍ୟ ଶିଳ୍ପ

ସମ୍ବଳବୃଦ୍ଧି ଓ ପୁଷ୍ଟିର ଅନନ୍ତ ଖାଦ୍ୟ... ଏକ ସମ୍ଭାବ୍ୟ ଉତ୍ସ ହେଉଛି ମତ୍ସ୍ୟ ଶିଳ୍ପ। ଏହା... ଉନ୍ନୟନ ସକାଶେ ରାଜ୍ୟରେ ବିରାଟ କ୍ଷେତ୍ର ରହିଛି। ରାଜ୍ୟରେ ଥିବା ସୁଦୀର୍ଘ ସମୁଦ୍ର ଉପକୂଳ ଏ... ବହୁସଂଖ୍ୟକ ପୁଷ୍କରିଣୀ ଓ ହ୍ରଦରୁ ସାମୁଦ୍ରିକ ଓ... ଅଭ୍ୟନ୍ତରୀଣ ମାଛ ଧରିବାର ଯଥେଷ୍ଟ ସମ୍ଭାବ... ରହିଛି। ପର୍ବତାଂଚଳ ଅଂଶରେ ରହିଥିବା ଗଭୀର... ଜଳଭଣ୍ଡାରର ଉନ୍ନୟନ କରାଯାଇ ସେଥିରୁ ମା... ପାଖାପାଖି ଅଞ୍ଚଳବର୍ତ୍ତୀ ଜିଲ୍ଲାମାନଙ୍କୁ ଯୋଗାଇ ଦିଆଯିବ... ଉନ୍ନତ ମତ୍ସ୍ୟ ଉତ୍ପାଦନ ସମ୍ପର୍କୀୟ ପ୍ରଯୁକ୍ତିବିଦ୍ୟା... ଗବେଷଣାପାଇଁ ଥିବା ପରିକଳ୍ପନା ଚଳିତ ବ... ମଧ୍ୟରେ ଆରମ୍ଭ କରାଯିବ। ଚକ୍ଷୁ-କର୍ଣ୍ଣ ମାଧ୍ୟମ, ମ... ସମ୍ପର୍କୀୟ ପତ୍ରପତ୍ରିକା ଓ ସଂପ୍ରସାରଣ କର୍ମ... ଜରିଆରେ ଉନ୍ନତ ମାଛଚାଷ ସଂପର୍କରେ ତ... ପରିବେଷଣ କରିବାପାଇଁ ମତ୍ସ୍ୟ ତଥ୍ୟ ଓ ପରିସଂଖ୍ୟା... ସଂସ୍ଥାର ପୁନର୍ଗଠନ କରାଯିବ। ଜଳସେଚ...

...ଦେଶରେ ନଦୀ ଓ ଝରଣାମାନଙ୍କରେ ନୂଆ ହୋଇ ...ଣି ହୋଇଥିବା ଯେଉଁ ସବୁ ଜଳଭଣ୍ଡାର ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି, ସେଗୁଡ଼ିକୁ ସଘନ ମତ୍ସ୍ୟ ଚାଷ ପ୍ରକାରେ ବ୍ୟବହାର କରାଯିବ । ନଦୀ ମୁହାଣ-ଗୁଡ଼ିକର ଲୁଣାଜଳ ଯେଉଁଠାରେ ଜୁଆର ଲାଗିବା ଓ ଉତ୍ପାଦନ ସୁବିଧାଜନକ ସେଗୁଡ଼ିକୁ ମାଛଧରା ପୋଖରୀରେ ପରିଣତ କରିବା ପାଇଁ ସ୍ୱତନ୍ତ୍ର ଯୋଜନାଙ୍କର ପୃଷ୍ଠପୋଷକତାରେ ଯେଉଁ ପରିକଳ୍ପନା ପ୍ରସ୍ତୁତ କରାଯାଇଛି, ତାହା କାର୍ଯ୍ୟକାରୀ କରାଯିବ ଏବଂ ଗଞ୍ଜାମ ଜିଲ୍ଲାର ଗୋପାଳପୁର ଓ ବାଲୁଗାଁ, ପୁରୀର ...ର ଦୂର୍, କଟକର ପାରାଦୀପ ଓ ବାଲେଶ୍ୱର ଜିଲ୍ଲାର ...ଓ ବୁଢ଼ାବଳଙ୍ଗଠାରେ ଏ କାର୍ଯ୍ୟ ହାତକୁ ନିଆଯିବ ।

## ରାସ୍ତାଘାଟ

ବୁଢ଼ାବଳଙ୍ଗ ନଦୀରେ ପ୍ରବଳ ବନ୍ୟା ଯୋଗୁଁ ବାଲେଶ୍ୱର ନିକଟରେ ଥିବା ପୋଲର ପ୍ରବେଶ ଦ୍ୱାର ଧୋଇ ହୋଇ ଯାଇଥିଲା । ବୁଢ଼ାବଳଙ୍ଗ ନଦୀର ବନ୍ୟା ସମସ୍ୟା ସଂପର୍କରେ ସବିଶେଷ ଅନୁସନ୍ଧାନ ତଥା ପ୍ରତିକାର ଉପରେ ରିପୋର୍ଟ ଦେବା ନିମନ୍ତେ ନିଯୁକ୍ତ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ତାଙ୍କ ରିପୋର୍ଟ ଦାଖଲ କରି ...ଥିଲେ ମଧ୍ୟ ଅଉ ଅଧିକ କ୍ଷୟକ୍ଷତିରୁ ପ୍ରତିରୋଧ ନିମନ୍ତେ ଅସ୍ଥାୟୀ ନଳା ଉପରେ ଥିବା ପୋଲ ଓ ବୁଢ଼ାବଳଙ୍ଗର ପାଣି ଖବର ଦେବା ଅଞ୍ଚଳରେ ଥିବା ଅନ୍ୟ ଏକ ପୋଲକୁ ପ୍ରସାରିତ କରାଯାଇଛି । ୧୯୬୮ ମସିହାର ଶେଷ ସପ୍ତାହରେ ଅଭୂତପୂର୍ବ ବନ୍ୟା ଓ ବାତ୍ୟା ହେତୁ ପାଞ୍ଚ ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା-...ି ବାଲୁଗାଁ ମଧ୍ୟରେ ଅନେକ ସ୍ଥାନରେ ବିଶେଷ-ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଏହାର ମରାମତି ପାଇଁ ...ତ ସରକାର ଅଧିକ ସାହାଯ୍ୟର ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦୁଝର ଓ ପାଲଲହଡ଼ା ମଧ୍ୟରେ ...ନମ୍ବର ଜାତୀୟ ରାଜପଥକୁ ମୋଟରଯାନ ଚଳାଚଳ ଉପଯୋଗୀ କରିବାପାଇଁ ଏହି ବନ୍ଦରର ସର୍ଭେ ଓ ଅନୁସନ୍ଧାନ ଉପରେ ଗୁରୁତ୍ୱ ଦିଆଯାଇଛି ।

## ପରିବହନ

ରାଜ୍ୟ ପରିବହନ ସଂସ୍ଥା ଅଧିକ ଲୋକପ୍ରିୟ ହୋଇଛି ଓ ସନ୍ତୋଷଜନକ ଭାବେ କାର୍ଯ୍ୟ କରୁଛି । ଅଧିକା ରାସ୍ତାରେ ବସ୍ ଚଳାଇବା ସକାଶେ ଜନ-ସାଧାରଣଙ୍କ ତରଫରୁ ବିଶେଷ ଦାବି ହେଉଥିଲେ ମଧ୍ୟ ତାହା ପୂରଣ କରିବାପାଇଁ ବର୍ତ୍ତମାନ ରହିଥିବା ବସ୍‌ଗୁଡ଼ିକର ସଂଖ୍ୟା ଯଥେଷ୍ଟ ନୁହେଁ । ତେଣୁ ଏହି ସୁବିଧା ପୂରଣ ଉଦ୍ଦେଶ୍ୟରେ ଅତିରିକ୍ତ ଦୁଇଟି ଲାଭଜନକ ହେଉ ନ ଥିବା ୨୨ଟି ବସ୍‌କୁ ରାସ୍ତାରେ ବସ୍ ଚଳାଚଳ ନିମନ୍ତେ ଛାଡ଼ିବାପାଇଁ ସରକାର ସ୍ଥିର କରିଛନ୍ତି । ରାଜ୍ୟର ରାଜଧାନୀ ସହିତ ଜିଲ୍ଲା ସଦର ମୁକାମଗୁଡ଼ିକୁ ବସ ଚଳାଚଳ ଦ୍ୱାରା ସଂଯୁକ୍ତ କରିବାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି ଏବଂ ଏକମାତ୍ରରେ କଲିକତା ସହ ଓ ଅନ୍ୟ ରାଜ୍ୟର ସହର ସହିତ ତୀର୍ଥସ୍ଥଳୀ ପୁରୀର ଯୋଗାଯୋଗ ସ୍ଥାପନ କରିବା ପରୀକ୍ଷାଧୀନ ରହିଛି । ରାଜ୍ୟ ଭିତରେ ମାଇଁ ଏବଂ ଅନେକଗୁଡ଼ିଏ ପଞ୍ଚାୟତି ରାସ୍ତା ହେତୁ ସହରର ଲୋକମାନଙ୍କ ଯେଉଁ ଅସୁବିଧା ହେଉଅଛି, ସେମାନଙ୍କୁ ରକ୍ଷା କରିବାପାଇଁ ରାଜ୍ୟର ୧୩ଟି ଜାଗାରେ ମିନିବସ ଚଳାଇବାକୁ ଦିଆଯାଉଛି । ଜଳପଥରେ ପରି-ବହନର ସୁବିଧା ଯୋଗାଇ ଦେବାପାଇଁ ମହାନଦୀରେ ତୋଳପୁର ଓ କଟକ ମଧ୍ୟରେ ଏବଂ ତାଳଦଣ୍ଡା କେନାଲରେ ନୌ-ଚଳାଚଳ ଆରମ୍ଭ କରାଯାଇ ଆଭ୍ୟନ୍ତରୀଣ ଜଳ ପରିବହନ ସଂସ୍ଥାର କାର୍ଯ୍ୟ ହାତକୁ ନିଆଯିବ ।

ଇସ୍ପାତ କାରଖାନା ଏବଂ ଖଣିଜ ପଥର ଥିବା ଅଞ୍ଚଳମାନଙ୍କ ସହିତ ପାରାଦୀପ ବନ୍ଦରର ପ୍ରତ୍ୟକ୍ଷ ଯୋଗାଯୋଗ ରହିବା ଉଦ୍ଦେଶ୍ୟରେ ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣର ଆବଶ୍ୟକତା ଅତି

ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ୁଛି ଏବଂ ଏ ବିଷୟ ଭାରତ ସରକାରଙ୍କ ହୃଦବୋଧ କରାଇ ଦିଆଯାଇଛି । ଏହି ରେଳପଥର ପ୍ରାରମ୍ଭିକ ଇଞ୍ଜିନିୟରିଂ ଓ ଯାତାୟାତ ସର୍ଭେ କାର୍ଯ୍ୟ ଆସନ୍ତା ବର୍ଷ ହାତକୁ ନିଆଯିବା ଆଶା କରାଯାଏ । କଟକ-ପାରାଦୀପ ଓସାରିଆ ରେଳପଥ (ବ୍ରଡ଼ଗେଜ୍) ପାଇଁ ଜମି ଦଖଲ କାମ ଆଗେଇ ଚାଲିଛି ଏବଂ ଏହା ଶୀଘ୍ର ଶେଷ ହୋଇଯିବ । ୧୯୬୯ ଫେବୃଆରୀ ୧୬ ତାରିଖ ଦିନ ଆନୁଷ୍ଠାନିକଭାବେ ନିର୍ମାଣ କାର୍ଯ୍ୟର ଉଦ୍‌ଘାଟନ ପରେ ଏହି ରେଳପଥର ନିର୍ମାଣ ଆରମ୍ଭ ହୋଇଛି ।

## ବନ୍ଦର

ଚାନ୍ଦବାଲି ଓ ଗୋପାଳପୁର କ୍ଷୁଦ୍ର ବନ୍ଦର ଏବଂ ଏକ ମାଛ ଧରା ପୋତାଶ୍ରୟ ରୂପେ ଚିଲିକା ହ୍ରଦର ବିକାଶ ସାଧନ ପାଇଁ ପରିକଳ୍ପନାମାନ ଚତୁର୍ଥ ଯୋଜନାର ଅନ୍ତର୍ଭୁକ୍ତ କରିବାକୁ ଭାରତ ସରକାରଙ୍କ ନିକଟରେ ଦାଖଲ କରାଯାଇଛି । କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ବମ୍ବେଠାରେ ଅନୁଷ୍ଠିତ କ୍ଷୁଦ୍ର ବନ୍ଦର ସମ୍ମିଳନୀ ବିକାଶ ପାଇଁ ଓଡ଼ିଶାରେ ବନ୍ଦର ବାଛିବା ସକାଶେ ଗୋଟିଏ କମିଟି ଗଢ଼ିବାକୁ ସ୍ଥିର କରିଛନ୍ତି । ଏହି କମିଟି ଖୁବ୍ ଶୀଘ୍ର ଗଠିତ ହେବ । ରାଜ୍ୟ ସରକାର ପାରାଦୀପ ବନ୍ଦରର ବିକାଶ ପାଇଁ ସଚେତନ ରହିଛନ୍ତି ଏବଂ ଏହି ବନ୍ଦରର ସର୍ବାଙ୍ଗୀନ ବିକାଶ ପାଇଁ ଭାରତ ସରକାରଙ୍କ ସହ ଘନିଷ୍ଠ ଯୋଗାଯୋଗ ରଖିଛନ୍ତି ।

## ବିଦ୍ୟୁତ୍ ଉତ୍ପାଦନ

ବ୍ୟାପକ ଶିଳ୍ପ ପ୍ରସାରକୁ ତ୍ୱରାନ୍ୱିତ କରିବା ପାଇଁ ବର୍ତ୍ତମାନର ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍‌ଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରାଯିବ ଏବଂ ନୂତନ ୟୁନିଟ୍‌ଗୁଡ଼ିକର ନିର୍ମାଣ ପାଇଁ ଯୋଜନା କରାଯିବ । ତାଲଚେର ତାପ-ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରର ଚତୁର୍ଥ ୟୁନିଟ୍ ଅଳ୍ପଦିନ ମଧ୍ୟରେ କାର୍ଯ୍ୟକାରୀ ହେବ ।

ବାଲିମେଳା ଯୋଜନାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ଏବଂ ଅପର ଇନ୍ଦ୍ରାବତୀ ଓ ଅପର କୋଲାବ ଯୋଜନାରେ ନୂତନ ବିଦ୍ୟୁତ୍ ଉତ୍ପାଦନ ପରିକଳ୍ପନାମାନ ଏଠା ଚତୁର୍ଥ ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି । ଗ୍ରାମାଞ୍ଚଳ ବିଦ୍ୟୁତ୍ ସରବରାହ ଓ ଉଠା ଜଳସେଚନ ସଂପର୍କିତ ସମ୍ମିଳିତ ପରିକଳ୍ପନାର କାର୍ଯ୍ୟ ସୁରୁଖୁରୁ ରୂପେ ଆଗେଇ ଚାଲିଛି । ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ଉପରସ୍ତରୀ ଝରଣା ଓ ଜଳ ଉତ୍ସର ଅଭାବ ଯୋଗୁଁ ଲୋକମାନେ ଉଠା ଜଳସେଚନ ଯୋଜନା ପ୍ରତି ଅଧିକ ଆଗ୍ରହୀ ହୋଇଛନ୍ତି । ବହୁ ଫସଲ ଚାଷ ପାଇଁ ଉଠା ଜଳସେଚନ ସୁବିଧା ଯୋଗାଇ ଦେବାକୁ ସବୁ ଜିଲ୍ଲାରୁ ବହୁ ସଂଖ୍ୟାରେ ଦାବୀ ହସ୍ତଗତ ହୋଇଛି । ଆସନ୍ତା ବର୍ଷ ୭୦ଟି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ଓ ୮୦ଟି ସ୍ଥାନରେ ଉଠା ଜଳସେଚନ ପାଇଁ ବିଦ୍ୟୁତ୍ ଯୋଗାଇ ଦେବା ସଂପର୍କୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ୫,୧୦୦ ବର୍ଗ ମାଇଲ ଅଂଚଳରେ ଭୂ-ଗର୍ଭସ୍ଥ ଜଳ ସର୍ଭେ ଓ ଅନୁସନ୍ଧାନ କାମ ତଥା ଭୂ-ଜଳ ସଂପର୍କୀୟ ପର୍ଯ୍ୟବେକ୍ଷଣ ସର୍ଭେ କାର୍ଯ୍ୟ ଶେଷ ହୋଇଛି ଏବଂ ବଛାବଛା ସ୍ଥାନମାନଙ୍କରେ ପରୀକ୍ଷା ମୂଳକ ଭାବରେ ଭୂ-ଗର୍ଭ ଖନନ (ଡ୍ରିଲିଂ) କରାଯାଇ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ଚାଲିଛି । ଏହି କାର୍ଯ୍ୟକ୍ରମକୁ ବହୁଳଭାବରେ ସମ୍ପାଦନ କରାଯିବା ଫଳରେ ଉଠା ଜଳସେଚନ ପାଇଁ ଅଧିକ ନଳକୂପ ଯୋଗାଇ ଦେବା ସମ୍ଭବ ହେବ ।

## ଖଣିଜ ସଂପଦର ବିକାଶ

ଖଣିଜ ରିଆଇତି ପ୍ରଦାନ ସମ୍ପର୍କରେ ସରକାର ଏକ ଉଦାର ନୀତି ଅନୁସରଣ କରୁଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଟାଟା କମ୍ପାନୀ ଦଖଲରେ ଯେଉଁ ସବୁ ଅଞ୍ଚଳ ଥିଲା, ସେସବୁ ଅଞ୍ଚଳର ଖଣି ଗୁଡ଼ା ବେସରକାରୀ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କ

ଦିଆଯାଉଛି । ଅଧିକ ମାତ୍ରାରେ ଖଣିଜ ପଦାର୍ଥ ଉତ୍ତୋଳନ ନିମନ୍ତେ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ସଂରକ୍ଷଣ ନ କରିବା ପ୍ରଶ୍ନ ସକ୍ରିୟଭାବେ ବିବେଚନାଧୀନ ରହିଛି । ରପ୍ତାନି ବାଣିଜ୍ୟରେ ସାଧାରଣ ମାନ୍ଦା ଅବସ୍ଥା, ଇସ୍ପାତ କାରଖାନାଗୁଡ଼ିକର ସଂପ୍ରସାରଣ କାର୍ଯ୍ୟକ୍ରମ ପୂର୍ଣ୍ଣାଙ୍ଗ ହେବାରେ ବିଳମ୍ବ, ମେଟାଲ୍ ମାଙ୍ଗାନିଜ୍ ଟ୍ରେଡିଂ କର୍ପୋରେସନ ଦ୍ୱାରା ମାଲ୍ ନେବାରେ କଟକଣା ପ୍ରଭୃତି କାରଣରୁ ଖଣି, ରେଳ-ଷ୍ଟେସନ ଓ ବନ୍ଦର ପାଖରେ ଲୌହ ଓ ମାଙ୍ଗାନିଜ୍ ପଥର ଜମା ହୋଇ ରହିଛି । ଲୌହ ଓ କୋଇଲାର ଦରକୁ ଛାଡ଼ି ଅନ୍ୟ ସମସ୍ତ ପ୍ରଧାନ ଖଣିଜ ପଦାର୍ଥର ଦର ଅଳ୍ପଦିନ ତଳେ ଭାରତ ସରକାରଙ୍କ ଦ୍ୱାରା ସଂଶୋଧିତ ହେବା କାରଣରୁ ମାତ୍ର ଖୁବ୍ ସ୍ୱଳ୍ପ ପରିମାଣର ଅତିରିକ୍ତ ରାଜସ୍ୱ ମିଳିବ ବୋଲି ଆଶା କରାଯାଉଛି । କେନ୍ଦୁଝର-ବଣାଇ ଅଞ୍ଚଳରୁ ରପ୍ତାନି ଉଦ୍ଦେଶ୍ୟରେ ବାର୍ଷିକ ପାଞ୍ଚ ନିୟୁତ ମେଟ୍ରିକ୍ ଟନରୁ ଅଧିକ ଲୁହାପଥର ଯୋଗାଇ ଦିଆଯିବାର ପ୍ରଭୂତ ସମ୍ଭାବନା ରହିଛି । ଏଥିପାଇଁ ସେସବୁ ଅଞ୍ଚଳ ଓ ପାରାଦୀପ ବନ୍ଦର ମଧ୍ୟରେ ଗୋଟିଏ ସିଧା ସଳଖ ରେଳ ଯୋଗାଯୋଗର ଆବଶ୍ୟକତା ରହିଛି । ମଲ୍ଲଙ୍ଗଟୋଲିଠାରେ ଗଚ୍ଛିତ ଥିବା ଲୁହାପଥର ଉତ୍ତୋଳନର ସମ୍ଭାବନା ସମ୍ପର୍କରେ ଭାରତ ସରକାରଙ୍କୁ ଦାଖଲ କରାଯିବା ପାଇଁ ଏକ ରିପୋର୍ଟ ପ୍ରସ୍ତୁତ ହେଉଛି ।

## କୃଷି-ଋଣ

ଉତ୍ପାଦନ ସକାଶେ ଋଣ ଦେବା ପାଇଁ ରିଜର୍ଭବ୍ୟାଙ୍କର ଦାବୀ ହେଉଥିବାରୁ ଗ୍ରାମ୍ୟ ସ୍ତରରେ ଦୁର୍ବଳ ଓ ମୃତକଳ୍ପ ସମବାୟ ସମିତିଗୁଡ଼ିକୁ ବନ୍ଦ କରିଦେଇ ସେଗୁଡ଼ିକୁ ଏକାଠି ମିଶାଇ ଦେବା ଓ ସୁଦୃଢ଼ ସମବାୟ ସମିତି ଗଠନ କରିବା ଆବଶ୍ୟକ ହୋଇପଡ଼ୁଛି । ଆଗରୁ ଗଠିତ ହୋଇଥିବା ସମିତିଗୁଡ଼ିକ ଛଡ଼ା ଆହୁରି ୭୭୭ଟି ସମବାୟ ସମିତି ଆସନ୍ତା ବର୍ଷ ପୁନର୍ଗଠିତ ହେବ ଏବଂ ଗ୍ରାମବାସୀମାନଙ୍କ ପାଇଁ ଆବଶ୍ୟକ ହେଉଥିବା ସେବା କାର୍ଯ୍ୟ ସଂପାଦନ କରିବା ସକାଶେ ସେଗୁଡ଼ିକୁ ମୂଳରୁ କୃଷି ଋଣର ଆବଶ୍ୟକତା ତୁଲାଇବା ଦିଗରେ ନିୟୋଜିତ କରାଯିବ । ଅଂଶ ମୂଳଧନରେ ରାଜ୍ୟ ସରକାରଙ୍କର ଅଂଶ ରହିବା ଦ୍ୱାରା ସେସବୁ ସମିତିର ମୂଳଧନର ଭିତ୍ତି ଦୃଢ଼ୀଭୂତ ହେବ । ଏଭଳି ସମିତିଗୁଡ଼ିକ ଯେପରି ଉପଯୁକ୍ତଭାବେ କାର୍ଯ୍ୟ ସଂପାଦନ କରି-ପାରିବେ ସେଥିପାଇଁ ତାଲିମପ୍ରାପ୍ତ ସେକ୍ରେଟେରୀମାନେ ନିଯୁକ୍ତ ହୋଇଛନ୍ତି ଏବଂ ବ୍ୟୟର ଏକ ଭାଗ ବହନ କରିବା ପାଇଁ ପରିଚାଳନାଗତ ସବ୍‌ସିଡ଼ି ଦିଆଯାଉଛି । ସମିତିଗୁଡ଼ିକରୁ ଉପକାର ପାଇବା ଉଦ୍ଦେଶ୍ୟରେ କୃଷିଜୀବୀ ଲୋକଙ୍କୁ ଅଧିକ ସଂଖ୍ୟାରେ ସଭ୍ୟ ଶ୍ରେଣୀଭୁକ୍ତ କରାଯିବ । ସାର, ବିହନ ଓ ଫସଲରକ୍ଷକ ଦ୍ରବ୍ୟ ଆକାରରେ ଋଣକୁ ମିଶାଇ ସ୍ୱଳ୍ପମିଆଦୀ ଓ ମଧ୍ୟମମିଆଦୀ ଋଣ ବିନିଯୋଗର ପରିମାଣ ବୃଦ୍ଧି ପାଇଛି ଏବଂ ଆସନ୍ତା ବର୍ଷ ଆର୍ଥିକ ସମ୍ବଳ ମିଳିଲେ ଏହା ଆହୁରି ବୃଦ୍ଧି ପାଇବ । ଓଡ଼ିଶା ରାଜ୍ୟ-ସମବାୟ ଭୂ-ବନ୍ଧକ ବ୍ୟାଙ୍କ୍ ଲିମିଟେଡ୍ ଦୀର୍ଘମିଆଦୀ ଋଣ ଯୋଗାଇବା ପାଇଁ ରାଜ୍ୟରେ ଏକମାତ୍ର ଅନୁଷ୍ଠାନ । କୃଷି ଉତ୍ପାଦନ ବୃଦ୍ଧି କରିବା ସକାଶେ ଏହା ଋଣୀମାନଙ୍କୁ ପ୍ରେରଣା ଦେଉଛନ୍ତି । ଋଣୀଙ୍କୁ ଆହୁରି ଅଧିକ ପ୍ରେରଣା ଦେବାପାଇଁ ଆସନ୍ତା ବର୍ଷ ଆଉ ଦୁଇଟି ସମବାୟ ଭୂ-ବନ୍ଧକ ବ୍ୟାଙ୍କ୍ ସ୍ଥାପିତ ହେବ ।

ଦରଦାମ ସ୍ଥିର ରଖିବା ଓ ଲୋକଙ୍କର ଦୈନନ୍ଦିନ ଆବଶ୍ୟକତା ମେଣ୍ଟାଇବା ଦିଗରେ ଖାଉଟି ସମବାୟ ସମିତିଗୁଡ଼ିକ ସଫଳତା ସହକାରେ କାର୍ଯ୍ୟ କରୁଛନ୍ତି । ଗ୍ରାମାଞ୍ଚଳମାନଙ୍କରେ ଥିବା ଆଞ୍ଚଳିକ ସମବାୟ ବିକ୍ରୀ-

ଏହି ସମିତିମାନେ ଖାଉଟି ଦ୍ରବ୍ୟ ଏବଂ ପାଇଁ କେନ୍ଦ୍ର ଖାଉଟି ଭଣ୍ଡାରମାନଙ୍କ ଏଜେଣ୍ଟରୂପେ କାର୍ଯ୍ୟ କରିବେ ଏବଂ ସେମାନଙ୍କୁ ଉପଯୁକ୍ତ କରିବା ସକାଶେ ପରିଚାଳନାଗତ ସହାୟତା ପ୍ରଦାନ କରାଯିବ।

## ସ୍ୱାସ୍ଥ୍ୟ

ଉନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଫଳରେ ମୃତ୍ୟୁ ହାର ଉଲ୍ଲେଖଯୋଗ୍ୟଭାବରେ ହ୍ରାସ ପାଇଛି ଓ ସାଧାରଣ ଭାବେ ଲୋକଙ୍କ ଆୟୁଷ ବୃଦ୍ଧି ପାଇଛି। ମ୍ୟାଲେରିଆ ରୋଗ ପ୍ରାୟ ଅଧିକ ଲୋପ ପାଇଛି ଏବଂ ସଂପୂର୍ଣ୍ଣ ଭାବେ ବସନ୍ତକୁ ଦୂର କରିବା ପାଇଁ ବର୍ତ୍ତମାନ ଚାଲିଥିବା ବଡ ଜ୍ୱର ନିବାରଣ ପ୍ରକଳ୍ପଗୁଡ଼ିକର ପୁନର୍ଗଠନ କରାଯିବ ଏବଂ କ୍ଷେତ୍ର-କାର୍ଯ୍ୟ ନିବାରଣ କରିବା ଓ ଗୋଦର ରୋଗ ପାଇଁ ବାତଜ୍ୱର ତଥ୍ୟ ସୂଚନା କେନ୍ଦ୍ର (ବ୍ୟୁରୋ ଅଫ୍ ଫାଇଲେରିଆସିସ୍) ସ୍ଥାପନ କରାଯିବ। ବର୍ତ୍ତମାନ ଚାଲିଥିବା ପୁନଃସ୍ଥାପିତ ସ୍ଥାନ ଆଉ ୬ଟି ଜାଗାରୁ ବାତଜ୍ୱର ନିବାରଣ ୟୁନିଟ୍ ଖୋଲାଯିବ। କୁଷ୍ଠ ଓ ଯକ୍ଷ୍ମାରୋଗ ବିରୁଦ୍ଧରେ ସଂଗ୍ରାମ ଚଳାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଯକ୍ଷ୍ମାରୋଗର ପ୍ରତି-ଷେଧ ପାଇଁ ଚାଲିଥିବା ଉଦ୍ୟମକୁ ଶକ୍ତିଶାଳୀ କରିବାପାଇଁ ଅତିରିକ୍ତ ଅଧିକ ୪ଟି ବି. ସି. ଜି. ଟୀକା କର୍ମଚାରୀ ଦଳ ଯୋଗାଇ ଦିଆଯିବ। ୩ଟି ସଦର ମହକୁମା କେନ୍ଦ୍ରକୁ କୁଷ୍ଠରୋଗ ନିବାରଣ ୟୁନିଟ୍‌ରେ ପରିଣତ କରାଯିବ ଏବଂ ଚାଲୁରହିଥିବା କୁଷ୍ଠ ଶିବିରର ଉନ୍ନତିସାଧନ କରାଯିବ। ଅଧିକନ୍ତୁ ୩ଟି ଜିଲ୍ଲା ସଦର ଡାକ୍ତରଖାନାକୁ ବିଶେଷଜ୍ଞ ସେବା ସଂପ୍ରସାରିତ କରାଯିବ। ପ୍ରଚଳିତ ପରିକଳ୍ପନା ପ୍ରସୂତି, ଶିଶୁମାନଙ୍କ, ଗର୍ଭିଣୀପ୍ରଭୃତି, ଧନୁଷ୍ଟଙ୍କାର ଓ ଡିପ୍‌ଥେରିଆ ରୋଗର ଆକ୍ରମଣରୁ ରକ୍ଷା କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା, ଦୃଷ୍ଟିହୀନତା ରୋଗ ନିବାରଣ ପାଇଁ ପୁଷ୍ଟିକର କାର୍ଯ୍ୟକ୍ରମ, ପ୍ରସୂତି ଓ ଶିଶୁମାନଙ୍କ ପୁଷ୍ଟିକର ଖାଦ୍ୟାଭାବ ଜନିତ ରକ୍ତହୀନତା ରୋଗର ପ୍ରତିକାର ପାଇଁ ଆସନ୍ତା ବର୍ଷ ପରିକଳ୍ପନାମାନ କାର୍ଯ୍ୟକାରୀ କରାଯିବ।

ଗ୍ରାମାଞ୍ଚଳର ଲୋକମାନେ ଦେଶୀୟ ପ୍ରଣାଳୀରେ ପ୍ରସ୍ତୁତ ଔଷଧ ବ୍ୟବହାର କରିବାରେ ଅଭ୍ୟସ୍ତ ଥିବାରୁ ସେଠାରେ ଲୋକଙ୍କ ତରଫରୁ ବୈଦ୍ୟ ଔଷଧ ପାଇଁ ଚାହିଦା ହେଉଛି। ତେଣୁ ଯୋଜନାରେ ଆଉ ୧୦ ଗୋଟି ଆୟୁର୍ବେଦୀୟ ଓ ଆଉ ୫ଟି ହୋମିଓ-ପ୍ୟାଥିକ ଚିକିତ୍ସାଳୟ ଖୋଲାଯିବ। ରାଜ୍ୟସ୍ତରରେ ୩୦ ଶଯ୍ୟାବିଶିଷ୍ଟ ଗୋଟିଏ ଆୟୁର୍ବେଦୀୟ ଡାକ୍ତରଖାନା ଖୋଲାଯିବ। ଏଥିପାଇଁ ସ୍ଥାନ ଚୟନ ସରିଛି ଏବଂ ଅନୁଦାନ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ନୂଆ ରାଜ୍ୟସ୍ତରରେ ୩୦ ଶଯ୍ୟାବିଶିଷ୍ଟ ଗୋଟିଏ ହୋମିଓପ୍ୟାଥିକ ଡାକ୍ତରଖାନା ଓ ଗୋଟିଏ କୋଠା ନିର୍ମାଣ କରିବାର ପାଣ୍ଡୁଲିପି ଏବଂ ଏହା ଅନୁଦାନ ଭିତରେ ଖୋଲାଯିବ।

ଦେଶରେ ଦ୍ରୁତ ଜନସଂଖ୍ୟା ବୃଦ୍ଧିକୁ ରୋକିବା ପାଇଁ ପରିବାର ଯୋଜନା କାର୍ଯ୍ୟକ୍ରମକୁ ଅଧିକ କାର୍ଯ୍ୟକାରୀ ହେବାଭଳି କାର୍ଯ୍ୟକ୍ରମରୂପେ ହାତକୁ ନିଆଯାଇଛି ଏବଂ ଏହାକୁ ଆନ୍ତରିକତା ସହକାରେ କାର୍ଯ୍ୟକାରୀ କରାଯାଉଛି। ଏଥିପ୍ରତି ସବୁଆଡ଼ୁ ଜନ ସହଯୋଗ ଓ ସମର୍ଥନ ମିଳୁଛି ଏବଂ ଏ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରାଯାଇଛି।

## ଗୋଷ୍ଠୀ-ଉନ୍ନୟନ

କେତେକ ବ୍ଲକରେ ବିଭିନ୍ନ ପର୍ଯ୍ୟାୟ ପୂର୍ଣ୍ଣାଙ୍ଗ ହେବା ଓ ଯୋଜନାର ସର୍ବୋଚ୍ଚସୀମା ହ୍ରାସ କରିବା ଫଳରେ ଅନାବଶ୍ୟକ ଖର୍ଚ୍ଚ ବନ୍ଦ କରିବା ଦରକାର ପଡ଼ିଲା ଏବଂ ଲାଭପ୍ରଦ ହେଉନଥିବା କାର୍ଯ୍ୟକୁ ବନ୍ଦ କରି ଦିଆଗଲା। ସେହି ପଦାଧିକାରୀମାନଙ୍କର ପୁନଃ

...ହୋଇଥିବା, ସେମାନଙ୍କୁ ଅନ୍ୟାନ୍ୟ ବିଭାଗରେ ସେଠାରେ ଅଧିକ ସଂଖ୍ୟାରେ ସୁବିଧା ଯୋଗାଇ ଦିଆଯାଇଥିବାରୁ ସେତିକି ସୁବିଧା ଯୋଗାଇ ଦିଆଗଲା ଏବଂ ଅନ୍ୟାନ୍ୟ ବିଭାଗର ଯେଉଁ କର୍ମଚାରୀମାନେ ସ୍ଥାନମାନଙ୍କରେ ଅବସ୍ଥାପିତ ହୋଇଥିଲେ ସେମାନଙ୍କୁ ସେମାନଙ୍କର ନିଜ ନିଜ ଅଫିସକୁ ଫେରାଇ ଦିଆଗଲା ।

[illegible] ସଂସ୍ଥା ସହିତ ସଂପୃକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ସାଧାରଣ ଭାବେ ଦୁର୍ବ୍ୟବହାର ଓ ତୋଷରଫ୍ ...ରେ ଅନେକ ଅଭିଯୋଗ ସାଧାରଣ ତଦନ୍ତ ...ରେ ଆସି ଅଜାଡ଼ି ହୋଇପଡ଼ନ୍ତି । ଅଭିଯୋଗ-ଗୁଡ଼ିକ ସଂପର୍କରେ ତଦନ୍ତ ପାଇଁ ଜିଲ୍ଲାମାନଙ୍କରେ ...ଓ ବେସରକାରୀ କର୍ମଚାରୀଙ୍କୁ ନେଇ ୧୯ଟି ଅନୁସନ୍ଧାନ କମିଟି ଗଢ଼ାଯାଇଥିଲା । ୧୦ଟି କମିଟି ...ଙ୍କର ରିପୋର୍ଟ ଦାଖଲ କରିସାରିଛନ୍ତି ଓ ଏଗୁଡ଼ିକ ବିଚାରାଧୀନ ରହିଛି । ଅନ୍ୟମାନଙ୍କଠାରୁ ରିପୋର୍ଟ ...ବା ପାଇଁ ଅପେକ୍ଷା କରାଯାଉଛି ।

...ନ୍ତୁ ୧୧ବର୍ଷ ବୟସର ସ୍କୁଲ୍ ପିଲାମାନଙ୍କ ମଧ୍ୟରେ ...ଯୋଗାତ୍ମକ ପୁଷ୍ଟି ତଥା ଭୋଜନ କାର୍ଯ୍ୟକ୍ରମ ରହିଛି । ରାଜ୍ୟର ମରୁଡ଼ିଗ୍ରସ୍ତ ଅଞ୍ଚଳମାନଙ୍କରେ ...ଖାଦ୍ୟ କାର୍ଯ୍ୟକ୍ରମ ଅନୁସାରେ ପିଲାମାନଙ୍କୁ ...ଭୋଜନ ଯୋଗାଇ ଦିଆଯାଇ ଭୋଜନ ...କ୍ରମ ମାଧ୍ୟମରେ ପ୍ରଶଂସନୀୟ ସେବା କରାଯାଇ ...ଛି ।

## ପଞ୍ଚାୟତିରାଜ

...ପଞ୍ଚାୟତ ଗୁଡ଼ିକ ଗଣତାନ୍ତ୍ରିକ ପ୍ରଶାସନରୂପକ ...ଅଟ୍ଟାଳିକାର ମୂଳଦୁଆ ସ୍ୱରୂପ । ଗ୍ରାମାଞ୍ଚଳର ...ପାଇଁ ଏଗୁଡ଼ିକ ପ୍ରତି ସଯତ୍ନ ଦୃଷ୍ଟି ଦିଆଯିବା ...ନ । ସରକାର ସେମାନଙ୍କର ବର୍ତ୍ତମାନ ଅବସ୍ଥା ...ରେ ଅବଗତ ଅଛନ୍ତି । ଅଧିକାଂଶ ଗ୍ରାମପଞ୍ଚାୟତ ...ଅଧିବେଶନ ଅସ୍ୱଚ୍ଛଳ ସେମାନଙ୍କ ଆର୍ଥିକ ଉନ୍ନତି କରିପାରୁନାହାନ୍ତି । ସେମାନଙ୍କର ସ୍ୱଳ୍ପ ସଂବଳର ଅଭିବୃଦ୍ଧି ପାଇଁ ମାଛଚାଷ ପୋଖରୀ, ହାଟ ଓ ଘାଟ ପ୍ରଭୃତି ସର୍ବସାଧାରଣ ସମ୍ପତ୍ତିକୁ ସେଗୁଡ଼ିକର ଉନ୍ନତି ପାଇଁ ସେମାନଙ୍କୁ ହସ୍ତାନ୍ତର କରାଯାଇଛି । ସେମାନଙ୍କର ବିକାଶ ନିମନ୍ତେ ସେମାନଙ୍କୁ ପ୍ରୋତ୍ସାହନ ଗ୍ରାଣ୍ଟ ଦିଆଯିବ ଏବଂ ପୂର୍ବ ସଂସ୍ଥାଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ସେମାନଙ୍କୁ ମାଇଲପ୍ରତି ଟ ୩୦୦/-ଙ୍କା ହାରରେ ଗ୍ରାଣ୍ଟ ମିଳିବ । ସେହିପରି ପାନୀୟ ଜଳଯୋଗାଣ ଯୋଜନାର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସେମାନଙ୍କୁ ଗ୍ରାଣ୍ଟ ମିଳିବ ।

## ବନ୍ୟସମ୍ପଦ

ରାଜ୍ୟର ଅର୍ଥନୀତିର ଉନ୍ନତି ଲାଗି ବନ୍ୟ ସଂପଦର ସଦୁପଯୋଗ ନିମନ୍ତେ ଉଚ୍ଚ ସ୍ତରରେ ଯୋଜନା କରାଯିବା ଆବଶ୍ୟକ । ଲାଭ ପ୍ରଦ ଉଦ୍ୟାନ ପ୍ରସ୍ତୁତ, ଶୀଘ୍ର ବଢ଼ି ଯାଉଥିବା ଉଚ୍ଚ ଶ୍ରେଣୀର ଜାତିର ବୃକ୍ଷରୋପଣ, ବଗିଚା, ଖଣ୍ଡା ଜଙ୍ଗଲର ପୁନର୍ବିନ୍ୟାସ ଇତ୍ୟାଦି ଦ୍ୱାରା ଏହିପରି ସଂପଦର ରକ୍ଷା କରାଯାଇପାରିବ । ଲାଭ ପ୍ରଦ ଉଦ୍ୟାନଶ୍ରେଣୀ ଉପରେ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦିଆଯାଉଛି । ଆସନ୍ତା ବର୍ଷ ଲାଭପ୍ରଦ ଉଦ୍ୟାନ ଓ ଶୀଘ୍ର ବଢ଼ୁଥିବା ଉଚ୍ଚ ପ୍ରକାରର ବୃକ୍ଷ ୧୬,୨୩୫ ଏକର ଜମିରେ ରୋପଣ କରାଯିବ । କୃଷି ବିଭାଗ ଓ କେନ୍ଦ୍ରୀୟ ବିଭାଗରେ ଯଥାକ୍ରମେ ୫୦୦ ଏକର ଓ ୭,୦୦୦ ଏକର ଜମିରେ ଏହି ଧରଣର ବୃକ୍ଷରୋପଣ କରାଯିବ ।

କେନ୍ଦୁପତ୍ର ସଂପର୍କରେ ଯେଉଁ ନୂତନ ନୀତି ଗ୍ରହଣ କରାଯାଇଛି ତାହା କେନ୍ଦୁପତ୍ର ବ୍ୟବସାୟୀ ଓ ତୋଳାଳିମାନଙ୍କର ସ୍ୱାର୍ଥ ବଜାୟ ରଖିବା ସଂଗେ ସଂଗେ ରାଜ୍ୟକୁ ଯଥାସମ୍ଭବ ସର୍ବାଧିକ ରାଜସ୍ୱ ଯୋଗାଇବ ।

## ପଶୁପାଳନ

ପଶୁ ରୋଗ ନିୟନ୍ତ୍ରଣ ଓ ସୁସ୍ଥ ପାଳିତ ପଶୁ ସଂପଦର ବିକାଶ କାର୍ଯ୍ୟକ୍ରମରେ ସନ୍ତୋଷଜନକ

ଫଳ ହାସଲ ହୋଇଛି । ପ୍ରତ୍ୟେକଟିରେ ୧୦ଟି ସୂକ୍ଷ୍ମ ଚାଷିଙ୍କୁ ଆଉ ଦୁଇଟି ଆଦର୍ଶ ଗ୍ରାମ ବ୍ଲକ ଓ ୬ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଆସନ୍ତା ବର୍ଷ ମଧ୍ୟରେ ଖୋଲାଯିବ । ଅଧିକ ଦୁଇଟି ଆଦର୍ଶ ଗ୍ରାମ ବ୍ଲକରେ ଦୁଇଟି ହିସାବରେ ଅଧିକା ସୂକ୍ଷ୍ମ ଯୋଗ କରାଯାଇ ସେ ଗୁଡ଼ିକର ସଂପ୍ରସାରଣ କରାଯିବ ।

## ଶିକ୍ଷା

କୁପରିଚାଳନା ଯୋଗୁଁ ୧୪୨ଟି ବେସରକାରୀ ପରିଚାଳିତ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପରିଚାଳନା କମିଟିଗୁଡ଼ିକୁ ସ୍ଥଗିତ ରଖାଯାଇଥିଲା ଏବଂ ସେଗୁଡ଼ିକର ପରିଚାଳନା ସଂପର୍କରେ ଇନ୍‌ସପେକ୍ଟରମାନଙ୍କୁ ପରାମର୍ଶ ଦେବାପାଇଁ ଉପଦେଷ୍ଟା ମଣ୍ଡଳୀମାନ ଗଠନ କରାଯାଇଥିଲା ; କିନ୍ତୁ ଏହା ଫଳରେ ଆଶାନୁରୂପ ଫଳ ଲାଭ ହୋଇ ନ ଥିଲା ଓ ସେଗୁଡ଼ିକର ପରିଚାଳନା କ୍ଷେତ୍ରରେ ଅସୁବିଧା ଦେଖା ଦେଇଥିଲା । 'ଗ' ଶ୍ରେଣୀଭୁକ୍ତ ଏହି ଉଚ୍ଚ ଇଂରାଜୀ ବିଦ୍ୟାଳୟଗୁଡ଼ିକ ଉପରେ ଫଳପ୍ରଦ ନିୟନ୍ତ୍ରଣ ପ୍ରୟୋଗ କରିବା ପାଇଁ ସରକାର ସେଗୁଡ଼ିକୁ ପୂର୍ଣ୍ଣ ସରକାରୀ ନିୟନ୍ତ୍ରଣାଧୀନ କରିବା ପାଇଁ ଏବଂ ସେଗୁଡ଼ିକୁ ପୂର୍ଣ୍ଣାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ରୂପେ ପରିଗଣିତ କରିବା ପାଇଁ ସ୍ଥିର କରିଛନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ କେଉଁ କେଉଁ ସ୍ଥାନରେ ପ୍ରସ୍ତାବିତ ଡ଼ିପ୍ଲୋମା (?) ସ୍କୁଲ ରହିବ ତାହା ସ୍ଥିର କଲାବେଳେ ଆଞ୍ଚଳିକ ତାରତମ୍ୟ ଦୂର କରାଯିବ ।

୧୪ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାଥମିକ ସ୍କୁଲ ଶିଶୁ-ମାନଙ୍କପାଇଁ ଭାରତର ୪ ଗୋଟି ଜାତୀୟ ଦିବସ ଅର୍ଥାତ୍ ସ୍ୱାଧୀନତା ଦିବସ, ମହାତ୍ମାଗାନ୍ଧୀଙ୍କ ଜନ୍ମ-ଦିବସ, ଶିଶୁ ଦିବସ ଓ ଗଣତନ୍ତ୍ର ଦିବସରେ ଶିଶୁ ପତ୍ରିକା ପ୍ରକାଶ କରିବାକୁ ଚିନ୍ତା କରାଯାଉଛି । ସ୍କୁଲ ପିଲାମାନଙ୍କର ପଢ଼ିବା ପାଇଁ ଅତିରିକ୍ତ ପାଠ୍ୟ ବିଷୟ ଯୋଗାଇବା ନିମନ୍ତେ ଗାନ୍ଧୀଜୀଙ୍କ ସଂପର୍କରେ ଦୁଇଟି ଛୋଟ ପୁସ୍ତକ ପ୍ରକାଶ କରାଯିବ ।

## ଅନୁନ୍ନତ ଶ୍ରେଣୀର ବିକାଶ

ଅନୁନ୍ନତ ଶ୍ରେଣୀର ଲୋକମାନଙ୍କର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଓ ଶାରୀରିକ ଉନ୍ନତି ବିଷୟ ଆଶାନୁରୂପ ଫଳ ହାସଲପାଇଁ ଜନ କଲ୍ୟା କାର୍ଯ୍ୟକ୍ରମ ଜୋରସୋରରେ କାର୍ଯ୍ୟକାରୀ ହୋଇଛି ଆଦିବାସୀ ଉନ୍ନୟନ ବ୍ଲକମାନଙ୍କର ଲକ୍ଷ୍ୟ ହାସଲ ପ୍ରଗାଢ଼ ଭାବରେ କାର୍ଯ୍ୟ କରାଯାଉଛି । ଅ ଶିକ୍ଷାଗତ ସୁବିଧା ଯୋଗାଇବା ନିମନ୍ତେ ପ୍ରତ୍ୟେ ଆଦିବାସୀ ଉନ୍ନୟନ ବ୍ଲକରେ ଛାତ୍ରାବାସର ସୁ ସହ ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ୫ ଗୋ ମଧ୍ୟ ଇଂରାଜୀ ବିଦ୍ୟାଳୟ ଏବଂ ଯଥେଷ୍ଟ ସଂଖ୍ୟା ପ୍ରାଥମିକ ବିଦ୍ୟାଳୟ ବା ଆବାସୀ ସେବାଶ୍ରମ ପ୍ରତିଷ୍ଠା କରାଯିବ ଓ ସେ ସମ୍ପର୍କୀୟ ଖର୍ଚ୍ଚ ବ୍ଲକ 'ସମାଜ ସେବା' ବାବଦ ପାଣ୍ଠିରୁ ପୂରଣ କରାଯିବ ।

## ଅବକାରୀ ନୀତି

ମଦ ଭାଙ୍ଗ ଓ ଗଞ୍ଜେଇ ଉପରେ କଡ଼ା କଟକଣା ନିୟନ୍ତ୍ରଣ ଜାରି କରିବା ନିମନ୍ତେ ସମଗ୍ର ପ୍ରଦେଶ ଏକାଭଳି ଅବକାରୀ ନୀତି ଚଳାଇବା ଉଦ୍ଦେଶ୍ୟ ନିଶାନିବାରଣ ନୀତିର ସଂଶୋଧନ କରାଯାଇଛି ନିଶାଦ୍ରବ୍ୟରୂପେ ତାଡ଼ିର ବ୍ୟବହାରକୁ ନିଷେ କରାଯାଇଛି । ନୈତିକ ଅଧଃପତନ ଓ ଦୁର୍ନୀ ପରିହାରପାଇଁ ଅବୈଧ ମଦ୍ୟ କାରବାର ଦୁଷ୍କର୍ମ ରୋକିବା ନିମନ୍ତେ ସହରାଞ୍ଚଳ, ଅର୍ଦ୍ଧ ସହର ଏବଂ ଶିଳ୍ପାଞ୍ଚଳମାନଙ୍କରେ କେତେକ ଗୋଟି (ଆଉଟ୍ ମଦ ଦୋକାନ ଖୋଲାଯାଇଥିଲା ! ଖଜୁରି ରସ ବାହାରକରି ଖଜୁରି (ତାଲ) ଗୁଡ଼ କରିବାପାଇଁ ଠେକ ବସାଇବା ( ତାଡ଼ି ସମ୍ପର୍କରେ ତାଲିମ ଦେବାପାଇଁ ଓଡ଼ିଶା ତାଳଗୁଡ଼ ସମବାୟ ସଂଘ ଦାୟିତ୍ୱ ନେଇଛନ୍ତି ।

## ଶାନ୍ତିଶୃଙ୍ଖଳା

ଅପେକ୍ଷ୍ୟ ବର୍ଷ ସନ୍ତୋଷଜନକଭାବେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ଗାଁ ଗାଁ କେତୋଟି ଆଇନ ସେ ସମ୍ପର୍କରେ ତଥା ସମୟରେ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା ଓ ପରିସ୍ଥିତିକୁ ଆୟତ୍ତ କରାଯାଇଥିଲା ।

## ଅବିଚଳିତ ବିଶ୍ୱାସ ଆବଶ୍ୟକ

ରାଜ୍ୟରେ ନିର୍ମଳ, ଦକ୍ଷ ଓ ପ୍ରଗତିଶୀଳ ଶାସନ ବ୍ୟବସ୍ଥା ନିମନ୍ତେ ମୋ ସରକାର ଉଚ୍ଚ ଅଭିଳାଷ ପୋଷଣ କରନ୍ତି, କିନ୍ତୁ ଆମ୍ଭମାନଙ୍କ ମଧ୍ୟରେ ଅବିଚଳିତ ବିଶ୍ୱାସର ସୁଦୃଢ଼ ଭିତ୍ତି ଉପରେହିଁ ରାଜ୍ୟର ଅଭିପ୍ସିତ ଗଠନ କରାଯାଇପାରେ । ବିଭିନ୍ନ ବାଧାବିଘ୍ନ ଯୋଗୁଁ ଅତୀତରେ ଆମ ଅଗ୍ରଗତି ବ୍ୟାହତ ହୋଇଥିଲା ଏବଂ ମାନବ ଓ ପ୍ରକୃତି ଉଭୟେ ଅଗ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ । ଏଭଳି ପ୍ରତିବନ୍ଧକ ଭବିଷ୍ୟତରେ ରହିଛି; କିନ୍ତୁ ସାହସ, ସଂକଳ୍ପ ତଥା ଦୃଢ଼ତାର ସହିତ ଏ ସବୁକୁ ଅତିକ୍ରମ କରାଯାଇପାରିବ । କେବଳ ଆମର ସମବେତ ଉଦ୍ୟମଦ୍ୱାରା ହିଁ ଲକ୍ଷ୍ୟ ହାସଲ ହୋଇପାରେ ଏବଂ ଆମ ରାଜ୍ୟକୁ ଗଢ଼ି ନେବା ଭଳି ଏକ ଉଦ୍ଦୀପନାପୂର୍ଣ୍ଣ ଦାୟିତ୍ୱ ତୁଲାଇବା ଦିଗରେ ସରକାର ଏହି ଗୃହର ସମସ୍ତଙ୍କଠାରୁ ସମର୍ଥନ, ସହଯୋଗ ତଥା ସଦିଚ୍ଛା ପାଇବେ ବୋଲି ଆଶା କରନ୍ତି । ସଂକଳ୍ପବଦ୍ଧ ପ୍ରୟାସ ସତ୍ତ୍ୱେ ଏପର୍ଯ୍ୟନ୍ତ ଆର୍ଥିକ ଅବସ୍ଥା ଭାଙ୍ଗିରହିଛି । ସବୁ ସ୍ତରରେ କଡ଼ାକଡ଼ି ଆୟବ୍ୟୟ ସଂକୋଚ କରାଗଲେ ପରିସ୍ଥିତି ସୁଧୁରି ପିବ ।

## ଅର୍ଥ କମିଶନ୍ ଓ ରାଜ୍ୟର ଆର୍ଥିକ ସ୍ଥିତି

ଦଶମ ଅର୍ଥ କମିଶନଙ୍କ ମଧ୍ୟବର୍ତ୍ତୀକାଳୀନ ସୁପାରିଶ୍ ରାଜ୍ୟ ପକ୍ଷେ ଗଭୀର ନୈରାଶ୍ୟ ସୃଷ୍ଟି କରିଛି । କମିଶନଙ୍କ ସୁବିଚାର ନିମନ୍ତେ ବିଭିନ୍ନ ବିଷୟ ସମ୍ପର୍କରେ ମୋ ସରକାର ଏକ ସ୍ମାରକପତ୍ର ଦାଖଲ କରିଛନ୍ତି ଏବଂ ଓଡ଼ିଶା ଭଳି ଗୋଟିଏ ରାଜ୍ୟ ଯେଉଁଠାରେ କି ଦାରିଦ୍ର୍ୟ ଓ ଅନଗ୍ରସରତା ଏକ ବିଷଚକ୍ର ପରି ସ୍ଥାୟୀ ହୋଇରହିଛି ସେଠାରେ ସମ୍ବଳ ଓ ଆବଶ୍ୟକତା ମଧ୍ୟରେ ଥିବା ତାରତମ୍ୟ ପ୍ରତି କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଓଡ଼ିଶାର ପରିସ୍ଥିତି ଦୃଷ୍ଟିରୁ, ସଂଶୋଧିତ ଆୟରୁ ଅଧିକ ଅର୍ଥ ହସ୍ତାନ୍ତର କରିବାର ଆବଶ୍ୟକତା ଯେ କେନ୍ଦ୍ର ସ୍ୱତଃ ଉପଲବ୍ଧି କରିପାରିବେ ଏବଂ ଯଦି କେନ୍ଦ୍ର ସରକାର ଓଡ଼ିଶାଭଳି ଅନଗ୍ରସର ରାଜ୍ୟମାନଙ୍କୁ ସଂଶୋଧିତ ଆୟରୁ ଅଧିକରୁ ଅଧିକ ଅର୍ଥ ନ ଦିଅନ୍ତି, ତେବେ ଦାରିଦ୍ର୍ୟ ଓ ସ୍ଥାଣୁତ୍ୱକୁ ଅତିକ୍ରମ କରିବା ଅସମ୍ଭବ ହୋଇପଡ଼ିବ ଯାହାକି ପରିଶେଷରେ ରାଷ୍ଟ୍ରସଂଘର ମୌଳିକ ଏକତା ପକ୍ଷରେ କ୍ଷତିକାରକ ହୋଇ ଉଠିବ । ଯଦି ସୁଷମ ଆଞ୍ଚଳିକ ବିକାଶର ଲକ୍ଷ୍ୟ ହାସଲ କରିବାକୁ ହୁଏ ତେବେ ଦୁର୍ବଳ ରାଜ୍ୟମାନେ ଯେପରି ସମୃଦ୍ଧ ରାଜ୍ୟମାନଙ୍କ ସହିତ ସମାନ ଯୋଗ୍ୟତାରବଳରେ ଜାତୀୟ ପୁନର୍ଗଠନ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ସେଥିପାଇଁ ଦୁର୍ବଳ ରାଜ୍ୟମାନଙ୍କର ଆର୍ଥିକ ଅବସ୍ଥା ସୁଦୃଢ଼ କରିବା ନିମନ୍ତେ ସେମାନଙ୍କୁ ଅଧିକରୁ ଅଧିକ ସମ୍ବଳ ହସ୍ତାନ୍ତର କରିବାର ଆବଶ୍ୟକତା ସ୍ୱୀକାର କରିବାକୁ ହେବ । ଜାତୀୟ ସଂହତି ପରିଷଦ ଏହି ବିଷୟ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । କମିଶନ୍ ଅର୍ଥ ବଣ୍ଟନ ଓ ଗ୍ରାଣ୍ଟ ପ୍ରଦାନର ଏକ ଯଥେ ଉପଯୁକ୍ତ ପରିକଳ୍ପନା ମାଧ୍ୟମରେ ଓଡ଼ିଶା ଭଳି ଅପେକ୍ଷାକୃତ ଦୁର୍ବଳ ରାଜ୍ୟମାନଙ୍କର ଆର୍ଥିକ ଅସମାନତା ସୁଧାରି ନେବେ ବୋଲି ସରକାର ଆଶା କରୁଛନ୍ତି । ତାହାହେଲେ ରାଜ୍ୟ ସରକାର ଉନ୍ନୟନ ଓ ଜନକଲ୍ୟାଣପାଇଁ ପର୍ଯ୍ୟାପ୍ତ କାର୍ଯ୍ୟକ୍ରମ ହାତକୁ ନେଇପାରିବେ ଏବଂ ଉନ୍ନୟନର ଅଧିକ ବିକାଶପ୍ରାପ୍ତ ରାଜ୍ୟମାନଙ୍କ ସହିତ କେତେକ ପରିମାଣରେ ସମତା ହାସଲ କରିପାରିବେ ।

# ଲାଲ୍ ବାହାଦୁର ଜାତୀୟ ସ୍ମାରକନିଧି ପାଇଁ ଦାନ କରନ୍ତୁ

———

## ରାଷ୍ଟ୍ରପତିଙ୍କ ନିବେଦନ

ରାଷ୍ଟ୍ରପତି ଡକ୍ଟର ଜାକିର ହୁସେନ୍ ଏକ ବାର୍ତ୍ତାରେ ଲାଲ ବାହାଦୁର ଜାତୀୟ ସ୍ମାରକନିଧି ନିମନ୍ତେ ଅକୁଣ୍ଠିତ ଚିତ୍ତରେ ଦାନ କରିବାକୁ ଦେଶବାସୀଙ୍କୁ ନିବେଦନ କରିଛନ୍ତି ।

ରାଷ୍ଟ୍ରପତିଙ୍କ ନିବେଦନ ନିମ୍ନରେ ପ୍ରଦତ୍ତ ହେଲା—

"କଠିନ ପରିଶ୍ରମ, ଅଟଳ ଉଦ୍ଦେଶ୍ୟ ଓ ଏକନିଷ୍ଠ କର୍ତ୍ତବ୍ୟପରାୟଣତା ଦ୍ୱାରା ଶାସ୍ତ୍ରୀଜୀ ସାଧାରଣ ସ୍ତରରୁ ଦେଶର ସର୍ବୋଚ୍ଚ ଆସନକୁ ଉଠି ପାରିଥିଲେ । ତଥାପି ସେ ନିଜକୁ ଏକ କ୍ଷୁଦ୍ର ମାନବ ରୂପେ ବିବେଚୁଥିଲେ । ତାଙ୍କ ଭିତରର ତାଙ୍କର କଥିତ କ୍ଷୁଦ୍ରତା ଏକ ଜାଜ୍ୱଲ୍ୟମାନ ମହନୀୟତାରେ ପରିଣତ ହୋଇଥିଲା । ସେହିପରି ତାଙ୍କର କର୍ମାବଳୀର ସ୍ମୃତିରକ୍ଷାର୍ଥେ ନିଷ୍ଠାପର ସ୍ୱେଚ୍ଛା ଦାନ ଓ ସେବାକାର୍ଯ୍ୟଠାରୁ ବଳି ଆଉ କିଛି ବୋଧହୁଏ ତାହାଙ୍କୁ ବିଶେଷ ଆନନ୍ଦ ଦେଇ ପାରି ନ ଥାନ୍ତା ।

"ତେଣୁ ଲାଲ ବାହାଦୁର ଜାତୀୟ ସ୍ମାରକନିଧି ପାଇଁ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃପକ୍ଷେ ଏକ ଟଙ୍କା ଲେଖାଏଁ ଦାନ କରିବା ନିମନ୍ତେ ଦେଶବାସୀଙ୍କୁ ବିଶେଷତଃ ଶ୍ରମିକ ଓ କୃଷକମାନଙ୍କୁ ମୁଁ ନିବେଦନ କରୁଛି । ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଏହିପରି ଯତ୍‌କିଞ୍ଚିତ ଦାନ ସମଷ୍ଟିଗତଭାବେ ଏକ ବିପୁଳ ରାଶିରେ ପରିଣତ ହେବ । ଏହି ବ୍ୟବସ୍ଥା ଶାସ୍ତ୍ରୀଜୀଙ୍କ ଜୀବନ ପଦ୍ଧତି ସହିତ ଖାପ ଖାଇବା ଭଳି ହେବ ଏବଂ ଏହି ପ୍ରକାର ବ୍ୟବସ୍ଥାକୁ ହିଁ ସେ ନିଜେ ପସନ୍ଦ କରିଥାନ୍ତେ ।

"ତେଣୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ଯେ ଏକ ଟଙ୍କା କିମ୍ବା ତା'ଠାରୁ ଅଧିକ ଟଙ୍କାର ଦାନ ପଠାନ୍ତୁ ଏବଂ ଆମ ସ୍ନେହ ଓ ଶ୍ରଦ୍ଧାଭାଜନ ଏକ ବ୍ୟକ୍ତିଙ୍କ ସ୍ମୃତିରକ୍ଷାର୍ଥେ ଏକ ଉଲ୍ଲେଖଯୋଗ୍ୟ ସ୍ମାରକ ନିର୍ମାଣ କରନ୍ତୁ ।"

# ଦରିଦ୍ର୍ୟ ଓ ସ୍ଥାଣୁତ୍ୱ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

## ୧୯୬୯-୭୦ ମସିହାର ବଜେଟ୍ ବିଧାନ ସଭାରେ ଉପସ୍ଥାପିତ ହେଲା

୧୯୬୯ ମାର୍ଚ୍ଚ ୧୨ ତାରିଖ ଦିନ ଓଡ଼ିଶା ବିଧାନ ସଭାରେ ୧୯୬୯-୭୦ ମସିହାର ବଜେଟ୍ ଉପସ୍ଥାପିତ କରି ମୁଖ୍ୟ ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଯେଉଁ ଅଭିଭାଷଣ ଦେଇଥିଲେ, ତାହାଁର କେତେକ ଗୁରୁତ୍ୱପୂର୍ଣ୍ଣ ଅଂଶ ନିମ୍ନରେ ଉଦ୍ଧୃତ ହେଲା ।

ଗତ ସାଧାରଣ ନିର୍ବାଚନ ଫଳରେ ଉପୁଜିଥିବା ନୂତନ ରାଜନୈତିକ ପରିସ୍ଥିତିର ପରିପ୍ରେକ୍ଷୀରେ, କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଥିବା ସଂପର୍କର ପୁନର୍ବିନ୍ୟାସ କରିବାର ଜରୁରି ଆବଶ୍ୟକତା ରହିଛି ବୋଲି ମୁଁ ଗତ ଦୁଇଟି ବାର୍ଷିକ ଅର୍ଥ ବିବରଣୀ ଉପସ୍ଥାପିତ କଲାବେଳେ ଉଲ୍ଲେଖ କରିଥିଲି । ଏବେ ନିକଟରେ କେତେକ ରାଜ୍ୟରେ ଯେଉଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହୋଇଗଲା, ତାହାର ଫଳାଫଳରୁ ସ୍ପଷ୍ଟ ହୋଇ ଯାଉଛି ଯେ କେତେକ ସୁନିର୍ଦ୍ଦିଷ୍ଟ ନୀତିକୁ ଭିତ୍ତି କରି କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ସୁସମ୍ପର୍କ ରଖାଯିବା ଏକାନ୍ତ ଆବଶ୍ୟକ । ତାହା ହେଲେ କେନ୍ଦ୍ର, ସରକାର ଓ ରାଜ୍ୟ ସରକାରମାନଙ୍କ ପାରସ୍ପରିକ ବିଶ୍ୱାସ ଓ ଆସ୍ଥାର ବାତାବରଣ ମଧ୍ୟରେ ରାଜନୈତିକ ସ୍ଥିରତା ଏବଂ ଅର୍ଥନୈତିକ ବିକାଶ ସହଜସାଧ୍ୟ ହୋଇ ପାରିବ ।

### ଅର୍ଥନୈତିକ ପରିସ୍ଥିତି

ଗତ କେତୋଟି ବର୍ଷ ଆମ ଦେଶ ଏକ ବିଶେଷ ଦୁଃଖକଷ୍ଟର ସମ୍ମୁଖୀନ ହୋଇ ପଡ଼ିଛି । ପ୍ରଧାନତଃ ପାଣିପାଗ ପରିସ୍ଥିତି ପ୍ରତିକୂଳ ହେବାରୁ କୃଷି ଉତ୍ପାଦନ ହଠାତ୍ ହ୍ରାସ ପାଇଥିଲା । ଶିଳ୍ପ ଉତ୍ପାଦନରେ ପଶ୍ଚାଦ୍‌ଗତି ଓ ଦେଶର ଦେଣନେଣ ପରିସ୍ଥିତିକୁ

ସମତୁଳ କରିବା ଦିଗରେ ମୁଦ୍ରା ମୂଲ୍ୟ ହ୍ରାସ ଦେଇଥିଲେ କାର୍ଯ୍ୟ କରି ନ ପାରିବା ଫଳରେ ମଧ୍ୟ ଦରଦାମ ଅସାଧାରଣ ଭାବରେ ବୃଦ୍ଧି ପାଇଲା । ୧୯୬୪-୬୫ରେ ଜାତୀୟ ଆୟ ଯେପରି ଆଶାଜନକ ଭାବରେ ଉଚ୍ଚ ସ୍ତରରେ ଉପନୀତ ହୋଇଥିଲା, ତାହା ମଧ୍ୟ ବିଶେଷ ଭାବରେ ହ୍ରାସ ପାଇଲା ଏବଂ ଦେଶରେ ମୁଣ୍ଡପିଛା ଆୟ ମଧ୍ୟ ତଦନୁପାତରେ ହ୍ରାସ ପାଇଗଲା । ମୁଣ୍ଡପିଛା ଜାତୀୟ ଆୟ ୧୯୬୪-୬୫ରେ ୩୩୮ ଟଙ୍କା (୧୯୬୦-୬୧ ପର୍ଯ୍ୟାୟ) ହୋଇଥିବା ସ୍ଥଳେ ୧୯୬୫-୬୬ ଓ ୧୯୬୬-୬୭ରେ ଯଥାକ୍ରମେ ୩୦୯ ଟଙ୍କା ଓ ୩୦୪ ଟଙ୍କାକୁ କମି ଆସିଲା । ଫଳତଃ ତୃତୀୟ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ, ଜୀବନଧାରଣର ମାନରେ କୌଣସି ଉନ୍ନତି ଘଟିବା ତ ଦୂରର କଥା, ବରଂ ଜାତୀୟ ଅର୍ଥନୀତି ବାସ୍ତବରେ ପଛକୁ ହଟିଗଲା । ତଥାପି କୃଷି ଦିଗରେ ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରୁ କେତେକ ରାଜ୍ୟରେ ୧୯୬୭-୬୮ରେ ଖାଦ୍ୟଶସ୍ୟର ଉଲ୍ଲେଖଯୋଗ୍ୟ ଉତ୍ପାଦନ ହୋଇଥିବାରୁ, ୧୯୬୮-୬୯ ମସିହା, ଜାତୀୟ ଅର୍ଥନୀତି ପକ୍ଷେ ଆଶାର ସୂଚନା ଦେଇ ଆରମ୍ଭ ହୋଇଥିଲା । ୧୯୬୪-୬୫ ପରଠାରୁ ପ୍ରଥମଥର ପାଇଁ ୧୯୬୭-୬୮ରେ ହିଁ ଜାତୀୟ ଆୟରେ ବିଶେଷ ବୃଦ୍ଧି ପରିଲକ୍ଷିତ ହୋଇଥିଲା ଏବଂ ମୁଣ୍ଡପିଛା ଜାତୀୟ ଆୟ ୩୨୪ ଟଙ୍କାକୁ ବୃଦ୍ଧି ପାଇଥିଲା । ଏହି ଅଭିବୃଦ୍ଧି ପ୍ରାୟ ପ୍ରସୂତ କେବଳ କୃଷି ଉତ୍ପାଦନ ବୃଦ୍ଧି ଯୋଗୁଁ ଘଟିଥିଲା । ୧୯୬୮-୬୯ରେ ମଧ୍ୟ ଜାତୀୟ ଅର୍ଥନୀତିରେ ଅନୁକୂଳ ପରିସ୍ଥିତିର ଲକ୍ଷଣ ଦେଖାଯାଉଥିବା ପ୍ରମାଣ । ମୁଣ୍ଡପିଛା ଜାତୀୟ ଆୟ ଆହୁରି ବୃଦ୍ଧି ପାଇଥିବା ପ୍ରମାଣ ମିଳୁଛି ଏବଂ ଏହାଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ କଥା ଏହି ଯେ ଦରଦାମ୍ ମଧ୍ୟ ସ୍ଥିର ହୋଇ ଆସୁଥିବା ମନେ ହେଉଛି ।

କିନ୍ତୁ ଓଡ଼ିଶାରେ ୧୯୬୫-୬୬ ଠାରୁ ଯେଉଁସବୁ କଠିନ ପରିସ୍ଥିତି ଉପୁଜିଥିଲା ସେସବୁ ଏବେ ମଧ୍ୟ ଅନୁଭୂତ ହେଉଛି । ୧୯୬୭-୬୮ ମସିହାଟି ଖରିଫ ଅଣା ମଧ୍ୟରେ ଆରମ୍ଭ ହୋଇଥିଲେ ମଧ୍ୟ ପୁନର୍ବାର ପ୍ରତିକୂଳ ପାଣିପାଗ ଅବସ୍ଥା ଘଟିବାରୁ ପ୍ରଚୁର ଫସଲ ଅମଳ ହେବାର ଆଶା ବ୍ୟର୍ଥ ହୋଇଗଲା । ୧୯୬୮-୬୯ରେ ମଧ୍ୟ ମୌସୁମୀ ବର୍ଷା ପୁଣି ଆମମାନଙ୍କୁ ହଟହଟାରେ ପକାଇଲା । ଆଜି ମଧ୍ୟ ୧୯୬୮ ଅକ୍ଟୋବର ମାସରେ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କ ଉପରେ ଯେଉଁ ଅଭୂତପୂର୍ବ ବାତ୍ୟା ବହିଗଲା, ତାହା ଫଳରେ ଧନସଂପତ୍ତିର ବ୍ୟାପକ କ୍ଷତି ଘଟିଛି । ରାଜ୍ୟରେ ହେଉଥିବା ଆୟର ଶତକଡ଼ା ୭୦ ଭାଗରୁ ଅଧିକ କୃଷିରୁ ମିଳିଥାଏ । ମରୁଡ଼ି, ବନ୍ୟା ଓ ବାତ୍ୟା ବାରମ୍ବାର ଘଟି ବର୍ଷବର୍ଷ ଫସଲ-ହାନି ହେବାରୁ ରାଜ୍ୟର ଅର୍ଥନୀତିରେ ଅବନତି ଘଟିଛି ଏବଂ ଏହା ଫଳରେ ରାଜ୍ୟର ମୁଣ୍ଡପିଛା ଆୟ ମୁଣ୍ଡପିଛା ଜାତୀୟ ଆୟରେ [illegible] ବୃଦ୍ଧି ସହିତ ପାଦ ମିଳାଇ ଚାଲି ପାରିନାହିଁ ।

## ଦରଦାମ

୧୯୪୯ ମସିହାର ମୂଲ୍ୟ ଭିତ୍ତିରେ ଶ୍ରମିକ ଶ୍ରେଣୀର ଖାଉଟି ମୂଲ୍ୟ-ସୂଚୀ, ସମଗ୍ର ଭାରତ ପାଇଁ ୧୯୬୫-୬୬, ୧୯୬୬-୬୭ ଓ ୧୯୬୭-୬୮ରେ ଯଥାକ୍ରମେ ୧୬୯, ୧୯୧ ଓ ୨୧୩ ହୋଇଥିଲା । ୧୯୬୮ ଅକ୍ଟୋବର ମାସ ସୁଦ୍ଧା ଏହା ମାତ୍ର ୨୧୯କୁ ବୃଦ୍ଧି ପାଇଛି । କଟକ ପାଇଁ ଅନୁରୂପ ମୂଲ୍ୟସୂଚୀ ଥିଲା ଯଥାକ୍ରମେ ୧୮୮, ୨୧୩, ୨୩[illegible] ଓ ୨୫୯ । ଏହିରୂପେ ଦରଦାମରେ ପୂର୍ବରୁ ଯେଉଁ ଅସ୍ୱାଭାବିକ ବୃଦ୍ଧି ଘଟିଥିଲା ତାହାକୁ ଚଳିତ ବର୍ଷ କେତେକ ପରିମାଣରେ ରୋକା ଯାଇପାରିଛି ବୋଲି ମନେହୁଏ । କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମାନେ ବହୁଳ ନଅଣ୍ଟିଆ ଅର୍ଥ ବ୍ୟବସ୍ଥା ପରିହାର

ଜଣକା ଫଳରେ ଅନେକାଂଶତଃ ଏପରି ହୋଇ-ଥିଲା । ସେ କୌଣସି ଆଖିଦୃଶିଆ ଉନ୍ନୟନ ଯୋଜନା ପାଇଁ ଦରଦାମରେ ସ୍ଥିରତା ରକ୍ଷା କରିବା ଅପରିହାର୍ଯ୍ୟ ଏବଂ ଏହା ଗୋଟିଏ ସ୍ୱାଗତଯୋଗ୍ୟ ଲକ୍ଷଣ ।

## ପ୍ରାକୃତିକ ବିପର୍ଯ୍ୟୟ

ମାନ୍ୟବର ସଦସ୍ୟମାନେ ଜାଣନ୍ତି ଯେ ଏହି ରାଜ୍ୟ ଗତ ସୁଦ୍ଧବର୍ଷ ହେଲା ଲଗ୍ ଲଗ୍ ମରୁଡ଼ି କବଳରେ ପଡ଼ିଆସିଛି । ୧୯୬୮ ଜୁନ୍‌ଠାରୁ ସେପ୍‌ଟେମ୍ବର ମଧ୍ୟରେ ସ୍ୱଳ୍ପ ବୃଷ୍ଟିପାତ ହେବା ଫଳରେ ରାଜ୍ୟର ଅନେକ ଅଂଶରେ ସଅଳ ଅମଳ ହେଉଥିବା ଖରିଫ୍ ଧାନର ବ୍ୟାପକ କ୍ଷତି ଘଟିଲା ଏବଂ ମାଣ୍ଡିଆ ଭଳି ଜାତୀୟ ଫସଲ (ମିଲେଟ୍) ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ବିଶେଷକରି କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର, ସୁନ୍ଦରଗଡ଼ ଓ ବଲାଙ୍ଗୀର ଜିଲ୍ଲାମାନଙ୍କରେ ଦାରୁଣ ଦୁର୍ଭିକ୍ଷ ଦେଖାଦେଇଥିଲା । ତେଣୁ ସରକାର ଏହିସବୁ ଅଞ୍ଚଳରେ ରିଲିଫ୍ କାର୍ଯ୍ୟ ଆରମ୍ଭ କଲେ । ରବି ଋତୁର ଧାନ ଫସଲ ସମ୍ପର୍କରେ ଗୋଟିଏ ରିପୋର୍ଟ ଜଣାପଡ଼ିଲା ଯେ ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାମାନଙ୍କରେ ପ୍ରତିକୂଳ ପରିସ୍ଥିତି ଯୋଗୁଁ ସେ ଫସଲ ମଧ୍ୟ ବିଶେଷ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି । ତେଣୁ ଏସବୁ ଜିଲ୍ଲାରେ ୧୯୬୯ ଜାନୁଆରୀ ମାସ ଶେଷ ପର୍ଯ୍ୟନ୍ତ ଟେଷ୍ଟ ରିଲିଫ୍ କାର୍ଯ୍ୟ ଚାଲୁ ରଖାଯାଇଥିଲା । କେନ୍ଦ୍ର ସରକାରଙ୍କର ଗୋଟିଏ ଅଫିସର ଦଳଙ୍କ ପରିଦର୍ଶନ ପରେ ଆବଶ୍ୟକୀୟ ରିଲିଫ୍ ଖର୍ଚ୍ଚର ପରିମାଣ ତାକାବି ଋଣ ବଣ୍ଟନ ସମେତ ୫୫୭ ଲକ୍ଷ ଟଙ୍କା ହେବ ବୋଲି ଧାର୍ଯ୍ୟ କରାଯାଇଥିଲା ।

ଗତବର୍ଷ ପରି ୧୯୬୮ରେ ମଧ୍ୟ ବନ୍ୟା ଦେଖା-ଦେଇଥିଲା । ବାଲେଶ୍ୱର ଜିଲ୍ଲାରେ ବନ୍ୟାର ପ୍ରକୋପ ବିଶେଷରୂପେ ତୀବ୍ର ହୋଇ ପଡ଼ିଥିଲା । ସରକାର କ୍ଷତିଗ୍ରସ୍ତ ଅଞ୍ଚଳମାନଙ୍କରେ ପ୍ରତ୍ୟୋଜନୀୟ ରିଲିଫ୍ ବ୍ୟବସ୍ଥା ଗ୍ରହଣ କରିଥିଲେ ଏବଂ ଜନସାଧାରଣଙ୍କ ଦୁଃଖକଷ୍ଟ ଲାଘବ କରିବା ପାଇଁ ସମସ୍ତ ସମ୍ଭବପର ପଦକ୍ଷେପ ନେଇଥିଲେ ।

ତଥାପି ସବୁଠାରୁ ଦୁଃସହ ପ୍ରାକୃତିକ ବିପର୍ଯ୍ୟୟ ଘଟିଥିଲା ୧୯୬୮ ଅକ୍‌ଟୋବର ମାସରେ, ବାତ୍ୟା ଆକାରରେ । ଏହା ଫଳରେ କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାମାନଙ୍କରେ ଧନସମ୍ପତ୍ତିର ବ୍ୟାପକ କ୍ଷତି ଘଟିଥିଲା । ଉକ୍ତ ବାତ୍ୟା ଯୋଗୁଁ କ'ଣ କ୍ଷତି ଘଟିଥିଲା ଓ ସେଥିପାଇଁ କ'ଣ ରିଲିଫ୍ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ସେ ସଂପର୍କୀୟ ସବିଶେଷ ବିବରଣୀ ଗୋଟିଏ ଶ୍ୱେତ ପତ୍ରରେ ଉଲ୍ଲେଖ କରାଯାଇ ତାହାର ନକଲ ମାନ୍ୟବର ସଦସ୍ୟମାନଙ୍କ ବିଧାନ ସଭାର ଗତ ଅଧିବେଶନରେ ଦିଆଯାଇଥିଲା । ଏ ସଂପର୍କୀୟ ରିଲିଫ୍ କାର୍ଯ୍ୟରେ କେତେ ଖର୍ଚ୍ଚ ହେବ ତାହା କଳନା କରିବା ପାଇଁ କେନ୍ଦ୍ର ସରକାରଙ୍କର ଏକ ଅଫିସର ଦଳ ଏ ରାଜ୍ୟ ପରିଦର୍ଶନ କରିଥିଲେ । ରାଜ୍ୟ ସରକାରଙ୍କ ଅଫିସରମାନଙ୍କ ସହିତ ଆଲୋଚନା କରିସାରି ଏହି କେନ୍ଦ୍ରୀୟ ଦଳ ରିଲିଫ୍ ବ୍ୟବସ୍ଥା ପାଇଁ ୫୩୩ ଲକ୍ଷ ଟଙ୍କାର ଖର୍ଚ୍ଚ ସୁପାରିଶ କରିଛନ୍ତି । ଋଣ ବଣ୍ଟନ ଏବଂ ରାସ୍ତା, ବନ୍ଧବାନ୍ଧ, ଜଳସେଚନ ଯୋଜନା ଓ କୋଠାବାଡ଼ି ପ୍ରଭୃତିର ପୁନର୍ନିର୍ମାଣ ଓ ମରାମତି ଏଥିର ଅନ୍ତର୍ଭୁକ୍ତ । ଏହା ଅନୁସାରେ ରିଲିଫ୍ କାର୍ଯ୍ୟ ଆରମ୍ଭ କରାଯାଇ ଚାଲୁ ରଖାଯାଇଛି ।

ମହାଶୟ, ଏହି ପୃଷ୍ଠଭୂମିରେ, ୧୯୬୯-୭୦ ପାଇଁ ବଜେଟ୍ ଅଟକଳ ଉପସ୍ଥାପନ କରିବା ପୂର୍ବରୁ, ମୁଁ ବର୍ତ୍ତମାନ ୧୯୬୭-୬୮ର ପ୍ରକୃତ ଖର୍ଚ୍ଚ ଓ ଚଳିତ ବର୍ଷର ସଂଶୋଧିତ ଅଟକଳର ଧାରଣା ଦେବାକୁ ପ୍ରୟାସ କରିବି ।

## ୧୯୬୭-୬୮ ହିସାବ

୧୯୬୭-୬୮ ପାଇଁ ରାଜ୍ୟ ସରକାରଙ୍କ ହିସାବ ୬୧୧ ଲକ୍ଷ ଟଙ୍କାର ନିଅଣ୍ଟ (ଓଭରଡ୍ରାଫ୍ଟ ବ୍ୟତୀତ) ଦର୍ଶାଯାଇ ଆରମ୍ଭ କରାଯାଇଥିଲା; କିନ୍ତୁ ବର୍ଷ ଶେଷରେ ୫୩ ଲକ୍ଷ ଟଙ୍କା ବଳକା ଦର୍ଶାଇ ହିସାବ ସମାପ୍ତ କରାଯାଇଥିଲା । ପ୍ରଧାନତଃ ଭାରତ ରିଜର୍ଭ ବ୍ୟାଙ୍କ ଠାରୁ ସରକାରଙ୍କୁ ମିଳିଥିବା ଋଣ ପରିମାଣ ୬୮୩ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିବା ହେତୁ, ହିସାବର ଜମା ଖର୍ଚ୍ଚ ସମତୁଳନ ପରିସ୍ଥିତିରେ ଉନ୍ନତି ଘଟିଥିଲା ।

## ସଂଶୋଧିତ ଅଟକଳ, ୧୯୬୮-୬୯

୧୯୬୮ ମାର୍ଚ୍ଚ ମାସରେ ଏହି ଗୃହରେ ଗୃହୀତ ହୋଇଥିବା ବଜେଟ ଅଟକଳରେ ୧୨ ଲକ୍ଷ ଟଙ୍କା ବଳକା ରହିବ ବୋଲି କଳ୍ପନା କରାଯାଇଥିଲା । କିନ୍ତୁ ଇତିମଧ୍ୟରେ ଦେଖାଯାଉଛି ଯେ ପୂର୍ବର ଅଟକଳ ଅପେକ୍ଷା ଆୟ କମ୍ ହେବ । ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ପାଇଁ ଯେଉଁ ସବୁ ବ୍ୟବସ୍ଥା କଳ୍ପନା କରାଯାଇଥିଲା, ସେଗୁଡ଼ିକ ମଧ୍ୟରୁ କେତେକ କାର୍ଯ୍ୟକାରୀ ହୋଇ ନପାରିବା ଯୋଗୁଁ କେତେକାଂଶରେ ଏବଂ ଅନ୍ୟାନ୍ୟ

### ୧୯୬୯-୭୦ ମସିହା ପାଇଁ ରାଜ୍ୟ କ୍ଷେତ୍ରରେ ଯୋଜନା ଖର୍ଚ୍ଚ

(ଲକ୍ଷ ଟଙ୍କା ହିସାବରେ)

କୃଷି କାର୍ଯ୍ୟକ୍ରମ—

| | | |
|---|---|---|
| ୧ । ଜମି ଉନ୍ନୟନ ସମେତ କୃଷି ଉତ୍ପାଦନ | ... | ୧,୫୯·୫୮ |
| ୨ । ଆୟାକଟ ଉନ୍ନୟନ | ... | ୪·୪୦ |
| ୩ । ମୃତ୍ତିକା ସଂରକ୍ଷଣ | ... | ୧୩·୫୯ |
| ୪ । ମତ୍ସ୍ୟ ଚାଷ | ... | ୨୦·୪୭ |
| ୫ । କ୍ଷୁଦ୍ର ଜଳସେଚନ | ... | ୧,୧୮·୦୦ |
| ୬ । ପଶୁପାଳନ, ଡେଆରି ଓ ଦୁଗ୍ଧ ଯୋଗାଣ | ... | ୩୩·୭୦ |
| ୭ । ଜଙ୍ଗଲ | ... | ୪୦·୦୦ |
| ୮ । ପଣ୍ୟାଗାର ଓ ବିକ୍ରିବଟା | ... | ୨·୦୦ |
| ମୋଟ—କୃଷି କାର୍ଯ୍ୟକ୍ରମ | ... | ୩,୯୧·୭୪ |

ଅଣୁ ବାବଦରେ ସମ୍ବଳ ହ୍ରାସ ଯୋଗୁଁ ଯୋଜନାଂଶରେ, ଏହାର ଘଟିଛି । ୧୯୬୮ ମାର୍ଚ୍ଚ ସରକାରଙ୍କଠାରୁ ମଞ୍ଜୁର କରାଯାଇଥିବା ବର୍ଦ୍ଧିତ ହାରରେ ମହଙ୍ଗା ଭତ୍ତା ଦେବା ପାଇଁ ଅତିରିକ୍ତ ଦାୟିତ୍ୱ ସରକାର ହାତକୁ ନେଇଛନ୍ତି ଏବଂ ବିଶ୍ୱବିଦ୍ୟାଳୟ ସ୍କୁଲ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନମାନଙ୍କ ପାଇଁ ଗ୍ରାଣ୍ଟର ପରିମାଣ ବଢ଼ାଇ ଦେଇଛନ୍ତି । ଏହାଛଡ଼ା ଭାରତ ରିଜର୍ଭ ବ୍ୟାଙ୍କର ବକେୟା ଋଣ ପରିଶୋଧ ଏବଂ ସୁଧ ସଂଶୋଧ-ଜନିତ ଅଧିକା ବୋଝ ଆମର ସମସ୍ୟାକୁ ଜଟିଳ କରିଛି । ଏହା ଫଳରେ ସରକାରଙ୍କୁ ଯୋଜନା ପରିମାଣରେ ଯୋଜନା କାଟଛାଣ୍ଟ କରିବାକୁ ଅସ୍ଥାୟୀ ଅର୍ଥନୈତିକ ବ୍ୟବସ୍ଥାର ଆଶ୍ରୟ ନେବାକୁ ପଡ଼ିଛି । ସରକାର ଦେଇଥିବା ବକେୟା ଋଣ ଆଦାୟ ପାଇଁ ଏବଂ ଷ୍ଟାମ୍ପ ପତ୍ର ଓ ରେମିଟାନ୍ସ ବାବଦ ଦେୟ ଅଗ୍ରିମର ପରିମାଣ କମାଇବା ପାଇଁ ନିଷ୍ପତ୍ତି ମଧ୍ୟ କରାଯାଇଛି; କିନ୍ତୁ ଏସବୁ ଉଦ୍ୟମ ..., ଚଳିତ ବର୍ଷ ପାଇଁ ମଧ୍ୟ ଆୟ ସମ୍ବଳରେ ... ନିଅଣ୍ଟ ରହିପାରେ । ଭାରତ ସରକାରଙ୍କଠାରୁ ... ପାଇଁ ୧୨ କୋଟି ଟଙ୍କା ସାହାଯ୍ୟ ... ଏହି ନିଅଣ୍ଟ ଭରଣା କରିବା ଲାଗି ଆମ୍ଭେମାନେ ...ଛୁଁ । ଏହି ଆଶାରେ ଚଳିତ ବର୍ଷର ଶେଷ ...ରେ ୨୫ ଲକ୍ଷ ଟଙ୍କା ବଳକା ରହିବ ବୋଲି ...ଯାଇଛି ।

## ଅର୍ଥ କମିଶନ

...ସ୍ୱ, ବର୍ତ୍ତମାନ ମୁଁ ପଞ୍ଚମ ଅର୍ଥ କମିଶନପ୍ରତି ... ସଭ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ... କମିଶନ ବର୍ତ୍ତମାନ ସଂଘୀୟ ଅର୍ଥ ବଣ୍ଟନ ସମସ୍ୟାଗୁଡ଼ିକ ପରୀକ୍ଷା କରିବାରେ ବ୍ୟସ୍ତ ... ଅନଗ୍ରସର ଅର୍ଥାଭାବ ଯୋଗୁଁ ବରାବର ... ସଂଗଠନର ଶିକାର ହୋଇ ଆସିଥିବା ... ଏକ ରାଜ୍ୟ ପକ୍ଷେ ସଂଘୀୟ ଅର୍ଥ ବଣ୍ଟନର ଫଳାଫଳ ଏକାନ୍ତ ସୁଦୂରପ୍ରସାରୀ । ସଭ୍ୟମାନେ ଜାଣନ୍ତି ଯେ ଚତୁର୍ଥ ଅର୍ଥ କମିଶନଙ୍କ ସୁପାରିଶ ଭିତ୍ତିରେ ସଂଘୀୟ ଅର୍ଥ ବଣ୍ଟନ ବ୍ୟବସ୍ଥା ସାଧାରଣତଃ ୧୯୭୦-୭୧ ପର୍ଯ୍ୟନ୍ତ ବଳବତ୍ତର ଥିଲା ପୂର୍ବରୁ ପରିକଳ୍ପିତ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଶେଷ ପର୍ଯ୍ୟନ୍ତ ରହିଥାଆନ୍ତା । କିନ୍ତୁ ପରେ ଚତୁର୍ଥ ଯୋଜନାର ଆରମ୍ଭ ହେବା ତାରିଖ ୧୯୬୯-୭୦ ମସିହା ପର୍ଯ୍ୟନ୍ତ ଘୁଞ୍ଚିଗଲା ଏବଂ ନୂତନ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ସଂଘୀୟ ଅର୍ଥ ସଂପର୍କୀୟ ବିଭିନ୍ନ ସମସ୍ୟା ଉପରେ ସୁପାରିଶ କରିବାପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଶ୍ରୀ ମହାବୀର ତ୍ୟାଗୀଙ୍କ ଅଧ୍ୟକ୍ଷତାରେ ପଞ୍ଚମ ଅର୍ଥ କମିଶନ ଗଠିତ ହେଲା । କମିଶନଙ୍କୁ ତାଙ୍କର ସୁପାରିଶମାନ, ବିଶେଷତଃ ୧୯୬୯-୭୦ ମସିହା ସଂପର୍କରେ ମଧ୍ୟବର୍ତ୍ତୀକାଳୀନ ସୁପାରିଶମାନ ଦାଖଲ କରିବାପାଇଁ ଯେଉଁ ଅନୁରୋଧ କରାଯାଇଥିଲା, ତାହା ଉକ୍ତ କମିଶନ ପୂରଣ କରି ସାରିଛନ୍ତି । ବର୍ତ୍ତମାନ କମିଶନଙ୍କର ଚୂଡ଼ାନ୍ତ ସୁପାରିଶକୁ ଅପେକ୍ଷା କରାଯାଉଛି ।

ପଞ୍ଚମ ଅର୍ଥ କମିଶନଙ୍କ ମଧ୍ୟବର୍ତ୍ତୀକାଳୀନ ସୁପାରିଶଗୁଡ଼ିକ ଆମ୍ଭମାନଙ୍କ ପକ୍ଷେ ଗଭୀର ନୈରାଶ୍ୟ ସୃଷ୍ଟି କରିଛି । ଏହି ସବୁ ସୁପାରିଶ ଭିତ୍ତିରେ ଓଡ଼ିଶା ସରକାର ଋଣ ତଥା କେନ୍ଦ୍ରୀୟ ଟିକସର ଅଂଶ ବାବଦରେ ୧୯୬୯-୭୦ ମସିହାରେ ୫୮.୯୩ କୋଟି ଟଙ୍କା ପାଇବାର ସମ୍ଭାବନା । ବିଭିନ୍ନ ରାଜ୍ୟ ସର୍ବମୋଟ ୧,୨୮୪ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଦର୍ଶାଇଛନ୍ତି । ଯାହାହେଉ, କେନ୍ଦ୍ର ସରକାରଙ୍କଠାରୁ କେତେ ସମ୍ବଳ ମିଳିବ, ତାହା କମିଶନଙ୍କୁ ସ୍ଥିର କରିବାକୁ ପଡ଼ିଥିଲା । ତେଣୁ ବିଭିନ୍ନ ରାଜ୍ୟ ମଧ୍ୟରେ ୭୭୨ କୋଟି ଟଙ୍କା ମାତ୍ର ବଣ୍ଟନ ନିମନ୍ତେ କମିଶନ୍ ସୁପାରିଶ କରିଥିଲେ । ରାଜ୍ୟ ସରକାରମାନଙ୍କ ବିଭିନ୍ନ ଦାବି ବିଚାର କରିବାପାଇଁ କମିଶନଙ୍କ ହାତରେ ଯଥେଷ୍ଟ

ସମସ୍ତ ନ ଥିବାରୁ ବଳିଷ୍ଠ ରାଜ୍ୟର ଆବଶ୍ୟକତାର ବୃତ୍ତାନ୍ତ ଉପସ୍ଥିତ ନ ହେବା ପର୍ଯ୍ୟନ୍ତ ଅଧିକାଂଶ କ୍ଷେତ୍ରରେ ପୂର୍ବ ପ୍ରଚଳିତ ସୂତ୍ରରେ ସଂଘୀୟ ସମ୍ବଳର ହସ୍ତାନ୍ତର ଅସ୍ଥାୟୀ ଭାବରେ ରଖିବା ପାଇଁ କମିଶନ ତାହାଙ୍କ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟରେ ସୁପାରିଶ କରିଥିଲେ ।

ଆମ୍ଭେମାନେ ଅର୍ଥ କମିଶନଙ୍କ ନିକଟରେ ଜଣାଇଥିଲୁଁ ଯେ ସମ୍ବଳ ଅଭାବରୁ ରାଜ୍ୟ ସରକାର ରାସ୍ତା, କୋଠାବାଡ଼ି ଓ ଜଳସେଚନ ଯୋଜନାଗୁଡ଼ିକର ସନ୍ତୋଷଜନକ ରକ୍ଷଣାବେକ୍ଷଣ କରିବାକୁ ସମର୍ଥ ହୋଇନାହାନ୍ତି । ଆଉ ମଧ୍ୟ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନଗୁଡ଼ିକୁ ଗ୍ରାଣ୍ଟ ତଥା ସ୍କୁଲ, କଲେଜ, ଡାକ୍ତରଖାନା ଓ ଡାକ୍ତରଖାନା ପାଇଁ ସରକାରୀ ବ୍ୟୟର ପରିମାଣ, ଏସବୁ ଅନୁଷ୍ଠାନକୁ ଦକ୍ଷତାର ଏକ ସୁଯୁକ୍ତ ସ୍ତରରେ ରଖିବା ପକ୍ଷେ ଆବଶ୍ୟକ ପଡ଼ୁଥିବା ପରିମାଣଠାରୁ ବହୁତ କମ୍ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରେ ଏହା ଏକ ଦୁଃଖାବହ କାର୍ଯ୍ୟ ହୋଇଥିଲା ଓ ଆମେ ... ଏହିସବୁ ଅନୁଷ୍ଠାନର ରକ୍ଷଣାବେକ୍ଷଣ ଗ୍ରାଣ୍ଟ ... ହାରରେ ଅର୍ଥ ବ୍ୟବସ୍ଥା କରି ଏ ସମସ୍ତ ... ସଂପତ୍ତିର ଅଧିକ ଅପଚୟ ହେବାରୁ ... ବିଶେଷ ଉଦବିଗ୍ନ ହୋଇପଡ଼ୁଛୁଁ । ଅର୍ଥ ... ମଧ୍ୟବର୍ତ୍ତୀକାଳୀନ ସୁପାରିଶ ଭିତ୍ତିରେ ... ୧୯୬୯-୭୦ରେ ପୂର୍ବ ପ୍ରଚଳିତ ... ସାହାଯ୍ୟ ଓ ଟିକସର ଭାଗ ମିଳୁଥିବାରୁ ... ପକ୍ଷେ ରକ୍ଷଣାବେକ୍ଷଣ ଗ୍ରାଣ୍ଟ ବୃଦ୍ଧି କରିବା ... ହେବ ନାହିଁ ଏବଂ ଆମେ ଯେଉଁ ବୃଦ୍ଧିତ ... ଗ୍ରାଣ୍ଟ ପାଇଁ ଦାବୀ କରିଥିଲୁ, ସେଥିଲାଗି ... ହସ୍ତାନ୍ତର ବ୍ୟବସ୍ଥା କରିବା ଅବସ୍ଥାରେ ... ଆହୁରି ଦୁଃଖର କଥା ଯେ ଅର୍ଥ କମିଶନ ... ନଗଦ ଖର୍ଚ୍ଚର ଆବଶ୍ୟକତା ଭିତ୍ତିରେ ... ମଧ୍ୟବର୍ତ୍ତୀକାଳୀନ ସୁପାରିଶ ଦେଇଥିବାରୁ ... ଦେଣାନକାଂଶ ସକାଶେ ଅର୍ଥ ହସ୍ତାନ୍ତର ... ରଖି ନ ଥିବାରୁ ଆମ୍ଭେମାନେ ଦେଣାନକାଂଶ ... ଅର୍ଥ ବ୍ୟବସ୍ଥା କରିପାରୁନାହୁଁ । ଏସବୁ ଅସୁବି...

## ୧୯୬୯-୭୦ ମସିହା ପାଇଁ ରାଜ୍ୟ କ୍ଷେତ୍ରରେ ଯୋଜନା ଖର୍ଚ୍ଚ

**ସମବାୟ ଓ ଗୋଷ୍ଠୀ ଉନ୍ନୟନ—**

(ଲକ୍ଷ ଟଙ୍କା ହିସାବରେ)

| | | |
|---|---|---|
| ୧ । ସମବାୟ | ... | ୬୭·୪୧ |
| ୨ । ଗୋଷ୍ଠୀ ଉନ୍ନୟନ | ... | ୫୯·୦୨ |
| ୩ । ପଞ୍ଚାୟତ | ... | ୦·୭୬ |
| ମୋଟ—ସମବାୟ ଓ ଗୋଷ୍ଠୀ ଉନ୍ନୟନ | ... | ୧,୩୫୮·୯ |

ଆହୁରି କେତେକ ଅପରିହାର୍ଯ୍ୟ ଆବଶ୍ୟକତା ଫଳରେ ପ୍ରାୟ ଆହୁରି ୧୬ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ, ଅଥଚ ଏ ଉଦ୍ଦେଶ୍ୟରେ ବର୍ତ୍ତମାନ ପାଇଁ କିଛି ବ୍ୟବସ୍ଥା ରଖାଯାଇ ପାରୁନାହିଁ ।

ଅନ୍ତ ମଧ୍ୟ ଋଣ ପରିଶୋଧ ସଂପର୍କରେ କମିଶନ କୌଣସି ନିଷ୍ପତ୍ତି ଗ୍ରହଣ କରି ନାହାନ୍ତି । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ରାଜ୍ୟ ସରକାରଙ୍କ ଉପରେ ଋଣର ବୋଝ ବୃଦ୍ଧି ହୋଇ ରହିଛି । ୧୯୬୮-୬୯ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ବକେୟା ଋଣର ପରିମାଣ ୫୧୯ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏଥିମଧ୍ୟରୁ ୧୯୬୯-୭୦ ମସିହାରେ କ୍ଷେପ ନିଧିକୁ (ଫ୍ଲୋଟିଂ-ଡେଟ୍) ବାଦ୍ ଦେଇ ଅବଶିଷ୍ଟ [illegible] କୋଟି ଟଙ୍କା ପରିଶୋଧ କରିବାକୁ ପଡ଼ିବ । ଋଣ ସଂପର୍କୀୟ ବିଶଦ ବିବରଣୀ ପରିଶିଷ୍ଟ 'କ'ରେ ଦିଆଯାଇଛି । ଏ ଋଣ ବୋଝ ଏତେ ବେଶି ଯେ ଏହାକୁ ସାମୟିକ ବୋଲି ଗଣନା କରାଯାଇ ନ ପାରେ । ଅବଶ୍ୟ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଗ୍ରାଣ୍ଟ-ଇନ୍-ଏଡ଼ ଦ୍ୱାରା ଭରଣା ହେବାକୁ ଥିବା ରାଜସ୍ୱ ନିଅଣ୍ଟର ପରିମାଣ ନିର୍ଣ୍ଣୟ କରିବା ସକାଶେ ଅର୍ଥ କମିଶନ ରାଜ୍ୟ ସରକାରଙ୍କ ସୁଧର ବୋଝ ବିଷୟକୁ ନେଇଥାନ୍ତି । କିନ୍ତୁ ପରିଶୋଧ ବାବଦ ଦାୟିତ୍ୱ ଏ ସବୁ ହିସାବରୁ ବାଦ ଦିଆଯାଇ ଥାଏ । ଫଳତଃ ଓଡ଼ିଶା ଭଳି ଯେଉଁସବୁ ରାଜ୍ୟର ରାଜସ୍ୱ ହିସାବରେ ନିଅଣ୍ଟ ରହିଛି, ସେମାନେ ସାବକ ଋଣ ପରିଶୋଧ ହିସାବରେ ନିଜ ନିଜର ଦାୟିତ୍ୱ ତୁଲାଇବା ପାଇଁ ନୂଆ ନୂଆ ଋଣ ଉଠାଇବାକୁ ବାଧ୍ୟ ହୋଇଛନ୍ତି । ଏହାଦ୍ୱାରା ଋଣ ବୋଝ ଆପେ ଆପେ ପରିଶୋଧଯୋଗ୍ୟ ନ ହୋଇ ବରଂ ଆପେ ଆପେ ସ୍ଥାୟୀ ହେବାର ବିଷମ ପରିସ୍ଥିତି ଦେଖାଦେଇଛି । ଋଣ ବୋଝ ଯେତେ ଯେତେ ବଢ଼ୁଛି, ରାଜ୍ୟ ସରକାର ର ଋଣ ପରିଶୋଧ-ଦାୟିତ୍ୱ ତୁଲାଇବା ପାଇଁ ଆହୁରି ଋଣ ପାଇବା ନିମନ୍ତେ କେନ୍ଦ୍ର ଉପରେ ସେମାନେ ଅଧିକରୁ ଅଧିକ ନିର୍ଭର କରୁଛନ୍ତି । ଋଣ ସାହାଯ୍ୟ ମଞ୍ଜୁର କରିବା କେନ୍ଦ୍ର ସରକାରଙ୍କର ଇଚ୍ଛାଧୀନ ହୋଇଥିବାରୁ ରାଜ୍ୟ ସ୍ୱାତନ୍ତ୍ର୍ୟ (ଅଟୋନୋମି) ତାହା ଦ୍ୱାରା ବିଶେଷ ଭାବରେ ବିଡ଼ମ୍ବିତ ହେଉଛି । ତେଣୁ ଆମ୍ଭେମାନେ ଅର୍ଥ କମିଶନଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଏ ବିଷୟରେ ଅବହିତ ରହନ୍ତୁ ଏବଂ ଏ ରାଜ୍ୟ ଯେପରି ତାର ପରିଶୋଧ ଦାୟିତ୍ୱ ତୁଲାଇ ପାରିବ ସେଥିପାଇଁ ତାଙ୍କ ଅର୍ଥ ବଣ୍ଟନ ପରିକଳ୍ପନାରେ ଯଥେଷ୍ଟ ଅର୍ଥ ହସ୍ତାନ୍ତରର ବ୍ୟବସ୍ଥା ରଖନ୍ତୁ । ଋଣ ଆକାରରେ ଅଣାଯାଇଥିବା ମୂଳଧନକୁ ଯେଉଁସବୁ ଯୋଜନାରେ ଖଟାଯାଇଛି, ସେଥିରୁ ହେଉଥିବା ଆୟ ରାଜ୍ୟର ରାଜସ୍ୱ ଆୟର ଏକ ଅଂଶ ହୋଇଛି । ତେଣୁ ଫଇସଲ ହୋଇ ନ ଥିବା ଦେଣାର ପରିଶୋଧ, ରାଜସ୍ୱ ବଜେଟର ଏକ ଯଥାଯଥ ଦାବୀ ହେବା ଉଚିତ । ଅବଶ୍ୟ ରାଜ୍ୟ ସରକାରଙ୍କ ଦାଦନରୁ ଅସୁଲ ହୋଇଥିବା ଟଙ୍କା ଦ୍ୱାରା ଏଥିରୁ ଯେତେ ଅଂଶ ପରିଶୋଧ କରାଯାଇପାରେ, ତାହା ଉକ୍ତ ଦାବୀରୁ ବାଦ ଦେବାକୁ ପଡ଼ିବ । ତେଣୁ ସଂବିଧାନର ୨୭୫(୧) ଅନୁଚ୍ଛେଦ ଅନୁଯାୟୀ ନିଟ୍ ପରିଶୋଧ ବାବଦ ଦାୟିତ୍ୱ ସକାଶେ ଗ୍ରାଣ୍ଟ ମିଳିବା ଉଚିତ । ଅର୍ଥ କମିଶନ ତାଙ୍କର ମଧ୍ୟବର୍ତ୍ତୀକାଳୀନ ରିପୋର୍ଟରେ ଏ ସଂପର୍କରେ କିଛି ସୁପାରିଶ କରି ନାହାଁନ୍ତି । ଯାହା ହେଉ, ଅଧିକା ଟଙ୍କା ଉଠାଣର (ଓଭର ଡ୍ରାଫ୍ଟ) ପ୍ରଶ୍ନ ବିଚାର କଲାବେଳେ କମିଶନ ରାଜ୍ୟମାନଙ୍କର ଋଣ ପରିଶୋଧ ସଂପର୍କୀୟ ଅସୁବିଧା ସ୍ୱୀକାର କରିଛନ୍ତି । କମିଶନ ମତ ଦେଇଛନ୍ତି ଯେ ଋଣ ପରିଶୋଧର ପରିମାଣ ଅସମ୍ଭାବିତରୂପେ ବୃଦ୍ଧି ପାଇଆସିଥିବା ବେଳେ ଅଣ-ଯୋଜନା କ୍ୟାପିଟାଲ ଆୟର ସେହିଭଳି ବୃଦ୍ଧି ପରିଲକ୍ଷିତ ହୋଇନାହିଁ । କମିଶନ ସୁପାରିଶ କରିଛନ୍ତି ଯେ, ସବୁ ଯଥାସାଧ୍ୟ ଉଦ୍ୟମ ସତ୍ତ୍ୱେ କୌଣସି ରାଜ୍ୟର କ୍ୟାପିଟାଲ ବଜେଟ ସମତୁଲ ହୋଇ ନ ପାରେ,

ତେବେ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ଦ୍ୱାରା ଋଣ ପରିଶୋଧ ପ୍ରଶ୍ନକୁ ଆବଶ୍ୟକମତେ ସ୍ଥଗିତ ରଖିବ ପାଇଁ ବିଚାର କରିବା ଉଚିତ । କିନ୍ତୁ ଏ ବାବଦ ମଞ୍ଜୁରୀତ ସାହାଯ୍ୟ ସଂପର୍କରେ ସେମାନଙ୍କର ଦୃଢ଼ ନିଷ୍ପତ୍ତି ଏ ପର୍ଯ୍ୟନ୍ତ ଆମ୍ଭମାନଙ୍କର ହସ୍ତଗତ ହୋଇ ନାହିଁ । ଫଳତଃ ପଞ୍ଚମ ଅର୍ଥ କମିଶନଙ୍କ ମଧ୍ୟବର୍ତ୍ତୀ-କାଳୀନ ସୁପାରିଶ ଭିତ୍ତିରେ ସଂଶ୍ଳିଷ୍ଟ ସମ୍ବଳର ହସ୍ତାନ୍ତର ଯଥେଷ୍ଟ ନ ହେବା ଯୋଗୁଁ ରାଜସ୍ୱ ହିସାବରେ ଯେତିକି ନିଅଣ୍ଟ ହୁଅନ୍ତା, ୧୯୬୯-୭୦ ମସିହାରେ ତାହା ଅପେକ୍ଷା ବହୁତ ବେଶି କ୍ୟାପିଟାଲ ନିଅଣ୍ଟ ପଡ଼ିବାର ସମ୍ଭାବନା ରହିଛି ।

## ଦରମା କମିଶନ

ଏହି ଗୃହ ଅବଗତ ଅଛନ୍ତି ଯେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ମାନ୍ୟବର ଜଷ୍ଟିସ୍ ଶ୍ରୀ ଅନନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଦରମା କମିଶନ ନିଯୁକ୍ତ କରାଯାଇଛି । ଦରମା ଓ ଭତ୍ତା ଇତ୍ୟାଦିର ହାର ସଂଶୋଧନ ସଂପର୍କରେ ଏହି କମିଶନ ଖୁବ୍ ଶୀଘ୍ର ରିପୋର୍ଟ ଦେବେ ବୋଲି ଆଶା କରାଯାଏ । ଇତି ମଧ୍ୟରେ ଭାରତ ସରକାର ସେପ୍ଟେମ୍ବର ୧ ତାରିଖରୁ ସେମାନଙ୍କ କର୍ମଚାରୀ... ମହଙ୍ଗାଭତ୍ତାର ହାର ଅଧିକ ବଢ଼ାଇ ଦେଇ... ନିକଟରେ ଦରମା କମିଶନଙ୍କ ରିପୋର୍ଟ ମି... ଆଶା ଥିବାରୁ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମ... ଭତ୍ତାର ହାର ଅଧିକ ସଂଶୋଧନ କରିବା ... ବୋଲି ବିବେଚନା କରାଗଲା ନାହିଁ । ... କମିଶନଙ୍କ ଚୂଡ଼ାନ୍ତ ସୁପାରିଶ ହସ୍ତଗତ ... ନ ଥିବାରୁ ଏବଂ ଏ ବାବଦ ଖର୍ଚ୍ଚକୁ ଅର୍ଥ କମିଶନ... ମଧ୍ୟବର୍ତ୍ତୀକାଳୀନ ରିପୋର୍ଟରେ ବିଚାରକୁ ... ନ ଥିବାରୁ ଏଥିପାଇଁ ବର୍ତ୍ତମାନ ବଜେଟରେ ... ବ୍ୟବସ୍ଥା କରାଯାଇ ନାହିଁ । ଯଥାସମୟରେ ଅ... ବଜେଟରେ ଏ ବାବଦ ଖର୍ଚ୍ଚର ବ୍ୟବସ୍ଥା କ... ପଡ଼ିପାରେ ।

## ୧୯୬୯-୭୦ ବଜେଟ ଅଟକଳ

୧୯୬୯-୭୦ ପାଇଁ ବଜେଟ୍ ଅଟକଳର ... ମୋଟାମୋଟି ବିବରଣୀ ମୁଁ ବର୍ତ୍ତମାନ ଏହି ଗୃ... ଉପସ୍ଥାପିତ କରୁଛି । ମୁଁ ପୂର୍ବରୁ କହିଛି ଯେ ଅ...

### ୧୯୬୯-୭୦ ମସିହା ପାଇଁ ରାଜ୍ୟ କ୍ଷେତ୍ରରେ ଯୋଜନା ଖର୍ଚ୍ଚ

(ଲକ୍ଷ ଟଙ୍କା ହିସାବରେ)

**ଜଳସେଚନ ଓ ବିଦ୍ୟୁତ୍—**

| | | |
|---|---|---|
| ୧ । ବୃହତ୍ ଓ ମଧ୍ୟମ ଜଳସେଚନ | ... | ୩,୮୯·୦୦ |
| ୨ । ବନ୍ୟା ନିୟନ୍ତ୍ରଣ | ... | ୨୫·୦୦ |
| ୩ । ବିଦ୍ୟୁତ୍ | ... | ୬,୭୨·୦୦ |
| ମୋଟ—ଜଳସେଚନ ଓ ବିଦ୍ୟୁତ୍ | ... | ୧୦,୮୬·୦୦ |

ବର୍ତ୍ତମାନର ଅସୁବିଧା ଅତିକ୍ରମ କରିବାପାଇଁ ଭାରତ ସରକାରଙ୍କ ଠାରୁ କାମଚଳା ସାହାଯ୍ୟ ମିଳିବ ବୋଲି ଧରାଯାଇଛି। ଚଳିତବର୍ଷ ଶେଷରେ ୨୫ ଲକ୍ଷ ଟଙ୍କା ନିଅଣ୍ଟ ରହିବାର ସମ୍ଭାବନା । ପ୍ରଚଳିତ କରଧାର୍ଯ୍ୟ ହାର ଭିତ୍ତିରେ ଆସନ୍ତାବର୍ଷର ମୋଟ ରାଜସ୍ୱ ଆୟ ୧୦୪.୬୩ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି ଏବଂ ୧୯୬୬-୧୯୬୯ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଯୋଜନା କାମପାଇଁ ପ୍ରତିଶ୍ରୁତ ବ୍ୟୟ ସମେତ ମୋଟ ଅଣଯୋଜନା ରାଜସ୍ୱ ବ୍ୟୟ ୧୧୭.୦୬ କୋଟି ଟଙ୍କା ହେବ ବୋଲି ଆଶା କରାଯାଉଛି । ଏଣୁ ୧୯୬୯-୭୦ ମସିହାରେ ଅଣଯୋଜନା ରାଜସ୍ୱ ବାବଦ ନିଅଣ୍ଟ ୧୧.୩୩ କୋଟି ଟଙ୍କା ହେବାର ସମ୍ଭାବନା ରହିଛି । ଯୋଜନା କ୍ଷେତ୍ରରେ ଯେଉଁସବୁ ରାଜସ୍ୱ ଭାବରେ ରାଜ୍ୟସରକାରଙ୍କ ବଜେଟ୍‌ରେ ଅର୍ଥ ଧରାଯାଇଛି, ସେ ବାବଦରେ ୧୩.୮୫ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ଖର୍ଚ୍ଚ ତୁଲାଇବ ପାଇଁ ଗ୍ରାଣ୍ଟ ଆକାରରେ ମାତ୍ର ୧୨.୯୦ କୋଟି ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିବ ବୋଲି ଅଟକଳ କରାଯାଇଛି । ତେଣୁ ଏହିଭଳି ଭାବରେ ପ୍ରଚଳିତ ହାରର ଟିକସଧାର୍ଯ୍ୟ ଭିତ୍ତିରେ ଯୋଜନା କ୍ଷେତ୍ରରେ ରାଜସ୍ୱ-ନିଅଣ୍ଟ ୦.୯୫ କୋଟି ଟଙ୍କା ହେବାର ସମ୍ଭାବନା । ଫଳତଃ ମୋଟ ନିଅଣ୍ଟର ପରିମାଣ ୧୨.୨୮ କୋଟି ଟଙ୍କା ହେବ ।

କ୍ୟାପିଟାଲ୍ ଏକାଉଣ୍ଟରେ ଆୟ ଓ ବ୍ୟୟ ଯଥାକ୍ରମେ ୨୦୪.୮୩ କୋଟି ଓ ୨୧୮.୫୮ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏହାଫଳରେ ୧୩.୭୫ କୋଟି ଟଙ୍କା ନିଅଣ୍ଟ ପଡ଼ିବ । ସରକାରୀ ହିସାବ କାରବାର (ପବ୍‌ଲିକ୍ ଏକାଉଣ୍ଟସ୍ ଟ୍ରାନଜାକ୍‌ସନ୍) ଏସବୁ ଅଟକଳର ଅନ୍ତର୍ଭୁକ୍ତ ଏବଂ ଏସବୁ ଯୋଜନା ଓ ଅଣଯୋଜନା କ୍ଷେତ୍ର ଏହାର ଅନ୍ତର୍ଭୁକ୍ତ ହୋଇଛି । ଉନ୍ନୟନ ପରିକଳ୍ପନା-ଗୁଡ଼ିକୁ ଅର୍ଥ ଯୋଗାଇବାପାଇଁ ରାଜ୍ୟ ସରକାର ଖୋଲା ବଜାରରୁ ୫.୫ କୋଟି ଟଙ୍କା ଋଣ ଉଠାଇବା-ପାଇଁ ଯେଉଁ ପ୍ରସ୍ତାବ ରଖିଛନ୍ତି, ତାହା କ୍ୟାପିଟାଲ୍-ଆୟର ଅନ୍ତର୍ଭୁକ୍ତ ହୋଇଛି ଏବଂ ଭାରତ ସରକାରଙ୍କୁ ଋଣ ପରିଶୋଧପାଇଁ ୨୭.୫୪ କୋଟି ଟଙ୍କାର ବ୍ୟବସ୍ଥା ଖର୍ଚ୍ଚ ଅଟକଳରେ ଦର୍ଶାଯାଇଛି ।

ଏସବୁ ଅଟକଳରୁ ଦେଖାଯିବ ଯେ ୧୯୬୯-୭୦ ମଧ୍ୟରେ ରାଜ୍ୟ ସରକାରଙ୍କ ଦେଣ ନେଣ ଯୋଗୁଁ ପ୍ରଚଳିତ କର ଧାର୍ଯ୍ୟ ହାରରେ ୧୨.୨୮ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଏବଂ ୧୩.୭୫ କୋଟି ଟଙ୍କାର କ୍ୟାପିଟାଲ୍ ନିଅଣ୍ଟ ଘଟିବ । ତେଣୁ ପ୍ରଚଳିତ ଟିକସ ଧାର୍ଯ୍ୟ ହାରରେ ସର୍ବମୋଟ ନିଅଣ୍ଟର ପରିମାଣ ୨୬.୦୩ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ମାନ୍ୟବର ସଭ୍ୟମାନେ ଲକ୍ଷ୍ୟ କରୁଥିବେ ଯେ ଏ ନିଅଣ୍ଟର ପରିମାଣ ବହୁତ ବେଶୀ ଏବଂ ଏପରିକି ଏହା ଆତଙ୍କପ୍ରଦ ବୋଲି ମନେ ହୋଇପାରେ । କ୍ୟାପିଟାଲ୍ ଏକାଉଣ୍ଟ ବାବଦ ନିଅଣ୍ଟର ଅଧିକ ଭାଗ କେବଳ ଅତୀତରେ ରାଜ୍ୟ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଋଣ ସଂପର୍କୀୟ ଅତ୍ୟଧିକ ପରିଶୋଧ ଦାୟିତ୍ୱ ଯୋଗୁଁ ଉପୁଜିଛି । ପୂର୍ବରୁ କୁହାଯାଇଛି ଯେ ୧୯୬୯-୭୦ ମସିହାରେ ଏକା କେନ୍ଦ୍ର ସରକାରଙ୍କ ଋଣ ପରିଶୋଧ ବାବଦରେ ୨୭.୫୪ କୋଟି ଟଙ୍କା ଦେବାକୁ ପଡ଼ିବ । ରାଜସ୍ୱ ଭାବରେ କେବଳ ଅପରିହାର୍ଯ୍ୟ ଆବଶ୍ୟକତା ଓ ଅର୍ଥପ୍ରାପ୍ତିର ସମ୍ଭାବନା ଭିତ୍ତିରେହିଁ ଆୟ ଓ ବ୍ୟୟର ଅଟକଳ କରାଯାଇଛି । ଯାହା ହେଉ, ସମ୍ଭାବିତ ନିଅଣ୍ଟର ପରିମାଣ ହ୍ରାସ କରିବା ପାଇଁ ସରକାର ଅତିରିକ୍ତ ସମ୍ବଳ ସଂଗ୍ରହ ନିମନ୍ତେ କେତେକ ବ୍ୟବସ୍ଥା ହାତକୁ ନେବାପାଇଁ ପ୍ରସ୍ତାବ କରୁଛନ୍ତି ଏବଂ ଆସନ୍ତା ବର୍ଷ ମଧ୍ୟରେ ୨.୭୫ କୋଟି ଟଙ୍କା ଉଠାଇବେ ବୋଲି ଆଶା ରଖିଛନ୍ତି । ଯେଉଁସବୁ ବ୍ୟବସ୍ଥା ସଂପାଦନର ପ୍ରସ୍ତାବ ରହିଛି ସେଗୁଡ଼ିକ ହେଲା—

(୧) ପଥକର (ସେସ୍) ହାରବୃଦ୍ଧି

(୨) ବନ୍ଦୋବସ୍ତ କାର୍ଯ୍ୟ ଯୋଗୁଁ ଉପକର (ସେସ୍) ରାଜସ୍ୱ ବୃଦ୍ଧି

(୩) ସରକାରୀ ଜମି ପଟ୍ଟା ଦେବା ଲାଗି ସଲାମି

(୪) କୃଷି ଆୟକର ଜମାବନ୍ଦ ପଦ୍ଧତିର ସମୀକରଣ

(୫) ଷ୍ଟାମ୍ପ ଶୁଳ୍କର (Stamp duty) ସମୀକରଣ ।

(୬) ଅବକାରୀ ନୀତିର ପୁନର୍ବିନ୍ୟାସ

(୭) ବିକ୍ରୟ କରହାର ସଂଶୋଧନ

(୮) ଯାତ୍ରୀ ଭଡ଼ା ଉପରେ ଟିକସ

(୯) ମଟର ଗାଡ଼ି ଉପରେ ଟିକସ ହାର୍‌ର ସଂଶୋଧନ ।

(୧୦) ଏକସପ୍ରେସ୍ ଉଏର ଉଳ ମୁଣ୍ଡରେ ଟୋଲ୍ ବ ଯାତ୍ରୀ ଭଡ଼ା ଧାର୍ଯ୍ୟ

(୧୧) ଜଙ୍ଗଲରୁ ଅତିରିକ୍ତ ଆୟ

(୧୨) ଖଣିଜ ବାବଦ ରୟାଲ୍‌ଟିରୁ ଅତିରିକ୍ତ ଆୟ

ଏସବୁ ବ୍ୟବସ୍ଥାରୁ ଯେତେ ଟଙ୍କା ମିଳିବାର ଅଟକଳ କରାଯାଇଛି, ତାହା ହିସାବକୁ ନେଇଗଲେ ବାବଦ ନିଅଣ୍ଟ ୯·୫୩ କୋଟି ସର୍ବମୋଟ ନିଅଣ୍ଟ ୨୩·୧୮ କୋଟି ଟଙ୍କା ପାଇବ । ତେଣୁ ବର୍ଷ ଆରମ୍ଭରେ ୨୫ ... ବଳକା (ଡେଫିସିଟ୍) ଜମା ଦର୍ଶାଯାଇ ବର୍ଷ ... ଶେଷରେ ସର୍ବମୋଟ ୨୨·୯୩ କୋଟି ଟଙ୍କା (ଡେବିଟ୍) ରହିବାର ସମ୍ଭାବନା । ରାଜ୍ୟ ... ଆୟ ବୃଦ୍ଧି ପାଇଁ ଯଥାସମ୍ଭବ ବ୍ୟବସ୍ଥା କରି ... ଅତ୍ୟାବଶ୍ୟକ ବିଭାଗରେ ଖର୍ଚ୍ଚ ବ୍ୟବସ୍ଥା ... ରଖିଥିବା ସତ୍ତ୍ୱେ ଏହି ନିଅଣ୍ଟ ପରିସ୍ଥିତିରୁ ମୁକ୍ତିର ବାଟ ନଥିବା ପରି ମନେହୁଏ ।

ପଞ୍ଚମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ କେନ୍ଦ୍ରୀୟ ଋଣ ପରିଶୋଧର ସାନ୍ନ ଚଳିତ ... ପାଇଁ ଆମ୍ଭେମାନେ ଯେଉଁ ପ୍ରସ୍ତାବ ... ତାହା ବର୍ତ୍ତମାନ ଭାରତ ସରକାରଙ୍କ ... ରହିଛି । ବର୍ଷ ମଧ୍ୟରେ ପଞ୍ଚମ ଅର୍ଥ କମିଶନଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ମଧ୍ୟ ମିଳିଯିବ । ୧୯୬୯ ... ମାସରେ ଭୁବନେଶ୍ୱରଠାରେ କମିଶନଙ୍କ ...

## ୧୯୬୯-୭୦ ମସିହା ପାଇଁ ରାଜ୍ୟ କ୍ଷେତ୍ରରେ ଯୋଜନା ଖର୍ଚ୍ଚ

**ଶିଳ୍ପ ଓ ଖଣି—** (ଲକ୍ଷ ଟଙ୍କା ହିସାବରେ)

| | | |
|---|---|---|
| ୧ । ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ | ... | ୧,୫୬·୨୭ |
| ୨ । ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପ | ... | ୩୭·୩୭ |
| ୩ । ଖଣିଜ ସମ୍ପଦର ବିକାଶ | ... | ୧,୦୯·୫୬ |
| ମୋଟ—ଶିଳ୍ପ ଓ ଖଣି | ... | ୩,୦୩·୨୦ |

...ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ଏବଂ ...ର ଅର୍ଥ ବ୍ୟବସ୍ଥାକୁ ଏକ ନିର୍ଦ୍ଦିଷ୍ଟ ଭିତ୍ତି ...ରେ ରଖିବା ନିମନ୍ତେ କମିଶନ ଓଡ଼ିଶାର ସ୍ୱତନ୍ତ୍ର ...ର ଉପରେ ...ମାନଙ୍କୁ ଉପଲବ୍ଧି କରିବେ ବୋଲି ଆମେ ... ନ୍ତି । ଏହିପରି ଭାବରେ କେନ୍ଦ୍ରୀୟ ... ଗାନ୍ଧି ଫର୍ମୁଲା-ପ୍ରସୂତ ଏବଂ ପଞ୍ଚମ ଅର୍ଥ ...ଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଭିତ୍ତିରେ ସର୍ବୀୟ ...ର ଅତିରିକ୍ତ ବଣ୍ଟନ କ୍ରମେ, ରାଜ୍ୟର ସମ୍ବଳରେ ...ସ୍ଥ ବୃଦ୍ଧି ଘଟାଯିବା ଉଚିତ । ଏହିସବୁ ସମ୍ବଳ ...ହେଲେ ଆମର ନିଅଣ୍ଟ ପୂରଣ କରିବ ...ନୁହେଁ, ପରନ୍ତୁ ନିମ୍ନଲିଖିତ ବିଷୟ ପାଇଁ ...ଯୋଗାଇବା ନିମନ୍ତେ ବଳକା ପାଣ୍ଠି ମଧ୍ୟ ସୃଷ୍ଟି ...ପାରିବ ବୋଲି ଆଶା କରାଯାଏ ।

(୧) ଏ ପର୍ଯ୍ୟନ୍ତ ହୋଇଥିବା ଦେଣା ନିକାଶ ।

(୨) ବରମା କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ।

(୩) ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠିକୁ ଅଧିକ ଅର୍ଥ ସ୍ଥାନାନ୍ତର ।

(୪) ଅପରିହାର୍ଯ୍ୟ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ... ସୂଚନରେ ଅପରିହାର୍ଯ୍ୟ ଅନ୍ୟାନ୍ୟ ବ୍ୟୟ ପାଇଁ ଅଧିକ ଅର୍ଥ ବ୍ୟବସ୍ଥା ।

## ଚତୁର୍ଥ ପଞ୍ଚବାର୍ଷିକ ଯୋଜନା

...୯-୭୦ ମସିହାରୁ ନୂତନ ଚତୁର୍ଥ ପଞ୍ଚବାର୍ଷିକ ... ଆରମ୍ଭ ହେବ । କ୍ଷୋଭର କଥା ଯେ ...କୁ ଅର୍ଥ ଯୋଗାଇବା ପାଇଁ କେତେ ସମ୍ବଳ ...ହା ଅନିଶ୍ଚିତ ଥିବାରୁ ଯୋଜନା ସଂପର୍କୀୟ ...୭୦ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟକ୍ରମ ... ଚୂଡ଼ାନ୍ତ ହୋଇନାହିଁ । ମାନ୍ୟବର ...ନ ଅବଗତ ଅଛନ୍ତି ଯେ ଚତୁର୍ଥ ପଞ୍ଚବାର୍ଷିକ ... ଆରମ୍ଭ କରିବାରେ ବିଳମ୍ବ ହେବାରୁ ୧୯୬୬-୬୭ ମସିହାଠାରୁ ବାର୍ଷିକ ଯୋଜନା ମାଧ୍ୟମରେ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ସଂପାଦିତ ହେଉଥିଲା । ଯଦ୍ୟପି ୧୯୬୯-୭୦ ମସିହା ହେଉଛି ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ବର୍ଷ, ତଥାପି ଉକ୍ତ ବ୍ୟବସ୍ଥା ଏବର୍ଷକୁ ମଧ୍ୟ ସଂପ୍ରସାରିତ ହେବ ।

ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ରାଜ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ଯୋଜନା ସାହାଯ୍ୟର ବଣ୍ଟନ ସଂପର୍କରେ ଜାତୀୟ ଉନ୍ନୟନ ପରିଷଦର କମିଟି ନିମ୍ନଲିଖିତ ସୂତ୍ରଟି ଉଦ୍‌ଭାବନ କରିଛନ୍ତି :—

| | |
|---|---|
| (୧) ଲୋକସଂଖ୍ୟା ଭିତ୍ତିରେ ... | ଶତକଡ଼ା ୬୦ ଭାଗ । |
| (୨) ମୁଣ୍ଡ ପିଛା ଆୟ ତୁଳନାରେ ମୁଣ୍ଡପିଛା ଟିକସ ସଂଗ୍ରହ ଉଦ୍ୟମ ଭିତ୍ତିରେ । | ଶତକଡ଼ା ୧୦ ଭାଗ । |
| (୩) ଯେଉଁ ସବୁ ରାଜ୍ୟର ମୁଣ୍ଡପିଛା ଆୟ ସର୍ବଭାରତୀୟ ହାରାହାରି ଆୟ ଅପେକ୍ଷା କମ୍, ସେ ସବୁ ରାଜ୍ୟର ମୁଣ୍ଡପିଛା ଆୟ ଭିତ୍ତିରେ । | ଶତକଡ଼ା ୧୦ ଭାଗ । |
| (୪) ବୃହତ୍ ଜଳସେଚନ ଓ ବିଦ୍ୟୁତ୍ ପରିକଳ୍ପନାରେ ପୂର୍ବରୁ ଗଡ଼ି ଆସିଥିବା (ସ୍ପିଲ୍ ଓଭର) ଖର୍ଚ୍ଚ ଭିତ୍ତିରେ । | ଶତକଡ଼ା ୧୦ ଭାଗ । |
| (୫) ପ୍ରତ୍ୟେକ ରାଜ୍ୟର ସ୍ୱତନ୍ତ୍ର ସମସ୍ୟା ଭିତ୍ତିରେ । | ଶତକଡ଼ା ୧୦ ଭାଗ । |

ଯାହାହେଉ, ମୁଁ ପୂର୍ବରୁ ସ୍ପଷ୍ଟ କରି ଦେଇଛି ଯେ ଓଡ଼ିଶା ଭଳି ଏକ ଅନୁନ୍ନତ ରାଜ୍ୟ ତା'ର ଜନସଂଖ୍ୟା ଭିତ୍ତିରେ ଯେତିକି ଖର୍ଚ୍ଚ କରିବା ପାଇଁ ହକ୍‌ଦାର, ତା'ଠାରୁ ତା'ର ମୋଟ ଯୋଜନା ଖର୍ଚ୍ଚ କୌଣସି

ଅବସ୍ଥାରେ କମ୍ ହେବା ଉଚିତ ନୁହେଁ । ରାଜ୍ୟମାନଙ୍କର ଯୋଜନା ଖର୍ଚ୍ଚ ଅସ୍ଥାୟୀ ଭାବରେ ୨,୫୦୦ କୋଟି ଟଙ୍କା ରଖାଯାଇଥିବାରୁ ଓଡ଼ିଶାରେ ୨୭୫ କୋଟି ଟଙ୍କାରୁ କମ୍ ଖର୍ଚ୍ଚର ଗୋଟିଏ ଯୋଜନା କରାଯିବା ଅନୁଚିତ ।

ରାଜ୍ୟର ଚତୁର୍ଥ ଯୋଜନା ପାଇଁ କେନ୍ଦ୍ରୀୟ ସାହାଯ୍ୟର ପରିମାଣ ୧୫୮·୭୭ କୋଟି ଟଙ୍କା ହେବ ବୋଲି ଆପାତତଃ ସୂଚନା ମିଳିଛି । ଏହାଛଡ଼ା କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଆମ୍ଭେମାନେ କେନ୍ଦ୍ରୀୟ ଅର୍ଥଯୋଗାଣ ସଂସ୍ଥାମାନଙ୍କଠାରୁ ୨୦·୫୦ କୋଟି ଟଙ୍କା ଋଣ ଉଠାଇବୁ ବୋଲି ଆଶା କରୁଛୁଁ । ରାଜ୍ୟ ସରକାରଙ୍କଦ୍ୱାରା ଅତିରିକ୍ତ ସମ୍ବଳ ସଂଗ୍ରହ ସମ୍ପର୍କରେ ଯୋଜନା କମିଶନ ୮୦ କୋଟି ଟଙ୍କାର ଲକ୍ଷ୍ୟ ପୂରଣପାଇଁ ପରାମର୍ଶ ଦେଇଛନ୍ତି । ମୁଁ ସୂଚନା ଦେଉଛି ଯେ ଯଥାସମ୍ଭବ ସର୍ବବିଧ ପନ୍ଥା ଗ୍ରହଣ କରି ଖୁବ୍ ବେଶୀ ହେଲେ ୩୫ କୋଟି ଟଙ୍କା କରାଯାଇପାରେ ! ଓଡ଼ିଶାର ପାର୍ଲିଆମେଣ୍ଟ ଓ ବିଧାନ ସଭାର ସଦସ୍ୟମାନଙ୍କୁ ନେଇ ଯୋଜନା-ଉପଦେଷ୍ଟା-କମିଟିର ଏକ ... ବର୍ତ୍ତମାନ ଏହି ବିଷୟ ପରୀକ୍ଷା କରି ଦେଖୁଛନ୍ତି । ଏକଥା ସୁସ୍ପଷ୍ଟ ଯେ ମୋଟ ଉପରେ ଯେଉଁ ସମ୍ବଳ ମିଳିବ ତାହା ଆମର ନ୍ୟୂନତମ ଆବଶ୍ୟକତା ଅର୍ଥାତ୍ ୨୭୫ କୋଟି ଟଙ୍କାର ଅଙ୍କଠାରୁ ବହୁତ କମ୍ ହେବ । ତେଣୁ ଆମେ ଯୋଜନା କମିଶନଙ୍କୁ ଅନୁରୋଧ କରୁଛୁଁ ଯେ ଆସନ୍ତା ... ମଧ୍ୟରେ ଆମ୍ଭେମାନେ ଯେପରି ଯଥେଷ୍ଟ ... କାର୍ଯ୍ୟକ୍ରମ ହାତକୁ ନେଇ ପାରିବୁଁ, ସେ ... ଓଡ଼ିଶା ଭଳି ଅନଗ୍ରସର ରାଜ୍ୟମାନଙ୍କ ... ଏକ ସ୍ୱତନ୍ତ୍ର ଆଭିମୁଖ୍ୟ ଉଦ୍ଭାବନ କରି... ଉଚିତ ।

### ୧୯୬୯-୭୦ ମସିହା ପାଇଁ ରାଜ୍ୟ କ୍ଷେତ୍ରରେ ଯୋଜନା ଖର୍ଚ୍ଚ

(ଲକ୍ଷ ଟଙ୍କା ହିସାବରେ)

(ଖ) ପରିବହନ ଓ ଯୋଗାଯୋଗ—

| | | |
|---|---|---|
| ୧ । ରାସ୍ତା | ... | ୯୦·୦୦ |
| ୨ । ସଡ଼କ ପଥରେ ପରିବହନ | ... | ୧୯·୯୫ |
| ୩ । ଲୁହା ପଥର ପରିବହନ | ... | ୧୬·୦୦ |
| ୪ । ବନ୍ଦର ଓ ପୋତାଶ୍ରୟ | ... | ୧·୦୦ |
| ୫ । ପର୍ଯ୍ୟଟନ | ... | ୫·୦୦ |
| ମୋଟ—ପରିବହନ ଓ ଯୋଗାଯୋଗ | ... | ୧୩୧·୯୫ |

## ବାର୍ଷିକ ଯୋଜନା ୧୯୬୯-୭୦

ଅର୍ଥ ସମ୍ବଳର ସ୍ୱଳ୍ପତା ଯୋଗୁଁ ସରକାର ୧୯୬୯-୭୦ ପାଇଁ ବାର୍ଷିକ ଯୋଜନାର ଖର୍ଚ୍ଚ ନ୍ୟୂନତମ ପରିମାଣ ମଧ୍ୟରେ ସୀମିତ ରଖିବା ଲାଗି ବାଧ୍ୟ ହୋଇଛନ୍ତି । ୧୯୬୯-୭୦ ମସିହାରେ ଯୋଜନାପାଇଁ ମିଳିଥିବା କେନ୍ଦ୍ରୀୟ ସାହାଯ୍ୟର ପରିମାଣ ୨୭.୨୦ କୋଟି ଟଙ୍କା ହେବ ବୋଲି ଅସ୍ଥାୟୀ ଭାବରେ ଆକଳନ କରାଯାଇଛି । ଯଦିଓ ରାଜ୍ୟ କ୍ଷେତ୍ରରେ ଚଳିତ ବର୍ଷର ଯୋଜନା ପାଇଁ ମିଳିଥିବା ୨୫.୨୦ କୋଟି ଟଙ୍କାର କେନ୍ଦ୍ରୀୟ ଯୋଜନା-ସାହାଯ୍ୟ ଅପେକ୍ଷା ଏହା ଅଧିକ, ତଥାପି ଯୋଜନା-[illegible] ବିକାଶର ଆବଶ୍ୟକତା ତୁଲାଇବା ପକ୍ଷେ ଏହା ଯଥେଷ୍ଟ ନୁହେଁ । ରାଜ୍ୟ ସରକାରଙ୍କ ବଜେଟରେ ରାଜ୍ୟ କ୍ଷେତ୍ରରେ ଯୋଜନା ଖର୍ଚ୍ଚ ପାଇଁ ୨୭.୭୨ କୋଟି ଟଙ୍କାର ବ୍ୟବସ୍ଥା ରଖାଯାଇଛି ଏବଂ ରାଜ୍ୟ ସରକାରଙ୍କ ଋଣ ସମ୍ବଳରୁ ଅର୍ଥ ସାହାଯ୍ୟ ଦିଆଯାଇ ରାଜ୍ୟ ସରକାରଙ୍କ ସ୍ୱାୟତ୍ତ-ଶାସିତ [illegible] ଅନୁଷ୍ଠାନଗୁଡିକ ପାଇଁ ଅଧିକ ୧୦.୮୯ କୋଟି ଟଙ୍କା ଖର୍ଚ୍ଚର କଳ୍ପନା ରଖାଯାଇଛି । ଏହି ଭାବରେ ରାଜ୍ୟ କ୍ଷେତ୍ରରେ ମୋଟ ଯୋଜନା-ଖର୍ଚ୍ଚ ୩୫.୬୮ କୋଟି ଟଙ୍କା ହେବାର ପ୍ରସ୍ତାବ ରହିଛି । ବିଭିନ୍ନ ଉନ୍ନୟନ ବିଭାଗରେ ବଜେଟ ବ୍ୟବସ୍ଥାର ବିଶଦ ବିବରଣୀ ପରିଶିଷ୍ଟ 'ଖ' ରେ ଦିଆଯାଇଅଛି । ଜଳସେଚନ, ବିଦ୍ୟୁତ ଓ ଶିଳ୍ପ ସକାଶେ ବହୁପରିମାଣରେ ବ୍ୟୟ ବରାଦ କରିବା ଆବଶ୍ୟକ ବୋଲି ବିବେଚିତ ହୋଇଛି ; କାରଣ ତାହା ହେଲେ ପୂର୍ବରୁ ଚାଲି ଆସିଥିବା ଯୋଜନାଗୁଡିକୁ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ କରାଯାଇପାରିବ । ସେଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ ହୋଇଗଲେ ତାହା ରାଜ୍ୟର ସର୍ବାଧିକ ହିତ ସାଧନରେ ଲାଗିବ । ଏଇଥିପାଇଁ କୃଷି, ଅନ୍ୟାନ୍ୟ ସମ୍ପୃକ୍ତ କାର୍ଯ୍ୟକ୍ରମ ଓ ସମାଜ ସେବା ପରିକଳ୍ପନା-ଗୁଡ଼ିକରେ ବ୍ୟୟ ପରିମାଣ ହ୍ରାସ କରିବା ଦରକାର ପଡ଼ିଛି । ଆସନ୍ତା ବର୍ଷର ଏହା ହେଉଛି ଗୋଟାଏ ବିଶେଷ ପରିସ୍ଥିତି; ଏହାକୁ ସମଗ୍ର ଚତୁର୍ଥ ଯୋଜନା ପାଇଁ ତୁଳନାତ୍ମକ ବ୍ୟୟ ବ୍ୟବସ୍ଥାର ଏକ ସୂଚନା ବୋଲି ଗ୍ରହଣ କରାଯିବା ଉଚିତ ନୁହେଁ । ଯାହାହେଉ, ମୁଁ ଏଠାରେ ଉଲ୍ଲେଖ କରିପାରେ ଯେ ଉଭୟ ଅଣ-ଯୋଜନା ଓ ଯୋଜନା କ୍ଷେତ୍ରରେ କୃଷି ଉନ୍ନୟନ ଓ ସମାଜସେବା ପରିକଳ୍ପନାର ମୋଟ ଖର୍ଚ୍ଚ ପରିମାଣ ୧୯୬୮-୬୯ ମସିହା ଅପେକ୍ଷା ୧୯୬୯-୭୦ ମସିହାରେ ଅଧିକ ହେବ । ୧୯୬୮-୬୯ ପର୍ଯ୍ୟନ୍ତ ସଂପାଦିତ ହୋଇଥିବା ଯୋଜନା କାର୍ଯ୍ୟଗୁଡ଼ିକର ରକ୍ଷଣାବେକ୍ଷଣ ବ୍ୟୟ ଆସନ୍ତା ବର୍ଷକୁ ପ୍ରତିଶ୍ରୁତ ବ୍ୟୟରୂପେ ବିବେଚିତ ହୋଇଥିବାରୁ ଏପରି ଘଟିଛି ।

ଜାତୀୟ ଉନ୍ନୟନ [illegible] କମିଟିର ସୁପାରିଶ ଅନୁଯାୟୀ କେନ୍ଦ୍ର ଅନୁକୂଳରେ ହେଉଥିବା ପରିକଳ୍ପନାମାନଙ୍କର ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି ଏବଂ ଏଭଳି ପରିକଳ୍ପନାଗୁଡ଼ିକ ପାଇଁ ଭବିଷ୍ୟତରେ କେନ୍ଦ୍ରୀୟ ସାହାଯ୍ୟ ପୂର୍ବପରି ମିଳିବା ସଂପର୍କରେ ସ୍ୱୀକୃତି ମିଳିଛି । ଏଭଳି ପରିକଳ୍ପନାଗୁଡ଼ିକ ବାବଦରେ ୮.୭୧ କୋଟି ଟଙ୍କାର ଖର୍ଚ୍ଚ ବ୍ୟବସ୍ଥା କରାଯାଉଛି ।

ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପର କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଯେଉଁସବୁ ବିକାଶ ସାଧିତ ହୋଇଛି ତାହାର ଏକ ସ୍ଥୂଳ ରୂପରେଖ ମୁଁ ଏହି ଗୃହ ସମ୍ମୁଖରେ ଉପସ୍ଥିତ କରିବାକୁ ଚାହେଁ ।

## କୃଷି

ମାନ୍ୟବର ସଦସ୍ୟମାନେ ଅବଗତ ଅଛନ୍ତି ଯେ, କୃଷି ଏ ରାଜ୍ୟର ଅର୍ଥନୀତିରେ ସର୍ବାପେକ୍ଷା ବେଶି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଅଟେ । ତେଣୁ ସରକାର କୃଷି-ଉତ୍ପାଦନ ପରିକଳ୍ପନାଗୁଡ଼ିକ ଉପରେ ପୂର୍ବଭଳି ବିଶେଷ ଗୁରୁତ୍ୱ ଦେଉଛନ୍ତି । ୧୯୬୯-୭୦ରେ ଏ

କ୍ଷେତ୍ରପାଇଁ ପ୍ରସ୍ତାବିତ ବାର୍ଷିକ ଯୋଜନା ଖର୍ଚ୍ଚ ଅପେକ୍ଷାକୃତ କମ୍ ହୋଇଥିଲେ ମଧ୍ୟ ଏଥିରୁ ବୁଝିବାକୁ ହେବନାହିଁ ଯେ କୃଷି କ୍ଷେତ୍ରରେ ସର୍ବମୋଟ ବିନିଯୋଗର ପରିମାଣ ତଳରେ ପଡ଼ିଯାଇଛି । ୧୯୬୯-୭୦ରେ ଉଭୟ ଅଣ-ଯୋଜନା ଓ ଯୋଜନା କ୍ଷେତ୍ରରେ କୃଷି କାର୍ଯ୍ୟକ୍ରମ ସକାଶେ ବଜେଟ୍‌ରେ ରଖାଯାଇଥିବା ମୋଟ ଖର୍ଚ୍ଚ ବ୍ୟବସ୍ଥା ୧୯୬୮-୬୯ ତୁଳନାରେ ଅଧିକ ହେବ । ସରକାରଙ୍କ ସମ୍ବଳ ସୀମିତ ଥିବାରୁ କୃଷିଜୀବୀମାନଙ୍କୁ ସମବାୟ ଋଣ ଭଳି ଆନୁଷ୍ଠାନିକ ସୂତ୍ରମାନଙ୍କର ଅଧିକତର ସୁଯୋଗ ନେବାପାଇଁ ପ୍ରବର୍ତ୍ତା ଯାଉଛି । ସୁଖର ବିଷୟ, ଓଡ଼ିଶାରେ କାର୍ଯ୍ୟ କରୁଥିବା ପ୍ରାୟ ସବୁ ତଫସିଲଭୁକ୍ତ ବ୍ୟାଙ୍କ୍ କୃଷିପାଇଁ ବିଭିନ୍ନ ଧରଣର ଅର୍ଥ ଯୋଗାଣ ଦିଗରେ ସେମାନଙ୍କ କାର୍ଯ୍ୟ ପରିସରକୁ ସଂପ୍ରସାରିତ କରିବା ନିମନ୍ତେ ବ୍ରତୀ ହୋଇଛନ୍ତି । ଏତଦ୍‌ଭିନ୍ନ ଅଧିକ ଉତ୍ପାଦନ ଓ କୃଷିଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ସଙ୍ଗେ ସଙ୍ଗେ ଗ୍ରାମ୍ୟ ସ୍ତରରେ ଅଧିକ ସଞ୍ଚୟ ମଧ୍ୟ ହେଉଛି ଏବଂ ଏହି ସଞ୍ଚୟକୁ କୃଷି ଉତ୍ପାଦନ କାର୍ଯ୍ୟକ୍ରମରେ ବିନିଯୋଗ କରାଯାଉଛି । ଏହା ଏକ ଶୁଭ ସୂଚନା ଯାହାକି କୃଷିର ଦ୍ରୁତ ବିକାଶରେ ସହାୟତା କରିବ ।

୧୯୬୪-୬୫ ମସିହାଠାରୁ କ୍ରମାଗତ କେତେକ ଦୁଃସମ୍ବତ୍ସର ପରେ ୧୯୬୮-୬୯ ମସିହାଟି ପ୍ରଥମ କେତେମାସ ମଧ୍ୟରେ ଅନୁକୂଳ ମୌସୁମୀ ପରିସ୍ଥିତି ଯୋଗୁଁ ପ୍ରଚୁର ଫସଲର ସମ୍ଭାବନା ନେଇ ଆରମ୍ଭ ହୋଇଥିଲା । କିନ୍ତୁ ୧୯୬୮ ଅକ୍ଟୋବର ମାସରେ ନାହିଁ ନ ଥିବା ବାତ୍ୟା ସାଙ୍ଗକୁ ପଶ୍ଚିମାଞ୍ଚଳ ଜିଲ୍ଲା-ମାନଙ୍କରେ ଯେଉଁ ମରୁଡ଼ି ପରିସ୍ଥିତି ଦେଖାଦେଲା, ତା'ଫଳରେ ଜମିରେ ରହିଥିବା ଫସଲର ବ୍ୟାପକ କ୍ଷତି ଘଟିଲା ଏବଂ ପ୍ରଚୁର ଫସଲ ଅମଳର ସମ୍ଭାବନା ଧୂଳିସାତ୍ ହୋଇଗଲା । ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ବ୍ୟୁରୋଦ୍ୱାରା ପ୍ରସ୍ତୁତ ଅଟକଳରୁ ସୂଚିତ ହୁଏ ଯେ, ୧୯୬୮-୬୯ ମସିହାରେ ସଫା ଚାଉଳ ଅବସ୍ଥା... ୩୮.୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଉତ୍ପାଦିତ ହେ... ଗତବର୍ଷର ଉତ୍ପାଦନ ତୁଳନାରେ ଚଳିତ ବ... ଉତ୍ପାଦନ ଯେ ଅଧିକ, ଏଥିରେ କୌଣସି ସ... ନାହିଁ । ଗତବର୍ଷ ୩୪.୪ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପା... ହୋଇଥିବାର ଅଟକଳ କରାଯାଇଥିଲା । ... ଓଡ଼ିଶାରେ କୃଷି ଉତ୍ପାଦନ ଦିଗରୁ ଏକ ସୁସ୍ପ... ରୂପେ ପରିଗଣିତ ୧୯୬୪-୬୫ ତୁଳନା... ଚଳିତବର୍ଷର ଉତ୍ପାଦନ ବହୁତ କମ୍ । ୧୯୬୪-୬୫... ଉତ୍ପାଦନ ପରିମାଣ ୪୩.୭ ଲକ୍ଷ ମେଟ୍ରିକ୍ ଟ... ହୋଇଥିବାର ଅଟକଳ କରାଯାଇଥିଲା ।

ସମ୍ବଲପୁର ଜିଲ୍ଲାର ଯେଉଁଠାରେ ନିଶ୍ଚି... ଜଳସେଚନ ସୁବିଧାର ଉତ୍ତରୋତ୍ତର ଉନ୍ନ... କରାଯାଉଛି, ସେଠାରେ ସଘନ କୃଷି କାର୍ଯ୍ୟକ୍ରମ ପ୍ର... ରହିଛି । ୧୯୬୮-୬୯ ମସିହାରେ ୮ଟି ବ୍ଲକ୍... କୃଷି ଜିଲ୍ଲା କାର୍ଯ୍ୟକ୍ରମର ପରିସରଭୁକ୍ତ ଥିଲା ... ୧୯୬୯-୭୦ ମସିହାରେ ଆଉ ୧୦ଟି ବ୍ଲକ୍‌କୁ ଏ... କାର୍ଯ୍ୟକ୍ରମ ସଂପ୍ରସାରିତ ହେବ ବୋଲି ପ୍ରସ୍ତାବ ରହିଛି ।

ଅଧିକ ଅମଳକ୍ଷମ ବିହନ କାର୍ଯ୍ୟକ୍ରମର ପ୍ରଚଳ... ଯୋଗୁଁ ହିଁ ଧାନ, ଗହମ ଓ ମିଲେଟ୍ ଭଳି ଫସଲ... ଉତ୍ପାଦନ ବହୁଗୁଣରେ ବୃଦ୍ଧି ଘଟି ଭାରତର କୃଷିରେ ... ବିପ୍ଳବ ଆସିପାରିଛି । ଏହି କାର୍ଯ୍ୟକ୍ରମ ୧୯୬୮-୬... ଖରିଫ ବର୍ଷରେ ୫୫ଟି ବ୍ଲକ୍‌ରେ କାର୍ଯ୍ୟକାରୀ ହୋଇ... ଏବଂ ରବି ଋତୁରେ ଏହି କାର୍ଯ୍ୟକ୍ରମକୁ ଆହୁରି ... ବ୍ଲକ୍‌କୁ ସଂପ୍ରସାରିତ କରାଯାଇଛି । ୧୯୬୯-୭୦ରେ ... ଆଉ ୫ଟି ବ୍ଲକ୍‌କୁ ଉକ୍ତ କାର୍ଯ୍ୟକ୍ରମ ସଂପ୍ରସାରି... କରିବାର ପ୍ରସ୍ତାବ ଅଛି । ୧୯୬୭-୬୮ ମସିହାରେ ... ୨୧୩,୦୦୦ ଏକର ଜମିରେ ଅଧିକ ଅମଳକ୍ଷ... ବିହନ କାର୍ଯ୍ୟକ୍ରମ (ଉଭୟ ଖରିଫ ଓ ର... କାର୍ଯ୍ୟକାରୀ ହୋଇଥିବା ସ୍ଥଳେ ୧୯... ୬୯ରେ ମୋଟ ୩୧୭,୪୦୦ ଏକର ...

ଷ କାର୍ଯ୍ୟକ୍ରମର ପରିସରଭୁକ୍ତ ହେବ ବୋଲି ଆଶା
ଯାଉଛି । ୧୯୬୯-୭୦ରେ ୨୨୦,୦୦୦ ଏକର
ରିରେ ଏହି ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି ।
ଛି ଦେଖାଯିବ ଯେ କ୍ରମଶଃ ବେଶି ବେଶି ଜମିରେ
କାର୍ଯ୍ୟକ୍ରମ ସ୍ଥଳ କରାଯାଉଛି ଏବଂ ଆମର
ମାନେ ଏ ଦିଗରେ ବିଶେଷ ଆଗ୍ରହ ପ୍ରକାଶ
ତେଣୁ ଚତୁର୍ଥ ଯୋଜନା ଶେଷ ସୁଦ୍ଧା ୧୫ ଲକ୍ଷ
ଜମିରେ ଏହି ଚାଷ କରିବାର ଲକ୍ଷ୍ୟ ହାସଲ
ପାରିବ ବୋଲି ଆଶା କରାଯାଏ । ଅଧିକନ୍ତୁ
ଜମିରେ ସଙ୍କର ମକା, ସଙ୍କର ଯଅ ଓ
ଟିଭାନ୍ ଗହମ ଚାଷ କରିବା ଦିଗରେ ମଧ୍ୟ ସବୁ
ଉଦ୍ୟମ କରାଯାଉଛି ।

ତ କେତେବର୍ଷ ହେଲା ରାଜ୍ୟରେ ଖତ ଓ ସାରର
ହାର ଯଥେଷ୍ଟ ବୃଦ୍ଧି ପାଇଛି । ୧୯୬୫-୬୬
ରେ ୬୦,୦୦୦ ମେଟ୍ରିକ୍ ଟନ୍ ସାର ବ୍ୟବହୃତ
ଥିବା । ଏହା ୧୯୬୬-୬୭ ମସିହାରେ ୮୮,୦୦୦
ଟନ୍‌କୁ ଏବଂ ୧୯୬୭-୬୮ ମସିହାରେ
୦୦୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି ।
-୬୯ ମସିହାରେ ୧୫୦,୦୦୦ ମେଟ୍ରିକ୍ ଟନ୍
ବ୍ୟବହୃତ ହେବ ବୋଲି ଆଶା କରାଯାଏ ।

ନିଜ ଫସଲର ଉତ୍ପାଦନ ବୃଦ୍ଧି ପାଇଁ ମଧ୍ୟ ରାଜ୍ୟ
ଉଦ୍ୟମ କରୁଛନ୍ତି । ରାଜ୍ୟରେ ମୋଟ
୧୯୬୬-୬୭ରେ ୨'୮୪ ଲକ୍ଷ ଗାଣ୍ଠିରୁ
ରେ ୩'୨୨ ଲକ୍ଷ ଗାଣ୍ଠିକୁ ବୃଦ୍ଧି ପାଇଛି,
ଉତ୍ପାଦନ ପ୍ରାୟ ଶତକଡ଼ା ୨୨ ଭାଗ ବୃଦ୍ଧି
ଛି । ମୁଖ୍ୟତଃ ଅଧିକ ଜମିରେ ମୋଟ
ଇବା ଫଳରେ ହିଁ ଉତ୍ପାଦନ ଏଭଳି ବୃଦ୍ଧି
କାରଣ ଉତ୍ପାଦନର ହାର କେବଳ
ବଢ଼ିଛି । ୧୯୬୭-୬୮ରେ ତା'ର ପୂର୍ବବର୍ତ୍ତୀ
ନାରେ ଶତକଡ଼ା ୨୧ ଭାଗ ଅଧିକ ଜମିରେ
କରାଯାଇଥିଲା ।

ଆଖୁ ଉତ୍ପାଦନ ୧୯୬୭-୬୮ରେ, ପୂର୍ବ ବର୍ଷର ଉତ୍ପାଦନ ସ୍ତର ଅପେକ୍ଷା ମାତ୍ର ଶତକଡ଼ା ୨ ଭାଗ ଅଧିକ ହୋଇଥିଲା । ମୋଟ ଉତ୍ପାଦନ ବୃଦ୍ଧି ଯେପରି ହୋଇଥିବ ଆଖୁ ଉତ୍ପାଦନ ସେହିଭଳି ବୃଦ୍ଧି ନ ପାଇ ମୁଖ୍ୟତଃ ଉନ୍ନତ କୃଷି ପଦ୍ଧତି ଯୋଗୁଁ ବୃଦ୍ଧି ପାଇଥିବ ବୋଲି ବୁଝାଯାଇପାରେ ; କାରଣ ୧୯୬୭-୬୮ରେ ଉଲ୍ଲେଖଯୋଗ୍ୟ ଭାବେ ଅଧିକ ଜମିରେ ଆଖୁ ଚାଷ କରାଯାଇ ନ ଥିଲା ।

ଆମ କୃଷିର ଗୋଟିଏ କୌତୂହଳଜନକ ଲକ୍ଷଣ ଏହି ଯେ, ଏଠାରେ ଖାଦ୍ୟଶସ୍ୟ ତୁଳନାରେ ଅଣ-ଖାଦ୍ୟ ଫସଲର ଉତ୍ପାଦନ ଅପେକ୍ଷାକୃତ ଅଧିକ ହାରରେ ବୃଦ୍ଧି ପାଇଥାଏ । ଓଡ଼ିଶାରେ ୧୯୬୬-୬୭ରେ ଅଣ-ଖାଦ୍ୟ ଫସଲ ଉତ୍ପାଦନର ସୂଚୀ ଥିଲା ୨୪୬·୫୦ ଏବଂ ପରବର୍ତ୍ତୀ ବର୍ଷ ତାହା ୨୬୯·୩୯କୁ ବୃଦ୍ଧି ପାଇଥିଲା । ସେହି ସମୟ ମଧ୍ୟରେ ଖାଦ୍ୟଶସ୍ୟ କ୍ଷେତ୍ରରେ, ଉକ୍ତ ସୂଚୀ ୧୧୬·୭୫ରୁ ମାତ୍ର ୧୧୭·୯୧କୁ ବୃଦ୍ଧି ପାଇଥିଲା, ଯାହାକି ଅତି ସାମାନ୍ୟ । ଏହା ଗୋଟିଏ ଉଲ୍ଲେଖଯୋଗ୍ୟ ବିଷୟ ଏବଂ ଏଥିରୁ ବୁଝିବାକୁ ହେବ ଯେ ଓଡ଼ିଶାରେ ଏକ ଫସଲ କୃଷି-ଅର୍ଥନୀତି ବର୍ତ୍ତମାନ ଅତି ଜରୁର ଆବଶ୍ୟକ ହେଉଥିବା ବହୁ କିସମର ଫସଲ ଚାଷ କରିବା ଧାରାରେ ପଡ଼ୁଛି । ତଥାପି ଏ ଦିଗରେ ଆବଶ୍ୟକୀୟ ପ୍ରେରଣା ଦେବା ନିମନ୍ତେ ବିପୁଳ ଉଦ୍ୟମ ମଧ୍ୟ କରାଯିବା ଦରକାର ।

ହୀରାକୁଦ ଜଳଭଣ୍ଡାରର ଟୋଙ୍ଗପା (ସେଇଫେରି) ଓ କୁଳ ପଂଲ (ବରଗଡ଼) ଅଞ୍ଚଳରେ ଏକ କେନ୍ଦ୍ରୀୟ ବିହନ ଫାର୍ମ ୧୯୬୭-୬୮ ମସିହାରେ ସ୍ଥାପନ କରାଯାଇଛି । ଲକ୍ଷ୍ମୀପାଲଗୋଠରେ ପୂର୍ବରୁ ଥିବା ୧,୬୩୫ ଏକର ଆୟତନ-ବିଶିଷ୍ଟ ବିଭାଗୀୟ ଫାର୍ମକୁ ଏକ ବୃହଦାକାର ବିହନ ଫାର୍ମରେ ପରିଣତ କରିବା ପାଇଁ ଏହାକୁ ଭାରତ ସରକାରଙ୍କୁ ହସ୍ତାନ୍ତର କରାଯାଇଛି ।

ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟମାନଙ୍କୁ ବିହନ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହାକୁ ଅନ୍ୟୂନ ୧୦,୦୦୦ ଏକର ଆୟତନ- ବିଶିଷ୍ଟ ବିହନ-ଉତ୍ପାଦନ ଯୁନିଟ୍‌ରେ ପରିଣତ କରିବାର ଉଦ୍ଦେଶ୍ୟ ରହିଛି । ଏହି ଫାର୍ମରେ ମୂଳ ବିହନ ଓ ଅଧିକ ଅମଳକ୍ଷମ ଧାନ, ଗହମ, ସଙ୍କର ମକା ଇତ୍ୟାଦି କେତେକ ପ୍ରଧାନ ପ୍ରଧାନ ଫସଲର ଉତ୍କୃଷ୍ଟ ବିହନ ଉତ୍ପାଦନ କରାଯାଉଛି । ଏହି ଫାର୍ମର ବିହନ ଉତ୍ପାଦନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ସହିତ ରାଜ୍ୟ କୃଷି ନିର୍ଦ୍ଦେଶକ ସଂପୃକ୍ତ ଅଛନ୍ତି । ଏହି ଜଳଭଣ୍ଡାରର କୂଳବର୍ତ୍ତୀ ଜମିରେ ଫସଲର ଚାଷ ଏପରି ସଂଗଠିତ କରାଯିବ ଯେପରି କି ଉର୍ବର ମୃତ୍ତିକା କ୍ଷୟ ଓ ପଟୁ ପଡ଼ିବା ବାଧା ପାଇବ; ଏଥିପାଇଁ ଫାର୍ମ କର୍ତ୍ତୃପକ୍ଷ ସ୍ୱୀକୃତ ହେଇଛନ୍ତି ।

## ଜଳସେଚନ

ମାନ୍ୟବର ସଦସ୍ୟମାନେ ଅବଗତ ଅଛନ୍ତି ଯେ, ନିଶ୍ଚିତ ଜଳସେଚନର ବ୍ୟବସ୍ଥା ବିନା କୌଣସି ବ୍ୟାପକ କୃଷି ସଂପ୍ରସାରଣ ଓ ବିକାଶ କାର୍ଯ୍ୟକ୍ରମ ସଫଳ ହେବା ସମ୍ଭବପର ନୁହେଁ । ତେଣୁ ଜଳସେଚନ ଯୋଜନାଗୁଡ଼ିକର ନିର୍ମାଣ କାର୍ଯ୍ୟ କ୍ଷିପ୍ରତା ସହିତ ଶେଷ କରିବା ପାଇଁ ରାଜ୍ୟ ସରକାର ସମସ୍ତ ସମ୍ଭବପର ପଦକ୍ଷେପ ନେଉଛନ୍ତି । କିନ୍ତୁ ସମ୍ବଳର ସ୍ୱଳ୍ପତା ଯୋଗୁଁ କୌଣସି ନୂତନ ବୃହତ୍ ଜଳସେଚନ ପରିକଳ୍ପନା କାର୍ଯ୍ୟ ଆରମ୍ଭ କରିବା ସମ୍ଭବ ହୋଇ ନାହିଁ ।

୧୯୬୮-୬୯ରେ ମହାନଦୀ ତ୍ରିକୋଣ ଭୂମି ଯୋଜନାର କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ଏହି ଯୋଜନା ଫଳରେ ୧୯୬୭-୬୮ ମସିହାରେ ୮'୦୨ ଲକ୍ଷ ଏକର (ଉଭୟ ଖରିଫ୍ ଓ ରବି) ଜମିରେ ଜଳସେଚନ କରାଯାଇ ପାରିଥିଲା ଏବଂ ଚଳିତବର୍ଷ ଅଧିକ ୪୭,୦୦୦ ଏକର ଜମିରେ ଓ ଆଗାମୀ ବର୍ଷ ୨'୩୯ ଲକ୍ଷ ଏକର ଜମିରୁ ସେଚନ ହୋଇ ପାରିବ ବୋଲି ଆଶା କରାଯା

ସାଲନ୍ଦୀ ଜଳସେଚନ ଯୋଜନାର କାର୍ଯ୍ୟ ମୁତାବକ ଆଗେଇ ଚାଲିଛି ଏବଂ ୧୯୭୧ ସୁ ଶେଷ ସୁଦ୍ଧା କାର୍ଯ୍ୟ ଶେଷ ହେବାର ଆଶା । କାର୍ଯ୍ୟ ଚାଲିଥିବା ଅବସ୍ଥାରେ ମଧ୍ୟ ବର୍ଷ ୫୦,୦୦୦ ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଉଛି ।

ନିର୍ମାଣ ଅବସ୍ଥାରେ ଥିବା ଆଠଟି ମଧ୍ୟମ ଜଳ ଯୋଜନା ଭିତରୁ ବୁଢ଼ାବୁଢ଼ିଆଣି, ଧନେ ଘୋରଧାରବାଟି ଯୋଜନାଗୁଡ଼ିକର କାର୍ଯ୍ୟ ପ୍ରାୟ ହୋଇ ଆସିଲାଣି । ସାଲଆ ଯୋଜନାର ପର୍ଯ୍ୟାୟ କାର୍ଯ୍ୟ ମଧ୍ୟ ଶେଷ ହୋଇଯା ଅବଶିଷ୍ଟ ଯୋଜନାଗୁଡ଼ିକର କାର୍ଯ୍ୟ ୧୯୭୦ ମଧ୍ୟରେ ଶେଷ ହୋଇଯିବାର ସମ୍ଭାବନା । ଉପ ଏହିସବୁ ଯୋଜନାଦ୍ୱାରା ପ୍ରାୟ ୮୮ ହଜାର ଜମିରେ ଜଳସେଚନ କରାଯାଉଛି ।

ପିତାମାହାଲ ଓ ଉତ୍ତେଇ ମଧ୍ୟମ ଜଳସେ ଯୋଜନା ୧୯୬୭-୬୮ ମସିହାରେ ମଞ୍ଜୁର କରିଥିଲା । କିନ୍ତୁ ଏପର୍ଯ୍ୟନ୍ତ କୌଣସି ଆର୍ଥି କାମ ହୋଇନାହିଁ । ଏହି ଯୋଜନାର କାମ ପ୍ର ତତ୍ପରତା ସହକାରେ ୧୯୬୯-୭୦ ମସିହାରେ ଆ କରାଯିବ । ଏଥିପାଇଁ ୧୮'୫ ଲକ୍ଷ ଟଙ୍କାର ବ ରଖାଯାଇଛି ।

ରାଜ୍ୟ ଉଠା ଜଳସେଚନ ନିର୍ଦ୍ଦେଶାଳୟଠାରୁ ମିଳୁ ସୁବିଧା ସୁଯୋଗ ଗ୍ରହଣ କରି ନଳକୂଅ ବସାଇବା ବେସରକାରୀ ବ୍ୟକ୍ତି ବା ଅନୁଷ୍ଠାନମାନଙ୍କୁ ଉତ୍ସା କରାଯାଇ ଜଳସେଚନର ଆବଶ୍ୟକତା ପୂର ସମାଧାନ ମଧ୍ୟ କରାଯାଉଛି । ଏଥିପାଇଁ ଭୂମି ବ୍ୟାଙ୍କ, କୃଷି ରିଫାଇନାନ୍ସ କରପୋରେସ କମର୍ଶିଆଲ ବ୍ୟାଙ୍କମାନଙ୍କଠାରୁ ଅର୍ଥିକ ସାହାଯ୍ୟ ମିଳୁ

ସେବାକାରୀ ବ୍ୟକ୍ତି ବା ଅନୁଷ୍ଠାନମାନେ ନଳକୂଅ ଖୋଳ କରାଇବା ବାବଦରେ ଅକୃତକାର୍ଯ୍ୟ ହେଲେ ଖୋଳି କରାଇବା ଖର୍ଚ୍ଚର ଏକ ଅଂଶ ବହନ କରିବା ପାଇଁ ସରକାର ସ୍ଥିର କରିଛନ୍ତି । ଜନସାଧାରଣ ଏହି ସୁବିଧା-ସୁଯୋଗର ଉତ୍ତରୋତ୍ତର ସଦ୍-ବ୍ୟବହାର କରିବେ ବୋଲି ଆଶା କରାଯାଏ ।

## ସମବାୟ

ଗ୍ରାମ୍ୟ ଅର୍ଥନୀତିକୁ ଦୃଢ଼ୀଭୂତ କରିବା ଏବଂ କୃଷି ପାଇଁ ବିହନ, ଋଣ ଓ ସାର ଆଦି ଆବଶ୍ୟକୀୟ ଉପାଦାନ ଯଥେଷ୍ଟ ପରିମାଣରେ ଯୋଗାଇ ଦେବାର ନିଶ୍ଚିତ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ସରକାର ଓଡ଼ିଶାରେ ସମବାୟ ଆନ୍ଦୋଳନର ଅଭିବୃଦ୍ଧି ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ବିହନ, ସାର, କୀଟନାଶକ ଔଷଧ ପ୍ରଭୃତି ଖରିଦ ପାଇଁ ଅର୍ଥ ଯୋଗାଇବା ଉଦ୍ଦେଶ୍ୟରେ ସମବାୟ ସଂସ୍ଥାମାନଙ୍କ ଜରିଆରେ ସ୍ୱଳ୍ପମିଆଦି ଓ ମଧ୍ୟମ ମିଆଦି ଋଣ ଦେବାର ବ୍ୟବସ୍ଥା ବିଶେଷ ଭାବେ ବୃଦ୍ଧି କରାଯାଉଛି । ୧୯୬୫-୬୬ ମସିହା ଶେଷ ସୁଦ୍ଧା ବକେୟା ଋଣର ପରିମାଣ ଥିଲା ୧୧.୮ କୋଟି ଟଙ୍କା । ୧୯୬୬-୬୭ ଓ ୧୯୬୭-୬୮ ଶେଷ ବେଳକୁ ଏହା ଯଥାକ୍ରମେ ୧୩.୦୫ କୋଟି ଓ ୧୪.୦୩ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ।

### ୧୯୬୯-୭୦ ମସିହା ପାଇଁ ରାଜ୍ୟ କ୍ଷେତ୍ରରେ ଯୋଜନା ଖର୍ଚ୍ଚ

(ଲକ୍ଷ ଟଙ୍କା ହିସାବରେ)

**ସମାଜ ସେବା—**

| | | |
|---|---|---|
| ୧ । ସାଧାରଣ ଶିକ୍ଷା | ... | ୭୨.୯୯ |
| ୨ । ସାଂସ୍କୃତିକ କାର୍ଯ୍ୟକ୍ରମ | ... | ୬.୩୭ |
| ୩ । ବୈଷୟିକ ଶିକ୍ଷା | ... | ୧୪.୨୦ |
| ୪ । ସ୍ୱାସ୍ଥ୍ୟ | ... | ୯୭.୭୯ |
| ୫ । ଜଳ ଯୋଗାଣ | ... | ୬୫.୦୦ |
| ୬ । ବାସଗୃହ ନିର୍ମାଣ | ... | ୧,୦୮.୬୫ |
| ୭ । ସହର ଉନ୍ନୟନ | ... | ୭.୨୫ |
| ୮ । ଅନୁନ୍ନତ ଶ୍ରେଣୀମାନଙ୍କ କଲ୍ୟାଣ | ... | ୪୦.୦୦ |
| ୯ । ସମାଜ କଲ୍ୟାଣ | ... | ୨.୭୧ |
| ୧୦ । ଶ୍ରମ ଓ ଶ୍ରମିକ କଲ୍ୟାଣ | ... | ୧.୬୩ |
| ୧୧ । କାରିଗରି ତାଲିମ | ... | ୩.୦୦ |
| ମୋଟ—ସମାଜସେବା | ... | ୪,୧୯.୫୯ |

୧୯୬୮-୬୯ ଓ ୧୯୬୯-୭୦ରେ ଯଥାକ୍ରମେ ୨୦.୫୪ କୋଟି ଟଙ୍କା ଓ ୨୩.୦୦ କୋଟି ଟଙ୍କା ଋଣ ଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ଜମିର ଉନ୍ନୟନ ଏବଂ ଜଳସେଚନ ପମ୍ପ ଓ ଟ୍ରାକ୍ଟର ଇତ୍ୟାଦ କଣିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ସମବାୟ ଭୂ-ବନ୍ଧକ ବ୍ୟାଙ୍କ ୫୩ଟି ପ୍ରାଥମିକ ବ୍ୟାଙ୍କ ଜରିଆରେ ଦୀର୍ଘମିଆଦି ଋଣ ବର୍ତ୍ତମାନ ଯୋଗାଇ ଦେଉଛନ୍ତି । ୧୯୬୯-୭୦ ମସିହାରେ ରାଜ୍ୟରେ ଆଉ ଦୁଇଟି ପ୍ରାଥମିକ ବ୍ୟାଙ୍କ ଖୋଲିବାର ପ୍ରସ୍ତାବ ରହିଛି । ୧୯୬୫-୬୬ରେ ନୂଆକରି ଦିଆ ଯାଇଥିବା ଦୀର୍ଘମିଆଦି ଅଗ୍ରିମର ପରିମାଣ ୭୦ ଲକ୍ଷ ଟଙ୍କା ହୋଇଥିଲା । ୧୯୬୬-୬୭ ଓ ୧୯୬୭-୬୮ ରେ ଏହି ଅଗ୍ରିମର ପରିମାଣ ଯଥାକ୍ରମେ ୧୦୭ ଲକ୍ଷ ଟଙ୍କା ଓ ୧୪୭ ଲକ୍ଷ ଟଙ୍କା ଥିଲା । ୧୯୬୮-୬୯ ଓ ୧୯୬୯-୭୦ ପାଇଁ ଯଥାକ୍ରମେ ୩୨୫ ଲକ୍ଷ ଟଙ୍କା ଓ ୪୦୦ ଲକ୍ଷ ଟଙ୍କା ଅଗ୍ରିମ ଦାଦନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହିପରି ଅଗ୍ରିମର ଅଧିକ ଭାଗ ଯେପରି ଜଳସେଚନ ପମ୍ପ, ଟ୍ରାକ୍ଟର ଓ ଅନ୍ୟାନ୍ୟ କୃଷି ଉପକରଣ ଖରିଦ କରିବାରେ ବ୍ୟବହୃତ ହୁଏ, ତାହାଁର ନିଶ୍ଚିତ ବ୍ୟବସ୍ଥା ମଧ୍ୟ କରାଯାଉଛି । ଏହି ଉଦ୍ଦେଶ୍ୟରେ ୧୯୬୭-୬୮ରେ ଯେଉଁ ଋଣ ଦିଆଯାଇଛି ତାହାଁର ପରିମାଣ ୧ କୋଟି ଟଙ୍କାରୁ ଅଧିକ । ଋଣ ବଣ୍ଟନ କାର୍ଯ୍ୟବିଧିକୁ ସରଳ କରାଯାଇଥିବାରୁ ଅଗ୍ରିମ ଦାଦନର ବେଗ ଏପରି କ୍ଷିପ୍ରଭାବରେ ବୃଦ୍ଧି ପାଇବାର ସୁବିଧା ହୋଇଛି ।

## ଶିଳ୍ପ

ଶିଳ୍ପ କ୍ଷେତ୍ରରେ ପଶ୍ଚାଦ୍‌ଗତ ଯୋଗୁଁ ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି ଏହି ରାଜ୍ୟ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଛି । ଯାହାହେଉ, ଓଡ଼ିଶା ଶିଳ୍ପ ଉନ୍ନୟନ କର୍‌ପୋରେସନ୍‌ଙ୍କର ବହୁଳ ପ୍ରଚେଷ୍ଟା ଦ୍ୱାରା ସମାପ୍ତ ହୋଇଛି କମ୍ପା

ସମାପ୍ତ ହେବା ଅବସ୍ଥାରେ ଅଛି । ବରଗଡ଼ ଥିବା ସିମେଣ୍ଟ କାରଖାନା ରାଜ୍ୟର ମୋଟ ଉତ୍ପାଦନରେ ବୃଦ୍ଧି ଘଟାଇଛି । ୧୯ ପ୍ରଥମାର୍ଦ୍ଧରେ ରାଜ୍ୟର ମୋଟ ସିମେଣ୍ଟ ଉ ୧.୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୧୯୬୮ର ଅକ୍ଟୋବର ମଧ୍ୟରେ ପ୍ରାୟ ୨.୭ ଲକ୍ଷ ମେଟ୍ରିକ୍ ଟନ୍‌କୁ ପାଇଥିଲା । ହୀରାକୁଦ କେବ୍‌ଲ୍ କାରଖା ଅଲୁମିନିୟମ୍ ଶାଖାରେ ୧୯୬୭ ନଭେମ୍ବର ମା ଉତ୍ପାଦନ ଆରମ୍ଭ ହୋଇଛି । କଠିନ ଅନ୍ତର୍ଜା ପ୍ରତିଯୋଗିତା ସତ୍ତ୍ୱେ ଏହି କାରଖାନା ୧ ଲକ୍ଷ ଡ ମୂଲ୍ୟର ମାଲ ରପ୍ତାନି କରିବାପାଇଁ ବରାଦ ପାଇ କୃତକାର୍ଯ୍ୟ ହୋଇଛି । ଜାନୁଆରି ଓ ଫେବୃ ମାସରେ ୪୦ ହଜାର ଡଲାର ମୂଲ୍ୟର କେବ୍ ବାହାରକୁ ରପ୍ତାନି କରାଯାଇଛି ଓ ୨୦ ହଜାର ଡ ମୂଲ୍ୟର କେବ୍‌ଲ୍ ଫିଲିପାଇନ୍‌ସକୁ ପ୍ରାୟ ପ କରାଯିବା ଉପରେ । ହୀରାକୁଦ ରୋଲିଂ ମି ୧୯୬୮ ଜୁନ୍ ମାସରେ ଉତ୍ପାଦନ ଆରମ୍ଭ କରାଯାଇ ଏବଂ ଆଭ୍ୟନ୍ତରୀଣ ଓ ବିଦେଶୀ ବଜାରକୁ ଏ ଉତ୍ପନ୍ନ ଦ୍ରବ୍ୟ ଛାଡ଼ି ଦିଆଗଲାଣି । ସୁଦାନକୁ ୭ମେ ଟନ୍ ରୋଲିଂ ମାଲ ରପ୍ତାନି ହୋଇଛି । ଖୁବ୍ ହେଲେ ମଧ୍ୟ ଏହା ଶୁଭାରମ୍ଭ ମାତ୍ର । ପରୀକ୍ଷାମୂ ଭାବରେ ଆଲୁମିନିୟମ୍ ରଡ଼ର ରୋଲିଂ ଆ କରାଯାଇଛି ।

ବର୍ତ୍ତମାନ ଅର୍ଥନୀତିର ପୁନରୁଦ୍ଧ ଆଖି ଆଗରେ ଥିବାବେଳେ, ଆଶା କରାଯାଏ ଓଡ଼ିଶାର କଳକାରଖାନା ପାଇଁ ବିଶେଷ ଅନୁ ପଡ଼ୁଥିବା ପ୍ରେରଣା ମିଳିବ ଓ ଭବିଷ୍ୟତର ସମ୍ଭା ଅଧିକ ଉଜ୍ଜ୍ୱଳ ହେବ । ରାଜ୍ୟରେ ଶିଳ୍ପ ସ୍ଥାପନ ବେସରକାରୀ ଶିଳ୍ପପତିମାନଙ୍କୁ ପ୍ରୋତ୍ସାହନ ଦେ ନିମନ୍ତେ ସରକାର ଏକ ଶିଳ୍ପନୀତି ଗ୍ରହଣ କରିଛ ଶିଳ୍ପପତିମାନଙ୍କୁ ଆକୃଷ୍ଟ କରିବାପାଇଁ ରାଜ୍ୟ ସର

ଜଳ, ବିଦ୍ୟୁତ୍ ଓ ଯୋଗାଯୋଗ ସୁବିଧା ଯୋଗାଇ ଦେଇ ଦର୍ଶିଷ୍ଟ ଶିଳ୍ପ କେନ୍ଦ୍ରର ଚତୁଃପାର୍ଶ୍ୱରେ ସେଠାରେ ସୁସଂହତ ଅଞ୍ଚଳର ବିକାଶ ଘଟାଉଛନ୍ତି । ଏହି ଲକ୍ଷ୍ୟରେ ରାଉରକେଲାଠାରେ ୮୯୩ ଏକର ପରିମିତ ଗୋଟିଏ ସ୍ଥାନ ବଛାଯାଇ ସେଠାରେ କାର୍ଯ୍ୟ ଆରମ୍ଭ ହୋଇଗଲାଣି । ଏସବୁ ସୁବିଧା ତଥା ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ, ବିଦ୍ୟୁତ୍ ଯୋଗାଣ ଓ ଯନ୍ତ୍ରର ପ୍ରଭୃତି ସଂପର୍କରେ ସବ୍‌ସିଡି ପ୍ରଦାନ ଋଣ ଯୋଗାଣ ଓ ସାହାଯ୍ୟଦାନ ଫଳରେ ଶିଳ୍ପପତିମାନେ ଏହି ରାଜ୍ୟକୁ ଆକୃଷ୍ଟ ହେବାର ସମ୍ଭାବନା ରହିଛି । ପରିଚାଳନା କର୍ତ୍ତୃପକ୍ଷ ଓ ଶ୍ରମିକମାନଙ୍କ ମଧ୍ୟରେ ପରସ୍ପର ଦରକାର ସୁସଂପର୍କ ରକ୍ଷାପାଇବ ତା'ର ବ୍ୟବସ୍ଥା କରିବାପାଇଁ ସରକାର ଉଦ୍‌ବିଗ୍ନ ।

## ଖଣିଜ ବିକାଶ

ଖଣିଜ ବିକାଶ କ୍ଷେତ୍ରରେ ମଧ୍ୟ ଏ ରାଜ୍ୟ ମନ୍ଦା ସମସ୍ୟା ମଧ୍ୟରେ ଗତି କରିଆସୁଛି । ଓଡ଼ିଶାର ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ଖଣିଜ ସଂପଦ ଲୁହା-ପଥର ଉତ୍ପାଦନରେ ପ୍ରକୃତରେ କୌଣସି ବୃଦ୍ଧି ଘଟି ନାହିଁ । ରପ୍ତାନି ବାଣିଜ୍ୟରେ ମାନ୍ଦା ଅବସ୍ଥା ଏବଂ ଇସ୍ପାତ କାରଖାନାଗୁଡ଼ିକର ସଂପ୍ରସାରଣ କାର୍ଯ୍ୟକ୍ରମ ଶେଷ ହେବା ବାଟରେ ବିଳମ୍ବ ହିଁ ଏଥିପାଇଁ ମୁଖ୍ୟତଃ ଦାୟୀ । ଭାରତର ମିନେରଲ୍ ଆଣ୍ଡ ମେଟାଲ୍ ଟ୍ରେଡ଼ିଂ କର୍ପୋରେସନ ଉଭୟ ମାଙ୍ଗାନିଜ ଓ ଲୁହାପଥରର ଏକୁଟିଆ ରପ୍ତାନିକାରୀ । କିନ୍ତୁ ଉକ୍ତ କର୍ପୋରେସନ୍ ବିଦେଶୀ ଦେଶମାନଙ୍କରେ . ଏଥିପାଇଁ ବଜାର ପାଇବାକୁ ଅକ୍ଷମ ହେବାରୁ ମାଙ୍ଗାନିଜ ପଥରର ଉତ୍ପାଦନ ଅନ୍ୟ ସମସ୍ତ ଅପେକ୍ଷା ବର୍ତ୍ତମାନ କମ୍ ସ୍ତରରେ ରହିଛି । ରାଜ୍ୟକୁ ଖଣି ରୟାଲ୍‌ଟିରୁ ମିଳୁଥିବା ଆୟ ଉପରେ ଏସବୁ ବିଷୟ ଏକ ପ୍ରତିକୂଳ ପ୍ରଭାବ ପକାଇଛି । ତେଣୁ ଓଡ଼ିଶା ଖଣି କର୍ପୋରେସନ ଅଧୀନରେ ଥିବା ଦୈତାରି ଯୋଜନ କାର୍ଯ୍ୟକାରୀ ହେବା ପରେ ରାଜ୍ୟରେ ନିକଟ ଭବିଷ୍ୟତରେ ଖଣିଜ ପଥର-ଉତ୍ତୋଳନ ଉଲ୍ଲେଖଯୋଗ୍ୟ ଭାବେ ବୃଦ୍ଧି ପାଇବାର ସମ୍ଭାବନା ।

ମାନ୍ୟବର ସଦସ୍ୟମାନେ ଅବଗତ ଅଛନ୍ତି ଯେ ଯୋଜନା ପରିକଳ୍ପନାଗୁଡ଼ିକରେ ଅର୍ଥ ବିନିଯୋଗ ସକାଶେ ସମ୍ବଳ ସଂଗ୍ରହ କରିବାର ଏକ ବ୍ୟବସ୍ଥା ସ୍ୱରୂପ ଲୁହାପଥର ଉପରେ ରୟାଲ୍‌ଟିର ହାର ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଚାପ ଦେଇଆସୁଛନ୍ତି । ଯାହାହେଉ, ଭାରତ ସରକାର ଲୁହା ପଥର ଓ କୋଇଲା ବ୍ୟତୀତ ଅନ୍ୟ ସମସ୍ତ ମୁଖ୍ୟ ଖଣିଜ ଦ୍ରବ୍ୟର ହାର ଅଳ୍ପଦିନ ତଳେ ସଂଶୋଧିତ କରିଛନ୍ତି । ଲୁହାପଥର ଉପରେ ରୟାଲ୍‌ଟି ବୃଦ୍ଧି କରିବା ପାଇଁ ଆମ୍ଭେମାନେ ପୁଣି ବଳିଷ୍ଠ ଭାବରେ ଦାବୀ ଉପସ୍ଥାପିତ କରିଛୁ । ଖଣିଜ ଉନ୍ନୟନ ଉପଦେଷ୍ଟା ବୋର୍ଡର ସ୍ଥାୟୀ କମିଟି ମେଟ୍ରିକ ଟନ୍ ପିଛା ୫୦ ପଇସା ହିସାବରେ ଦର ବୃଦ୍ଧି କରିବା ପାଇଁ ପରିଶେଷରେ ରାଜି ହୋଇଛନ୍ତି । ଆମେ ଆଶା କରିଥିବା ଦର ଅପେକ୍ଷା ଏହା ଯଥେଷ୍ଟ କମ୍ ହେଲେ ମଧ୍ୟ ଏହି ସଂଶୋଧନ ଯଦି ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୁଏ, ତାହାହେଲେ ତଦ୍ଦ୍ୱାରା ୧୯୬୯-୭୦ ମସିହାରେ ଆମ୍ଭମାନଙ୍କୁ ୩୦ ଲକ୍ଷ ଟଙ୍କାର ଅତିରିକ୍ତ ରାଜସ୍ୱ ମିଳିପାରିବ ଏବଂ ଏଥିପାଇଁ ବଜେଟରେ ଏହି ଟଙ୍କାକୁ ଜମାସ୍ୱରୂପ ଦର୍ଶାଯାଇଛି ।

ବାର୍ଷିକ ପାଞ୍ଚ ନିୟୁତ ମେଟ୍ରିକ୍ ଟନ୍‌ରୁ ଅଧିକ ଲୁହାପଥର ଯୋଗାଇବା ପାଇଁ କେନ୍ଦୁଝର-ବଣାଇ ଖଣି ଅଂଚଳର ପ୍ରଭୂତ ସମ୍ଭାବନା ରହିଛି । ମଲଙ୍ଗଟୋଲି ଅଂଚଳରେ ମହଜୁଦ ଥିବା ଲୁହାପଥର ଉପଯୋଗର ସମ୍ଭାବନା ସଂପର୍କରେ ଗୋଟିଏ ରିପୋର୍ଟ ପ୍ରସ୍ତୁତ ହୋଇସାରିଛି । ଏହି ଅଂଚଳର ବିକାଶ-ପ୍ରଶ୍ନ ସଂପର୍କରେ ଆମେ ଭାରତ ସରକାରଙ୍କ ସହିତ ଆଲୋଚନା ଆରମ୍ଭ କରିଛୁ ।

ଖଣିଜ ସଂପଦର ଉପଯୁକ୍ତ ଉପଯୋଗ ପାଇଁ ନିଶ୍ଚିତ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଖଣିଜ ପଟ୍ଟା ଦେବା ବିଷୟରେ କୋହଳ ନୀତି ଅନୁସରଣ କରୁଛନ୍ତି । ଖଣିଜ ଉତ୍ତୋଳନ କାର୍ଯ୍ୟ ପୁନର୍ବାର ଆରମ୍ଭ କରିବା ଉଦ୍ଦେଶ୍ୟରେ, ମୟୂରଭଂଜ ଜିଲ୍ଲାରେ ପୂର୍ବେ ଟାଟା ଲୌହ ଓ ଇସ୍ପାତ କମ୍ପାନୀ ଦଖଲରେ ଥିବା ଅଂଚଳଗୁଡ଼ିକୁ ପଟ୍ଟା ଦେବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଇଛି । ରାଜ୍ୟର ଆୟ ବୃଦ୍ଧି କରିବା ଓ ରାଜ୍ୟରେ କର୍ମସଂସ୍ଥାନ ସୁବିଧାସୁଯୋଗ ବଢ଼ାଇବା ଉଦ୍ଦେଶ୍ୟରେ ଖଣିଜ ସଂପଦର ଉତ୍ତରୋତ୍ତର ସଦୁପଯୋଗ ଯେପରି ସୁବିଧାରେ ହୋଇପାରିବ, ସେଥିପାଇଁ କେତେକ ନିର୍ଦ୍ଦିଷ୍ଟ ଅଂଚଳର ସଂରକ୍ଷଣ ବ୍ୟବସ୍ଥା ରଦ୍ଦ କରିବା ପ୍ରସ୍ତାବ ମଧ୍ୟ ସରକାର ସକ୍ରିୟଭାବେ ବିବେଚନା କରୁଛନ୍ତି ।

## ବିଦ୍ୟୁତ୍

ଖଣିଜ ଓ ଶିଳ୍ପ ବିକାଶ ପାଇଁ ବିଦ୍ୟୁତ୍ ଶକ୍ତି ଏକାନ୍ତ ଆବଶ୍ୟକ । ସୌଭାଗ୍ୟବଶତଃ ଦ୍ରୁତ ଶିଳ୍ପାୟନର ବେଗକୁ ବଳଶାଳୀ କରିବା ଓ ଅବ୍ୟାହତ ରଖିବା ପାଇଁ ଆମ ରାଜ୍ୟରେ ଯଥେଷ୍ଟ ବିଦ୍ୟୁତ୍ ମିଳୁଛି । ଯଦିବା ମାଛକୁଣ୍ଡ ଯୋଜନାରୁ ମିଳୁଥିବା ବିଦ୍ୟୁତ୍ ଶକ୍ତି ଆମମାନଙ୍କ ଦ୍ୱାରା ବର୍ତ୍ତମାନ ପୂରାପୂରି ଉପଯୋଗ କରାଯାଉଛି, ତଥାପି ଗତବର୍ଷ କାର୍ଯ୍ୟକାରୀ ହୋଇଥିବା ତାଳଚେର ତାପ-ବିଦ୍ୟୁତ୍ କେନ୍ଦ୍ରରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିର ପ୍ରଚୁର ପରିମାଣ ଅବ୍ୟବହୃତ ହୋଇ ରହିଛି । ଯେତିକି ପାଣ୍ଠି ମିଳୁଛି ତାକୁ ଦୃଷ୍ଟିରେ ରଖି ବାଲିମେଲା ଯୋଜନା ସଂପର୍କୀୟ ନିର୍ମାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । ଏହି ଯୋଜନା ୧୯୭୩-୭୪ ମସିହା ଶେଷ ବେଳକୁ ସମାପ୍ତ ହେବ ବୋଲି ବର୍ତ୍ତମାନ ଆଶାକରାଯାଉଛି ଏବଂ ଏହା ୧୯୭୨-୭୩ ବେଳକୁ ଆଂଶିକଭାବରେ ବିଦ୍ୟୁତ୍ ଯୋଗାଇ ଦେଇପାରେ । ବୈଦ୍ୟୁତିକ ଖାତରେ ପରବର୍ତ୍ତୀ ବର୍ଦ୍ଧିତ ଚାହିଦା ମେଣ୍ଟାଇବା ଚତୁର୍ଥଯୋଜନାର ଉପଯୁକ୍ତ ପର୍ଯ୍ୟାୟରେ ଇନ୍ଦ୍ରାବତୀ ପରିକଳ୍ପନା ଓ 'ଅପର ... ପରିକଳ୍ପନା ନାମକ ଦୁଇଟି ନୂତନ ବିଦ୍ୟୁତ୍ ... ପରିକଳ୍ପନାକୁ ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବ ... ରହିଛି । ଏହି ଦୁଇଟି ପରିକଳ୍ପନାର କାର୍ଯ୍ୟ ... ହେଲେ ରାଜ୍ୟର ଅପେକ୍ଷାକୃତ ଅନୁନ୍ନତ ... ଅଂଚଳରେ ଶିଳ୍ପର ଅଭିବୃଦ୍ଧି ସାଧିତ ହୋଇ...

## ପରିବହନ ଓ ଯୋଗାଯୋଗ

ବିଦ୍ୟୁତ୍ ଭଳି ପରିବହନ ଓ ଯୋଗାଯୋଗ ... ମଧ୍ୟ ଶିଳ୍ପାୟନ ପାଇଁ ଅତ୍ୟାବଶ୍ୟକ ମୂଳଭିତ୍ତି ... ଦେଇଥାଏ । ରାଜ୍ୟର ସର୍ବାଙ୍ଗୀନ ପ୍ରଗ... ଲାଗି ଏହି ମୂଳଭିତ୍ତିଗୁଡ଼ିକର ଉନ୍ନତି ... କରିବାପାଇଁ ସରକାର ଉଦ୍ୟମ କରୁଛ... ୧୯୬୮-୬୯ ରେ ପୂର୍ତ୍ତ ବିଭାଗ ନିୟନ୍ତ୍ରଣାଧୀନ ... ୧୩୩ ମାଇଲ ରାସ୍ତାର ଉନ୍ନତିବିଧାନ ... ଓ ପୂର୍ବରୁ କାର୍ଯ୍ୟ ଆରମ୍ଭ କରାଯାଇଥିବା ... ପୋଲର ନିର୍ମାଣ ଶେଷ କରିବାପାଇଁ ସରକାର ... କରିଥିଲେ । କିନ୍ତୁ ଏହିସବୁ କାର୍ଯ୍ୟପାଇଁ ... ଅର୍ଥର କେତେକାଂଶ ଏବେ ଏକ୍ସପ୍ରେସ୍‌ୱେ ... କାର୍ଯ୍ୟରେ ଲଗାଯିବାରୁ, ଉକ୍ତ ଲକ୍ଷ୍ୟ ପୂରଣ ... କେତେକ ବ୍ୟାଘାତ ଉପୁଜିପାରେ । ଖଣିଜ... ଦୈତାରି ଅଞ୍ଚଳ ଓ ପାରାଦୀପ ବନ୍ଦର ... ଯାଇଥିବା ଏହି ଅତ୍ୟାବଶ୍ୟକୀୟ ସଂଯୋ... ରାସ୍ତାର (ଏକ୍ସପ୍ରେସ୍‌ୱେ) କାର୍ଯ୍ୟ କଷ୍ଟ ... ଅତିକ୍ରମ କରି ଅବଶେଷରେ ଏବେ ... ହୋଇଛି । ଏକ୍ସପ୍ରେସ୍‌ୱେ କାର୍ଯ୍ୟ ସଂପୂର୍ଣ୍ଣ ... ସଙ୍ଗେ ସଙ୍ଗେ ବହୁଳ ପରିମାଣରେ ଖଣିଜ ... ରପ୍ତାନୀ କାର୍ଯ୍ୟକ୍ରମ ଚଳାଇବାପାଇଁ ଆମେ ... ସ୍ଥିର କରିଛୁ । ଏହା ଦ୍ୱାରା ଯେ କେବଳ ... ମୂଲ୍ୟବାନ ବୈଦେଶିକ ବିନିମୟ ମୁଦ୍ରା ମିଳିବ ...

...ବୃଦ୍ଧି, ରାଜ୍ୟ ମଧ୍ୟରେ ଅନ୍ତଃଶୁଳ୍କ ଆୟ ଓ କର୍ମସଂସ୍ଥାନର ସୁବିଧା ମଧ୍ୟ ହେବ ।

ରାଜ୍ୟ ସରକାରର ବର୍ତ୍ତମାନର ରାଜ୍ୟ ପରିବହନ ସଂସ୍ଥା ଓ ଓଡ଼ିଶା ରାସ୍ତା ପରିବହନ କମ୍ପାନୀ ଲିମିଟେଡ୍‌ଙ୍କ ମାଧ୍ୟମରେ ସମନ୍ୱିତ ରାସ୍ତା ପରିବହନ ସର୍ଭିସର ବ୍ୟବସ୍ଥା କରୁଛନ୍ତି । ଏହିପରି ସଂସ୍ଥାକୁ ଯେଉଁ ଆର୍ଥିକ କ୍ଷତି ମିଳୁଛି, ତାହା ଅତୀତରେ ହେଉଥିବା କ୍ଷତିର ଅନୁପାତରେ କମ୍ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଭଲ ହୋଇଛି । ତେଣୁ, ସରକାର ରାଜ୍ୟ ପରିବହନ ସଂସ୍ଥା ଜରିଆରେ ପରିବହନ ବ୍ୟବସ୍ଥାର ଅଭିବୃଦ୍ଧି ଲାଗି ଏ ବର୍ଷ ଅଧିକ ପାଣ୍ଠି ଯୋଗାଇ ଦେଉଛନ୍ତି । ଏହି ସଂସ୍ଥାର ଗାଡ଼ି ସଂଖ୍ୟା ବୃଦ୍ଧି କରାଯାଇଛି ଏବଂ ବହୁସଂଖ୍ୟକ ଅକାମୀ ଗାଡ଼ି ବଦଳରେ ନୂଆ ଗାଡ଼ି ଅଣାଯାଇଛି । ଏ ବର୍ଷ ଭୁବନେଶ୍ୱର ଓ କୋରାପୁଟ ମଧ୍ୟରେ ସିଧାସଳଖ ବସ୍ ଯାତାୟାତ ପ୍ରଚଳନ ହେବା ଫଳରେ ରାଜ୍ୟରେ ସବୁ ଜିଲ୍ଲାର ସଦର ମୁକାମ ବର୍ତ୍ତମାନ ବସ୍ ଚଳାଚଳ ଦ୍ୱାରା ରାଜ୍ୟ ରାଜଧାନୀ ସହିତ ସିଧାସଳଖ ସଂଯୁକ୍ତ ହୋଇ ପାରିଛି । ଯୁକ୍ତିଯୁକ୍ତ ଖର୍ଚ୍ଚରେ ଲୋକମାନଙ୍କ ଚଳାଚଳର ସୁବିଧାସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ପରିବହନ ସଂସ୍ଥାର ଦକ୍ଷତା ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ତେଣୁ ଲାଭପ୍ରଦ ହେଉ ନ ଥିବା ବସ୍ ଚଳାଚଳକୁ ପରିହାର କରିବା ଉଦ୍ଦେଶ୍ୟରେ ସରକାର ସାଂଗଠନିକ ଢାଞ୍ଚା ଓ ବସ୍ ରାସ୍ତାଗୁଡ଼ିକର ସମୀକରଣ ପାଇଁ ସ୍ଥିର କରିଛନ୍ତି ।

ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ରାଜ୍ୟ ମଧ୍ୟରେ ରେଳ ପରିବହନ ସୁବିଧାର ସଂପ୍ରସାରଣ କରିବା ଲାଗି ରାଜ୍ୟ ସରକାର ଭାରତ ସରକାରଙ୍କୁ ସୁପାରିଶ କରିଛନ୍ତି । ଏ ସଂପର୍କରେ ରାଜ୍ୟ ସରକାର କେତେକ ନିର୍ଦ୍ଦିଷ୍ଟ ପ୍ରସ୍ତାବ ପଠାଇ ଦେଇ ସାରିଛନ୍ତି । ସୁଖର ବିଷୟ, ଏ ବର୍ଷ କଟକ-ପାରାଦୀପ ରେଳ ସଂଯୋଗର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଆମେ

## ୧୯୬୯-୭୦ ମସିହା ପାଇଁ ରାଜ୍ୟ କ୍ଷେତ୍ରରେ ଯୋଜନା ଖର୍ଚ୍ଚ

( ଲକ୍ଷ ଟଙ୍କା ହିସାବରେ )

| | | |
|---|---|---|
| ବିବିଧ— | | |
| ୧ । ପରିସଂଖ୍ୟାନ | ... | ୨·୫୦ |
| ୨ । ସୂଚନା ଓ ପ୍ରଚାର | ... | ୧·୭୫ |
| ୩ । ମୂଲ୍ୟାଙ୍କନ ସଂସ୍ଥା | ... | ୦·୩୦ |
| ୪ । ସରକାରୀ ମୁଦ୍ରଣାଳୟ | ... | ୬·୦୦ |
| ମୋଟ—ବିବିଧ | ... | ୧୦·୫୫ |
| ସର୍ବମୋଟ | ... | ୨୪,୭୯·୪୨ |

ଆଶା କରୁଁ ଯେ ଶୀଘ୍ର ବିମଳାଗଡ଼ ଓ ତାଳଚେର ମଧ୍ୟରେ ରେଳ ସଂଯୋଗର ବ୍ୟବସ୍ଥା ହୋଇଯିବ । ଏହା ଫଳରେ ପାରାଦୀପ ବନ୍ଦର ସହିତ ପଶ୍ଚାଦ୍‌ବର୍ତ୍ତୀ ଅଞ୍ଚଳର ଯୋଗାଯୋଗ ପ୍ରତିଷ୍ଠା କରାଯାଇ ପାରିବ । ରେଳବାଇ ବିଭାଗ ଦ୍ୱାରା ଏହି ଯୋଜନାର ସର୍ଭେ କାର୍ଯ୍ୟ ୧୯୬୯-୭୦ରେ ଆରମ୍ଭ କରାଯିବ ।

## ସମାଜସେବା

ସମାଜସେବା ପ୍ରସଙ୍ଗରେ ଆଲୋଚନା କରିବାକୁ ଯାଇ ମୁଁ ଆନନ୍ଦର ସହିତ ଜଣାଉଛି ଯେ ଏ ରାଜ୍ୟ ଗତ କେତେ ବର୍ଷ ମଧ୍ୟରେ ଶିକ୍ଷାଗତ, ଚିକିତ୍ସା ତଥା ସ୍ୱାସ୍ଥ୍ୟମୂଳକ ସେବାର ବ୍ୟବସ୍ଥା କରିବା ଦିଗରେ ଦ୍ରୁତ ଅଗ୍ରଗତି କରିଛି । ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ-ଗୁଡ଼ିକର ସଂଖ୍ୟା ତା ୧ । ୪ । ୧୯୬୬ ରେ ୨୫,୦୦୦ରୁ ତା ୧ । ୪ । ୧୯୬୮ ସୁଦ୍ଧା ୨୬,୦୦୦ କୁ ବୃଦ୍ଧି ପାଇଥିଲା । ଏହି ସମୟ ମଧ୍ୟରେ ଛାତ୍ରମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ବହୁ ସଂଖ୍ୟକ ହାଇସ୍କୁଲ୍ ଓ କଲେଜ ମଧ୍ୟ ଖୋଲା ଯାଇଛି । ଡି. ଏ. ଭି. ଟ୍ରଷ୍ଟ ଓଡ଼ିଶାରେ, ବିଶେଷ କରି ଅପେକ୍ଷାକୃତ ଅନୁନ୍ନତ ଅଞ୍ଚଳମାନଙ୍କରେ ଶିକ୍ଷାର ବିକାଶ ପାଇଁ ପ୍ରବଳ ଆଗ୍ରହ ପ୍ରକାଶ କରୁଥିବାରୁ ମୁଁ ଆନନ୍ଦିତ । ଏହି ସଂସ୍ଥା ରାଉରକେଲାଠାରେ ଗୋଟିଏ ମହିଳା କଲେଜ ସ୍ଥାପନ କରିବା ସଙ୍ଗେ ସଙ୍ଗେ ମହିଳାମାନଙ୍କପାଇଁ ଗୋଟିଏ ପଲିଟେକ୍‌ନିକ୍ ମଧ୍ୟ ଖୋଲିଛନ୍ତି । ଟିଟିଲାଗଡ଼ ଓ ସୁନାବେଡ଼ାଠାରେ ଏବଂ ଫୁଲବାଣୀ ଜିଲ୍ଲାରେ ଶିକ୍ଷା ସଦନ୍‌ସମାନ (କମ୍ପ୍ଲେକ୍ସ) ଖୋଲିବାପାଇଁ ମଧ୍ୟ ଏହି ସଂସ୍ଥା ପ୍ରସ୍ତାବ ଦେଇଛନ୍ତି । କଟକ ଓ ବୁର୍ଲାଠାରେ ଉପାଧି-ଉତ୍ତର ସ୍ତରରେ ଡାକ୍ତରୀ ଶିକ୍ଷାର ବ୍ୟବସ୍ଥା କରାଯାଇଛି ଏବଂ ମେଡିକାଲ୍ କଲେଜମାନଙ୍କପାଇଁ ଯେପରି ନିରବଚ୍ଛିନ୍ନ ଭାବରେ ବିଶେଷଜ୍ଞ ଓ ଶିକ୍ଷକ ନିଶ୍ଚିତ ରୂପେ ଯୋଗାଇ ଦିଆଯାଏ, ତତ୍‌ପ୍ରତି ବିଶେଷ ଧ୍ୟାନ



ଦିଆଯାଉଛି । ବାଣୀବିହାର, ବ୍ରହ୍ମପୁର
ଠାରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ
ଭୁବନେଶ୍ୱରଠାରେ ଥିବା କୃଷି
ବିଶ୍ୱବିଦ୍ୟାଳୟକୁ ମଧ୍ୟ ସଂପ୍ରସ୍ତ
କରାଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ,
ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱ
ସାହାଯ୍ୟକଳ୍ପେ ରାଜ୍ୟ ସରକାରଙ୍କ ଗ୍ରାଣ୍ଟ
ଯଥାକ୍ରମେ ୩୫ ଲକ୍ଷ ଟଙ୍କା, ୧୫ ଲକ୍ଷ ଟଙ୍କା
ଲକ୍ଷ ଟଙ୍କାକୁ, ଅର୍ଥାତ୍ ସର୍ବମୋଟ ୫୬ ଲକ୍ଷ
ବିଶେଷ ଭାବେ ବୃଦ୍ଧି କରାଯାଇଛି ।

ଚିକିତ୍ସା ସୁବିଧାର ସଂପ୍ରସାରଣ ମଧ୍ୟ
ଯୋଗ୍ୟ ହୋଇପାରିଛି । ରାଜ୍ୟରେ ଡା
ଗୁଡ଼ିକର ସଂଖ୍ୟା ୧୯୬୫-୬୬ ଶେଷରେ
୧୯୬୮-୬୯ ମଧ୍ୟରେ ୮୫୫କୁ ବୃଦ୍ଧି
ସେହି ସମୟ ମଧ୍ୟରେ ବିଭିନ୍ନ ହାସ
ଡାକ୍ତରଖାନା ଶଯ୍ୟାଗୁଡ଼ିକର ସଂଖ୍ୟା
୭,୭୫୧କୁ ବୃଦ୍ଧି ପାଇଛି । ସେହିପରି
ମାନଙ୍କ ସଂଖ୍ୟା ମଧ୍ୟ ୧୯୬୫-୬୬
୨,୧୦୦ ଥିବା ସ୍ଥଳେ ଯଥେଷ୍ଟ ବୃ
୧୯୬୮-୬୯ ମଧ୍ୟରେ ୨,୮୪୯
ମ୍ୟାଲେରିଆ ନିରାକରଣପାଇଁ ଜୋରଦାର
କରାଯାଇଥିବାରୁ ରୋଗର ପ୍ରାଦୁର୍ଭାବ
ଯୋଗ୍ୟ ଭାବରେ ହ୍ରାସ ପାଇଛି ଏବଂ
ଯକ୍ଷ୍ମା ଓ କୁଷ୍ଠଭଳି ଅନ୍ୟାନ୍ୟ ସଂକ୍ରାମକ
ନିରାକରଣ ଦିଗରେ ଯଥେଷ୍ଟ ଅଗ୍ରଗତି
୩୦୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା
ଏବଂ ବାରିପଦା ଓ କୋରାପୁଟଠାରେ ଥି
ସଦର ହାସପାତାଳ ତଥା ଭୁବନେଶ୍ୱ
ହାସପାତାଳରେ ମଧ୍ୟ ବିଶେଷଜ୍ଞ ସେବାର
କରାଯାଇଛି । ଭବାନୀପାଟଣାଠାରେ ଶଯ୍ୟା
ଗୋଟିଏ ହାସପାତାଳ ସ୍ଥାପିତ ହୋଇଛି ।

ପରିବାର ଯୋଜନା କାର୍ଯ୍ୟକ୍ରମ ଏ ରାଜ୍ୟରେ ଯଥେଷ୍ଟ ଅଗ୍ରଗତି କରିଛି ଏବଂ ସୁଖର ବିଷୟ ଏହି ଯେ ଜନ୍ମନିରୋଧ ଅସ୍ତ୍ରୋପଚାର ଏବଂ ପାରମ୍ପରିକ ଗର୍ଭନିରୋଧ ଉପକରଣ ବଣ୍ଟନ ଦିଗରେ ଏ ରାଜ୍ୟର କୃତିତ୍ୱ ଯଥେଷ୍ଟ ସନ୍ତୋଷଜନକ ବୋଲି ବିବେଚନା କରାଯାଇଛି । ପରିବାର ଯୋଜନା କାର୍ଯ୍ୟକ୍ରମକୁ ଆହୁରି ଜୋର-ସୋରରେ ଚାଲୁ ରଖିବାପାଇଁ ପ୍ରସ୍ତାବ ରହିଛି ।

## କର୍ମ ସଂସ୍ଥାନ

ଶିଳ୍ପକ୍ଷେତ୍ରରେ ପଶ୍ଚାଦ୍‌ଗତ ହେତୁ ଏରାଜ୍ୟ ତଥା ଦେଶର ଅନ୍ୟାନ୍ୟ ରାଜ୍ୟମାନଙ୍କରେ ବେକାର ଅବସ୍ଥା ଆହୁରି ଖରାପ ଆଡ଼କୁ ଗତି କରିଛି । ବୈଷୟିକ ଓ ସାଧାରଣ କ୍ଷେତ୍ରରେ ବେକାରମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ସରକାର ଏକ ରାଜ୍ୟ ସ୍ତରୀୟ କର୍ମସଂସ୍ଥାନ କମିଟି ଗଠନ କରିଛନ୍ତି । ଏହି କମିଟିରେ ସରକାରୀ ପ୍ରତିନିଧି, ବିଧାନ ସଭା ସଦସ୍ୟ, ଶିଳ୍ପପ୍ରତିଷ୍ଠାନର ପ୍ରତିନିଧି ଓ ଶ୍ରମିକ ପ୍ରତିନିଧି ସ୍ଥାନ ପାଇଛନ୍ତି । ଅଳ୍ପଦିନ ତଳେ ଏହି କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଆଲୋଚନା ପ୍ରସଙ୍ଗରେ ଏଠାରେ ଆଗତ ହୋଇଥିବା ବିଭିନ୍ନ ପ୍ରସ୍ତାବ ସାବଧାନତା ସହକାରେ ପରୀକ୍ଷା କରାଯାଉଛି ।

ରାଉରକେଲା ନିକଟରେ "ଇଣ୍ଡିଆନ୍ ଡେଟୋନେଟର୍ସ ଲିମିଟେଡ୍'ର ପ୍ରତିଷ୍ଠା ତଥା ଶିଳ୍ପ ଉନ୍ନୟନ କର୍ପୋରେସନର ଯୋଜନାଗୁଡ଼ିକ ଏବଂ ଖଣିଜ ଉନ୍ନୟନର ପରିକଳ୍ପନାଗୁଡ଼ିକ ପୂର୍ଣ୍ଣଦମ୍‌ରେ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ କର୍ମସଂସ୍ଥାନ ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ଘଟିବ ବୋଲି ଆଶାକରାଯାଉଛି । ଆଉ ମଧ୍ୟ କେନ୍ଦ୍ରପତି କଣାଳ-ମାନେ ଯଦି ରାଜ୍ୟରେ ବଡ଼ କାରଖାନା ବସାନ୍ତି ତେବେ ସେମାନଙ୍କୁ ଶତକଡ଼ା ଦୁଇ ଭାଗ ରିହାତି ଦେବାପାଇଁ ସରକାର ସ୍ଥିର କରିଛନ୍ତି । ଏଭଳି କାରଖାନାମାନ ସ୍ଥାପିତ ହୋଇଗଲେ ସ୍ଥାନୀୟ ଲୋକମାନଙ୍କ ପାଇଁ ଅଧିକ କର୍ମସଂସ୍ଥାନର ସୁବିଧା ମିଳିବ । ଶିଳ୍ପଗତ ପ୍ରସ୍ତାବ ପରିପ୍ରେକ୍ଷୀରେ ରାଜ୍ୟ ସରକାର ଯେଉଁ ଉଦ୍ୟମ ଚଳାଇଛନ୍ତି, ତାହାଫଳରେ ଆହୁରି ଅଧିକ ବେସରକାରୀ ଶିଳ୍ପପତି ଏଥିପ୍ରତି ଆକୃଷ୍ଟ ହେବାର ସମ୍ଭାବନା ମଧ୍ୟ ରହିଛି । ତେଣୁ ମୁଁ ଆଶାକରୁଛି ଯେ ନିକଟ ଭବିଷ୍ୟତରେ ଅବସ୍ଥା ସୁଧୁରିଯିବ ।

## ଆଦିବାସୀ ଓ ଗ୍ରାମମଙ୍ଗଳ

ଏ ରାଜ୍ୟରେ ବହୁ ସଂଖ୍ୟାରେ ତପସିଲଭୁକ୍ତ ସଂପ୍ରଦାୟ ଓ ତପସିଲଭୁକ୍ତ ଜାତିର ଲୋକ ରହିଛନ୍ତି । ତେଣୁ ସମ୍ବିଧାନର ନିର୍ଦ୍ଦେଶାତ୍ମକ ନୀତି ଅନୁଯାୟୀ ସେମାନଙ୍କ କଲ୍ୟାଣ ସାଧନ ଦିଗରେ ସରକାରଙ୍କର ବିଶେଷ ଦାୟିତ୍ୱ ରହିଛି । ଏହି ଉଦ୍ଦେଶ୍ୟରେ ଯୋଜନାର ରାଜ୍ୟ ଓ କେନ୍ଦ୍ରୀୟ ଉଭୟ କ୍ଷେତ୍ରରେ ପ୍ରାୟ ଦୁଇ କୋଟି ଟଙ୍କାର ବ୍ୟବସ୍ଥା ରଖାଯାଉଛି । ୧୯୬୮-୬୯ ମସିହାରେ ୨ଟି ଆଶ୍ରମ ସ୍କୁଲ ଓ ୧୦ଟି ଛାତ୍ରାବାସ ପ୍ରତିଷ୍ଠା କରାଯାଇଥିଲା । ୧୯୬୯-୭୦ରେ ୩ଟି ନୂଆ ଆଶ୍ରମ ସ୍କୁଲ, ୫ଟି ଉନ୍ନୀତ ସେବାଶ୍ରମ, କେତେକ ଆବାସୀ ସେବାଶ୍ରମ, ବାଳକମାନଙ୍କପାଇଁ ୪ଟି ଛାତ୍ରାବାସ ଓ ବାଳିକାମାନଙ୍କ ପାଇଁ ୫ଟି ଛାତ୍ରୀନିବାସ ସକାଶେ ବ୍ୟବସ୍ଥା ରହିଛି । ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟରେ ତପସିଲଭୁକ୍ତ ଜାତିର ଲୋକଙ୍କ ପାଇଁ ପାନୀୟଜଳ ଯୋଜନା ଓ ଗୃହ ନିର୍ମାଣ ସକାଶେ ବ୍ୟବସ୍ଥା କରାଯାଇଛି । ଆଦିବାସୀ ଉନ୍ନୟନ ବ୍ଲକମାନଙ୍କରେ କ୍ରୟ ବିକ୍ରୟ ଓ ନ୍ୟାଯ୍ୟ ମୂଲ୍ୟ ଦୋକାନ ପରିକଳ୍ପନା ପୂର୍ବଭଳି ଚାଲୁ ରହିବ ।

## ଦୁର୍ନୀତି ନିବାରଣ

ଉନ୍ନୟନ ସହିତ ସଂପୃକ୍ତ ନଥିବା ସରକାରୀ କାର୍ଯ୍ୟକଳାପ ସମ୍ବନ୍ଧରେ ଉଲ୍ଲେଖ କରିବାକୁ ଯାଇ

ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ୀଭୂତ କରିବା ଉଦ୍ଦେଶ୍ୟରେ ବ୍ୟୟ ସଂକୋଚ ଦିଗରେ ରାଜ୍ୟ ସରକାରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି । ଏ ଦିଗରେ କି କି ଉପାୟ ଅବଲମ୍ବନ କରାଯିବା ସମ୍ଭବ ତାହା ଅନୁସନ୍ଧାନ କରି ଦେଖିବା ପାଇଁ ଏହି ସରକାର ବରାବର ଉଦ୍ୟମ କରି ଆସୁଛନ୍ତି ।

ଆଞ୍ଚଳିକ ଅସମାନତା ଦୂରୀକରଣ ନିମନ୍ତେ ନିକଟରେ ବିଶେଷ ବିଚାର-ଆଲୋଚନା ହୋଇପାରିଛି । ସୁଖର ବିଷୟ, ଜାତୀୟ ସଂହତି ପରିଷଦ ମଧ୍ୟ ଏହିଭଳି ପରାମର୍ଶ ଦେଇଛନ୍ତି । ଯାହାହେଉ, ଏ ଦିଗରେ ବିଭିନ୍ନ ସ୍ତରରେ ସାର୍ଥକ ପ୍ରଚେଷ୍ଟା କରିବାକୁ ହେବ । ଆମର ପ୍ରଚଳିତ ସଂଘୀୟ ଅର୍ଥ ବ୍ୟବସ୍ଥା ଓ ଯୋଜନା ପ୍ରଣୟନ ପଦ୍ଧତିର ଗୋଟିଏ ଆପାତବିରୋଧୀ ସତ୍ୟ ଏହି ଯେ ରାଜସ୍ୱ ଏକାଉଣ୍ଟରେ ବଳକା ଥିବା ସମୃଦ୍ଧ ରାଜ୍ୟମାନେ ଯୋଜନା ଖର୍ଚ୍ଚରେ ଅର୍ଥ ବିନିଯୋଗ କରିବା ପାଇଁ ଅପେକ୍ଷାକୃତ ଅଧିକ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କରିପାରୁଥିବା ସ୍ଥଳେ, ଓଡ଼ିଶା ଭଳି ଆର୍ଥିକ ଦୃଷ୍ଟିରୁ ଦୁର୍ବଳତର ରାଜ୍ୟମାନଙ୍କ ପକ୍ଷରେ ସମ୍ବଳ ସଂଗ୍ରହର ପରିସର ଅତ୍ୟନ୍ତ ସୀମିତ । ଆଭ୍ୟନ୍ତରୀଣ ସୂତ୍ରମାନଙ୍କରୁ ରାଜସ୍ୱ ସଂଗ୍ରହ କରିବାର ଅଧିକ କ୍ଷମତା ଥିବା ସମୃଦ୍ଧ ରାଜ୍ୟମାନେ ବଡ଼ଧରଣର ଉନ୍ନୟନ କାର୍ଯ୍ୟକ୍ରମମାନ ଆରମ୍ଭ କରିବାପାଇଁ ଅଧିକ ଅନୁକୂଳ ଅବସ୍ଥାରେ ଥିବା ସ୍ଥଳେ, ଯେଉଁସବୁ ଦରିଦ୍ରତର ରାଜ୍ୟମାନଙ୍କ ପକ୍ଷେ ଦ୍ରୁତତର ଗତିରେ ଉନ୍ନୟନ ସାଧିତ ହେବା ଖୁବ୍ ବେଶି ଆବଶ୍ୟକ, ସେମାନେ ସୀମିତ ସମ୍ବଳଯୋଗୁଁ କ୍ଷୁଦ୍ରତର ଯୋଜନା କରିବାକୁ ସର୍ବଦା ବାଧ୍ୟ ହୁଅନ୍ତି । କାରଣ ସେମାନେ ପର୍ଯ୍ୟାପ୍ତ ପରିମାଣରେ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କରିବାକୁ ଅକ୍ଷମ । ଏପରି ହେବା ଯଥାର୍ଥ ନୁହେଁ । ଏ ସବୁ କଥା ଦୁର୍ଭାଗ୍ୟଜନକ ଏବଂ ସଂଘୀୟ ଅର୍ଥ ବଣ୍ଟନ ଓ ଯୋଜନା ପ୍ରଣୟନରେ ଏ ସବୁ ବ୍ୟବସ୍ଥା ଅନିଚ୍ଛାକୃତ ବୋଲି ମୋର ବିଶ୍ୱାସ । ସଂଘୀୟ ଶାସନ ବ୍ୟବସ୍ଥାରେ ଦୁର୍ବଳତର ରାଜ୍ୟମାନଙ୍କ ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ପାଇଁ ସରକାରଙ୍କର ବିଶେଷ ଦାୟିତ୍ୱ ଓ କର୍ତ୍ତବ୍ୟ ତାହା ନ ହୋଇଥିଲେ ଦେଶର ଅଖଣ୍ଡତା ପଡ଼ନ୍ତା । ସଂଘୀୟ ଅର୍ଥ ବ୍ୟବସ୍ଥାର ଏହି ସବୁ ଆମ୍ଭେମାନେ ବରାବର ଭାରତ ସରକାର, କମିଶନ ଓ ଅର୍ଥ କମିଶନଙ୍କର ହୃଦ୍‌ବୋଧ ପାଇଁ ଚେଷ୍ଟାକରି ଆସୁଛୁ । ଜାତୀୟ ଅର୍ଥନୀତିର ଆଞ୍ଚଳିକ ବିକାଶ ଘଟାଇବା ଉଦ୍ଦେଶ୍ୟରେ ଓଡ଼ିଶା ଅନୁନ୍ନତ ରାଜ୍ୟମାନଙ୍କ ପାଇଁ ଗୋଟିଏ ଆଭିମୁଖ୍ୟ ଉଦ୍ଭାବନ କରିବା ନିମନ୍ତେ ଆମେ କମିଶନଙ୍କୁ ଅନୁରୋଧ କରିଛୁ ବୋଲି ମୁଁ ଏଠି ଉଲ୍ଲେଖ କରୁଛି ।

କିନ୍ତୁ ଆମେ କେବଳ କେନ୍ଦ୍ର ସରକାର ପରିବର୍ତ୍ତନଶୀଳ ବଦାନ୍ୟତା ଉପରେ ନିର୍ଭର କରି ନାହିଁ । ସର୍ବାଧିକ ପରିମାଣର ଆଭ୍ୟନ୍ତରୀଣ ସଂଗ୍ରହର ସମ୍ଭାବ୍ୟ ପନ୍ଥା ଆମକୁ ଖୋଜି କରିବାକୁ ହେବ । ତାହାହେଲେ ଉନ୍ନୟନ ତଥା କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକୁ ଯଥେଷ୍ଟ ଅର୍ଥ ଯୋଗା ଦିଗରେ କେନ୍ଦ୍ରୀୟ ସାହାଯ୍ୟକୁ ଅପେକ୍ଷା ଅବସ୍ଥାରେ ଆମେ ରହିପାରିବୁ । ମୁଁ ପୂର୍ବରୁ କହିଛି ଚତୁର୍ଥ ଯୋଜନା କାଳ ମଧ୍ୟରେ ଅତିରିକ୍ତ ସମ୍ବଳ ୩୫ କୋଟି ଟଙ୍କା ସଂଗ୍ରହ କରିବା ଲାଗି ରାଜ୍ୟ ସର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏଥି ମଧ୍ୟରୁ ୧୯୬୯-୭ ୨·୭୫ କୋଟି ଟଙ୍କା ସଂଗ୍ରହ କରାଯିବାର ରହିଛି । ଆମ ରାଜ୍ୟ ଭଳି ଏକ ଅନୁନ୍ନତ ପକ୍ଷରେ ୩୫ କୋଟି ଟଙ୍କା ସଂଗ୍ରହର ଏକ କେତେକ ପରିମାଣରେ ଅତ୍ୟଧିକ ବୋଲି ମନେ କାରଣ ଆମର ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ତପସିଲଭୁକ୍ତ ଜାତି ଓ ତପସିଲଭୁକ୍ତ ସଂପ୍ରଦାୟ ଲୋକ—ଏମାନଙ୍କର ଦାରିଦ୍ର୍ୟ ଏକ

ଥା ଓ ହିତପ ଦେବା କ୍ଷମତା ସେଉଁମାନଙ୍କର , ର୍ଦ୍ଧ କହିଲେ ଚଳେ । ପ୍ରଶାସନିକ ଖର୍ଚ୍ଚରେ ମିତବ୍ୟୟିତା ଆଣିବା ଓ ଦେଶର ଅନ୍ୟତମ ରାଜ୍ୟ-ମାନଙ୍କ ସହିତ କେତେକ ପରିମାଣରେ ସମସ୍ତର ହେବା ପାଇଁ ଆମେ ସେପରି ଉନ୍ନୟନ ଓ ଜନକଲ୍ୟାଣର ସମସ୍ତ କାର୍ଯ୍ୟକ୍ରମ ହାତକୁ ନେଇ ପାରିବୁ, ସେଥି ନିମନ୍ତେ ଯୋଜନା ପାଇଁ ସମ୍ବଳ ବୃଦ୍ଧି କରିବା କାର୍ଯ୍ୟରେ ମୁଁ ଏ ଗୃହର ସହଯୋଗ କାମନା କରୁଛି । ଓଡ଼ିଶା ବହୁକାଳ ହେଲା ଅନିଚ୍ଛାକୃତ ଅନୁନ୍ନତିର ଯନ୍ତ୍ରଣା ଭୋଗି ଆସିଛି । ଏବେ ଦାରିଦ୍ର୍ୟ ଓ ସ୍ଥାଣୁତ୍ୱ ଅତିକ୍ରମ କରିବା ପାଇଁ, ଆସନ୍ତୁ, ଆମ୍ଭେମାନେ ଏକ ଦୃଢ଼ ପଦକ୍ଷେପ ନେବା ।

## ରାଜ୍ୟର ଋଣ ପରିସ୍ଥିତି

(ଲକ୍ଷ ଟଙ୍କା ହିସାବରେ)

| ଋଣ ବିବରଣୀ | ୧୯୬୮ ଅପ୍ରେଲ ପହିଲାରେ ବକେୟା ଋଣ | ୧୯୬୯ ଅପ୍ରେଲ ପହିଲାରେ ବକେୟା ଅଟକଳ | ୧୯୭୦ ଅପ୍ରେଲ ପହିଲାରେ ବକେୟା ଅଟକଳ |
|---|---|---|---|
| ୧ । ଖୋଲା ବଜାରରୁ ଋଣ | ୫୫,୯୬·୧୪ | ୫୭,୮୧·୭୯ | ୫୮,୯୧·୦୧ |
| ୨ । ଋଣ ଉଠାଣ ( ଫ୍ଲୋଟିଂ ଡେଟ୍ ) । | ୯,୦୦·୪୭ | ୨,୭୦·୦୦ | ୨,୭୦·୦୦ |
| ୩ । କେନ୍ଦ୍ରସରକାରଙ୍କ ଠାରୁ ଋଣ । | ୩,୨୨,୬୭·୫୨ | ୩,୪୭,୧୬·୪୦ | ୩,୪୬,୦୬·୨୧ |
| ୪ । ଭାରତର ରିଜର୍ଭ ବ୍ୟାଙ୍କରୁ ଋଣ । | ୧,୧୯·୫୪ | ୧,୩୨·୩୯ | ୧,୩୮·୭୪ |
| ୫ । ଭାରତ ଜୀବନବୀମା କର୍ପୋରେସନରୁ ଋଣ । | ୬,୪୩·୯୦ | ୭,୪୫·୬୯ | ୮,୨୧·୯୯ |
| ୬ । ଜାତୀୟ ସମବାୟ ବିକାଶ କର୍ପୋରେସନରୁ ଋଣ । | ୧,୮୫·୭୫ | ୧,୮୭·୩୭ | ୨,୩୩·୦୯ |
| ୭ । ଏମ୍. ଏମ୍. ଟି. କର୍ପୋରେସନରୁ ଋଣ । | ୧୪·୦୦ | ୧୭·୬୭ | ୧୭·୬୭ |
| ୮ । ଭାରତର ଖଦି ଓ ଗ୍ରାମୋଦ୍ୟୋଗ କମିସନଙ୍କ ଠାରୁ ଋଣ । | .. | ୧୨·୦୦ | ୨୯·୦୦ |
| ମୋଟ .. | ୩,୯୭,୨୭·୩୧ | ୪,୧୮,୬୩·୩୦ | ୪,୧୯,୮୭·୭୦ |

ଜାତୀୟ କବି ବୀରକିଶୋର

# ସେବକ ଈଶ୍ୱରଲାଲ ଭାଇଙ୍କ ବିଦାୟ ଉପଲକ୍ଷେ

ବୁଢ଼ିଗଲା ଚେତା
କଏ ସେ କହିବ

ମାଆ ମାଟି ଛାଡ଼ି
କାହିଁ କାହିଁ କହି

କେତେ ଜାତି ଅରି
ଲୋକ ନାହିଁ ଭଲ

ସ୍ନେହ ଶିକୁଳିରେ
ଦୂର ଅଜାଣର

ଆମ ଚଲା ବାଟେ
ଖସ ଭରା ଦେଖି

କଣ୍ଟା ବଣକଣ୍ଟା
ଶୁଖିଲୁ ବଦନ
ବୁଢ଼ିଗଲା ଚେତା
କଏ ସେ କହିବ

ଉଡ଼ିଲ କାଗଡ଼ା
କେଉଁଆଡ଼େ ଗଲ
ଆସିଥିଲ କେଉଁ ଦେଶରେ
ଫେରିଲ କପରି ଶେଷରେ

ମାଟି କୋଳେ ପଡ଼ି
ଡାକିଲ କାହାରେ
ମନେ ମନେ ହେଲା ଗୁନିଆ
ଦେଖିଲା ଜଗଇ ଦୁନିଆ

ଜନ୍ମିଛ ଏଠାରେ
ସବୁଠାରୁ ବଡ଼
ଦେଇ ଚାଖୁ ଖଣ୍ଡ କ୍ଷୀର
କଲୁ ଆମେ ଆପଣାର

ଛାଡିଲୁଁ ତାହାକୁ
କଥା ଭୁଲିଗଲା
ପଢ଼ାଇଲୁ ପାଠ ଆମରି
ପଢ଼ାଇଲୁ ପାଣ ଦୋହରି

ଚଳାଇଲୁ ତାକୁ
ନିତି ଆମ ଲାଗି
ମେଣ୍ଟାଇବା ଲାଗି ଗରଜ
ବରିଥିଲା କେତେ କରଜ

ସବୁ ଶୁଝି ଦେଲା
ଶିରୋଧାର୍ଯ୍ୟ କଲା
ଉଡ଼ିଲା କାଗଡ଼ା
କଥାଁ ଆସିଥିଲା

ପଞ୍ଜୁରୀ ଭାଙ୍ଗିଲା ପକ୍ଷୀକି
ଖୋଲିଦେଇ ମୁଦା ଖିଡ଼କି

ଆଧାର ଖାଇବା ପାଇଁକି
ନୂଆ ଆକାଶକୁ ଖୋଜିଁକି ।

ଜଳାଇ ଜୀବ ସାଥିଙ୍କି
ପାଉଁଶ କରାଇ ପୃଥ୍ୱୀକି ।

ଆମ ନିଜ ଶାନ୍ତି ଲୋଡ଼ିକି
ଆମରି ପାପରେ ପଡ଼ିକି

ନ କହିଲା ତମା ମଲ୍ଲିକି
ଥକିଗଲା ବୁଲି ବୁଲିକି ।

ପ୍ରତି ରକ୍ତ ବିନ୍ଦୁ ଢ଼ାଳିକି
ଅକ୍ଷରେ ଅକ୍ଷରେ ପାଳିକି ।
ପଞ୍ଜୁରୀ ଭାଙ୍ଗିଲା ପକ୍ଷୀକି
ଗଲା ଆମ ସାଙ୍ଗ ଛାଡ଼ିକି ।

# ଓଡ଼ିଶାରେ ହରିଜନ କଲ୍ୟାଣ କାର୍ଯ୍ୟକ୍ରମ

୬୦,୧୭୧·୭୯ ବର୍ଗମାଇଲ କ୍ଷେତ୍ରଫଳ ବିଶିଷ୍ଟ ଓଡ଼ିଶାର ସମୁଦାୟ ଲୋକସଂଖ୍ୟା ୧୭,୫୪୮,୮୪୬ ମଧ୍ୟରୁ କେବଳ ହରିଜନମାନଙ୍କର ସଂଖ୍ୟା ୨,୭୬୩,୮୫୮ । ଏଣୁ ପ୍ରତି ବର୍ଗ ମାଇଲରେ ହାରାହାରି ୪୬ଜଣ ହରିଜନ ବାସ କରନ୍ତି । ଓଡ଼ିଶା ବ୍ୟତୀତ ଆଉ କମ୍ ରାଜ୍ୟରେ ସମୁଦାୟ ଲୋକ ସଂଖ୍ୟାର ଶତକଡ଼ା ୧୫·୭୫ ଭାଗ ଏହି ସଂପ୍ରଦାୟର ଲୋକ ବାସ କରନ୍ତି । ପ୍ରାୟ ପ୍ରତ୍ୟେକ ଗ୍ରାମରେ ମଧ୍ୟ ଏହି ଜାତିର ଲୋକେ ବାସ କରୁଥିବାର ଦେଖାଯାଏ । ଆଦିବାସୀମାନେ କେବଳ ଓଡ଼ିଶାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖାଯାନ୍ତି କିନ୍ତୁ ହରିଜନମାନେ ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ସବର୍ଣ୍ଣ ହିନ୍ଦୁ ପଡ଼ୋଶୀମାନଙ୍କ ସହିତ ବାସ କରନ୍ତି । ଗତ ବହୁ ଶତାବ୍ଦୀଧରି ନାନା ପ୍ରକାର ସାମାଜିକ ଅକ୍ଷମତା ହେତୁ ସେମାନେ ଅବହେଳିତ ହୋଇଥିବାରୁ ଘୃଣ୍ୟ ଓ ଅସ୍ପୃଶ୍ୟ ହୋଇ ରହିଛନ୍ତି । ସ୍ୱାଧୀନତା ପୂର୍ବରୁ ସେମାନେ ଯଥେଷ୍ଟ ଶିକ୍ଷାଗତ ସୁବିଧା ପାଇ ନଥିବାହେତୁ ବହୁ ମାତ[illegible]ରେ ଲିପ୍ତ ରହିଥିଲେ । କିନ୍ତୁ କାଳକ୍ରମେ ନୂତନ ଆର୍ଥିକ ବିକାଶ ନିମିତ୍ତ ସମାଜର ପ୍ରତ୍ୟେକ ସମ୍ପ୍ରଦାୟ ଏକାଦିକ୍ରମେ ଉନ୍ନତ ହେବା ଉଚିତ ବୋଲି ଅନୁଭୂତ ହେଲା । ସେଥି ସକାଶେ ହରିଜନମାନଙ୍କର ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ଅଗ୍ରଗତି ଉପରେ ବିଶେଷ ପ୍ରାଧାନ୍ୟ ଦିଆଯାଇଥିଲା । ସମ୍ବିଧାନରେ ବର୍ଣ୍ଣିତ ୪୬ ଧାରାରେ ଥିବା ସୁବିଧା ସୁଯୋଗକୁ ପରିପୂରଣ କରିବା ପାଇଁ ରାଜ୍ୟ ସରକାର ସେମାନଙ୍କର ମଙ୍ଗଳବୃଦ୍ଧି ନିମିତ୍ତ ସ୍ୱତନ୍ତ୍ର ପଦକ୍ଷେପମାନ ନେଇଛନ୍ତି । ସାମାଜିକ, ଶିକ୍ଷା ଓ ଆର୍ଥିକକ୍ଷେତ୍ରରେ ସେମାନଙ୍କର ସ୍ୱାର୍ଥର ସୁରକ୍ଷା ନିମନ୍ତେ ଯେଉଁ ସୁବିଧା ସୁଯୋଗ ଦିଆଯାଇଛି ଏବଂ ଅସ୍ପୃଶ୍ୟତା ଦୂରୀକରଣ ପାଇଁ ଯେଉଁ ସ୍ୱତନ୍ତ୍ର ପଦକ୍ଷେପମାନ ନିଆଯାଉଛି ସେଗୁଡ଼ିକ ନିମ୍ନଲିଖିତ ଅନୁଚ୍ଛେଦମାନଙ୍କରେ ପ୍ରଦତ୍ତ ହେଲା ।

## ଶିକ୍ଷାଗତ ସୁବିଧା

ପ୍ରାଥମିକ ବିଦ୍ୟାଳୟ ସ୍ତର—ପ୍ରଥମଠାରୁ ତୃତୀୟ ପର୍ଯ୍ୟନ୍ତ ଶ୍ରେଣୀମାନଙ୍କରେ, ପଢ଼ୁଥିବା ସମସ୍ତ ହରିଜନ ଛାତ୍ର ଓ ଛାତ୍ରୀମାନଙ୍କୁ ଜାତୀୟକରଣ ପାଠ୍ୟ ପୁସ୍ତକ, ସ୍ଲେଟ୍, ପେନସିଲ, କାଗଜ, ରବର, କଲମ, ଡ୍ରଇଁ ଖାତା, ଏକ୍ସରସାଇଜ୍ ଖାତା ପ୍ରଭୃତି ପାଠ୍ୟ ଉପକରଣମାନ ଯୋଗାଇ ଦିଆଯାଏ ।

ଚତୁର୍ଥ ଓ ପଞ୍ଚମ ଶ୍ରେଣୀରେ ପଢ଼ୁଥିବା ଏହି ସଂପ୍ରଦାୟର ଛାତ୍ରମାନେ ଯଦି ଛାତ୍ରାବାସରେ ରହୁଥାଆନ୍ତି ତାହେଲେ ସେମାନଙ୍କୁ ପ୍ରତ୍ୟେକଙ୍କୁ ମାସିକ ଟ୨୦୯ ହାରରେ ବୃତ୍ତି ଦିଆଯାଏ । କିନ୍ତୁ ଏହି ଶ୍ରେଣୀରେ ପଢ଼ୁଥିବା ବିଦାଧାୟୀ ପ୍ରତ୍ୟେକ ଛାତ୍ରକୁ

ପୁସ୍ତକ ଓ ପାଠୋପକରଣ କିଣିବା ପାଇଁ ଏକକାଳୀନ ଟ୧୧୯ ଲେଖାଏଁ ମିଳିଥାଏ। ଏ ସୁବିଧା କେବଳ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ଦିଆଯିବାର ବ୍ୟବସ୍ଥା ଥିଲେ ମଧ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ବୃତ୍ତିର ପରିମାଣ ଉପରେ ନିର୍ଭର କରେ।

ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ତର—ସର୍ବୋଚ୍ଚ ଉଚ୍ଚ ପ୍ରାଥମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ହରିଜନ ଛାତ୍ର ବୃତ୍ତି ପାଇବାକୁ ବିବେଚିତ ହୋଇଥାଆନ୍ତି ତଥାପି ଏହାର ବଣ୍ଟନ ପ୍ରତି ଜିଲ୍ଲାପାଇଁ ନିର୍ଦ୍ଧାରିତ ହୋଇଥିବା ବୃତ୍ତିର ପରିମାଣ ଉପରେ ନିର୍ଭର କରେ। ଗୋଟିଏ ଜିଲ୍ଲା ଏଥିପାଇଁ ଗୋଟିଏ ଇଉନିଟ୍‌ରୂପେ ନିଆଯାଏ ଓ ଛାତ୍ରମାନଙ୍କୁ ସେମାନଙ୍କର କୃତିତ୍ୱ ଅନୁସାରେ ବୃତ୍ତି ମଞ୍ଜୁର କରାଯାଏ। ଛାତ୍ରାବାସରେ ରହି ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ତରରେ ପଢ଼ୁଥିବା ଛାତ୍ରମାନଙ୍କୁ ମାସିକ ଟ୨୦୯ ହାରରେ ବୃତ୍ତି ଏବଂ ଦିବାଧାୟୀ ଛାତ୍ରମାନଙ୍କୁ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ପାଠୋପକରଣ କିଣିବା ପାଇଁ ପ୍ରତ୍ୟେକଙ୍କୁ ଏକକାଳୀନ ଦଶ ମାସ ପାଇଁ ଟ୪୦୯ ଦିଆଯାଏ।

ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ତର—ମଧ୍ୟ ଇଂରାଜୀ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ହରିଜନ ଛାତ୍ରଛାତ୍ରୀଙ୍କୁ ଛାତ୍ରାବାସରେ ରହୁଥିଲେ ମାସକୁ ଟ୨୩୯ ହାରରେ ବୃତ୍ତି ଦିଆଯାଏ। କିନ୍ତୁ ଦିବାଧାୟୀ ଛାତ୍ରମାନଙ୍କୁ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ପାଠୋପକରଣ କ୍ରୟ କରିବାପାଇଁ ଏକକାଳୀନ ଦଶମାସ ସକାଶେ ପ୍ରତ୍ୟେକଙ୍କୁ ଟ୫୦୯ କରି ଦିଆଯାଏ।

ମାଟ୍ରିକ ପରବର୍ତ୍ତୀ ସ୍ତର—ସାଧାରଣ କଲେଜ ଓ କୃଷି, ପଶୁଚିକିତ୍ସା, ଡାକ୍ତରୀ ଚିକିତ୍ସା, ଇଞ୍ଜିନିୟରିଂ ପ୍ରଭୃତି ବୈଷୟିକ କଲେଜରେ ପଢ଼ୁଥିବା ହରିଜନ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ ପରବର୍ତ୍ତୀ ବୃତ୍ତି ଦିଆଯାଏ। ଭିନ୍ନ ଭିନ୍ନ ବିଷୟ ପାଇଁ ଭିନ୍ନ ଭିନ୍ନ ବୃତ୍ତିହାର ସ୍ଥିର କରାଯାଇଛି। ବହୁ ସଂଖ୍ୟକ ଆବେଦନପତ୍ର ଓ ଅର୍ଥର ସ୍ୱଳ୍ପତା ହେତୁ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗରେ କେଉଁ ଛାତ୍ରମାନଙ୍କୁ ବୃତ୍ତି ମଞ୍ଜୁର କରାଯିବ ତାହା ସ୍ଥିର କରାଯାଏ। ମାଟ୍ରିକ ପରବର୍ତ୍ତୀ ବୃତ୍ତି ବଣ୍ଟନ ପାଇଁ ପ୍ରଣୟନ ହୋଇଥିବା ନିୟମାବଳୀ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ସ୍ୱତନ୍ତ୍ର ପଦାଧିକାରୀ ତଥା ଅନୁଶାସନ ସଚିବଙ୍କ ନିକଟରେ ମିଳିଥାଏ।

ପରୀକ୍ଷା ଫିସ—ବାର୍ଷିକ ଉଚ୍ଚ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବାପାଇଁ ପ୍ରତି ହରିଜନ ଛାତ୍ରକୁ ପରୀକ୍ଷା ଫିସ୍ ବାବଦରେ ଟ୫୨୩.୫୦ ଦିଆଯାଉଛି। କିନ୍ତୁ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାପାଇଁ ପ୍ରତି ଛାତ୍ରକୁ ଟ୩୨.୫୦ ଦିଆଯାଉଛି।

ପ୍ରାଥମିକ ବିଦ୍ୟାଳୟ—ହରିଜନ ସଂପ୍ରଦାୟ ମଧ୍ୟରେ ପ୍ରାଥମିକ ଶିକ୍ଷାର ଆଶୁ ପ୍ରସାର ପାଇଁ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ତରଫରୁ ସେବାଶ୍ରମ ନାମରେ ସ୍ୱତନ୍ତ୍ର ଧରଣର ପ୍ରାଥମିକ ବିଦ୍ୟାଳୟମାନ ଖୋଲାଯାଇଛି। ସମୁଦାୟ ୧,୧୯୧ଟି ସେବାଶ୍ରମ ମଧ୍ୟରୁ ୯୦ଟି ହରିଜନମାନଙ୍କ ପାଇଁ ଏବଂ ଅବଶିଷ୍ଟ ୧,୧୦୧ ଆଦିବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ। ଆଦିବାସୀମାନଙ୍କ ପାଇଁ ହୋଇଥିବା ସେବାଶ୍ରମମାନଙ୍କରେ ହରିଜନ ଛାତ୍ରମାନେ ନାମ ଲେଖାଇବାପାଇଁ କୌଣସି କଟକଣା ନାହିଁ। ୧,୧୯୧ଟି ସେବାଶ୍ରମରୁ ଛଅଟିରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଥିବା ୧୩୦ଟି ଚଟଶାଳୀ ମଧ୍ୟ ଖୋଲାଯାଇଛି। ଏହି ଚଟଶାଳୀମାନଙ୍କରେ ଉଭୟ ଆଦିବାସୀ ଓ ହରିଜନ ଛାତ୍ରମାନଙ୍କୁ ଅଧ୍ୟୟନ କରିବାକୁ ଦିଆଯାଏ।

ମଧ୍ୟ ଇଂରାଜୀ ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟ—ଗଞ୍ଜାମ ଜିଲ୍ଲାର ଦୁମାଠାରେ ହରିଜନ ଛାତ୍ରମାନଙ୍କ

ଥିଲି ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ତରରେ ଗୋଟିଏ ଆଶ୍ରମ ସ୍କୁଲ ସ୍ଥାପନ କରାଯାଇଅଛି । ଏହା ବ୍ୟତୀତ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ଦ୍ୱାରା ଖୋଲାଯାଇ-ଥିବା ୮୭ଟି ଆଶ୍ରମ ସ୍କୁଲ ଓ ୨୮ଟି ହାଇସ୍କୁଲରେ ଶତକଡ଼ା ୧୦ ଭାଗ ସ୍ଥାନ ହରିଜନ ଛାତ୍ରମାନଙ୍କ ପାଇଁ ସଂରକ୍ଷଣ କରାଯାଇଅଛି । ଏହି ଆବାସୀ ବିଦ୍ୟାଳୟ-ଗୁଡ଼ିକରେ ଛାତ୍ରମାନେ ବିନା ଖର୍ଚ୍ଚରେ ରହିବା ଓ ଖାଇବାର ସୁବିଧା ପାଇଥାନ୍ତି । ଏମାନଙ୍କୁ ଶିକ୍ଷାର ଔଷଧ, ବସ୍ତ୍ର, ପୋଷାକ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷମାନ ଯୋଗାଇ ଦିଆଯାଏ ।

ଛାତ୍ରାବାସ—ରାଜ୍ୟ ଶିକ୍ଷା ବିଭାଗ ଓ ସରକାର ସାହାଯ୍ୟରେ ପରିଚାଳିତ ବିଦ୍ୟାଳୟଦ୍ୱାରା ଖୋଲାଯାଇ-ଥିବା ଛାତ୍ରାବାସକୁ ଛାଡ଼ିଦେଲେ ଆଦିବାସୀ ଓ ଗ୍ରାମ-ମଙ୍ଗଳ ବିଭାଗ ତରଫରୁ ମଧ୍ୟ ଏମାନଙ୍କପାଇଁ ଛାତ୍ରାବାସ ସ୍ଥାପନ କରାଯାଇଅଛି । ହାରାହାରି ଗୋଟିଏ ଛାତ୍ରାବାସ ନିର୍ମାଣପାଇଁ ଟ ୧୨,୦୦୦ ମଞ୍ଜୁର ହୋଇଥାଏ । ଏହି ଛାତ୍ରମାନଙ୍କର ରହିବାର ସୁବିଧାପାଇଁ ବିଭିନ୍ନ ଅନୁଷ୍ଠାନମାନଙ୍କୁ ଏପର୍ଯ୍ୟନ୍ତ ୨୬୧ଟି ଛାତ୍ରାବାସ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଅଛି । ଏହା-ବ୍ୟତୀତ ଭୁବନେଶ୍ୱରଠାରେ ଗୋଟିଏ ଛାତ୍ରାବାସ ନିର୍ମାଣ କରାଯାଇଛି । ଏହି ଛାତ୍ରାବାସଟି ଓଡ଼ିଶା ଦଳିତ ସେବାସଂଘଦ୍ୱାରା ପରିଚାଳିତ । ଯେଉଁ ଛାତ୍ରମାନେ ଭୁବନେଶ୍ୱରରେ ଥିବା କଲେଜମାନଙ୍କରେ ଅଧ୍ୟୟନ କରନ୍ତି ବି. ଜେ. ବି. କଲେଜ ନିକଟରେ ନିର୍ମିତ ହୋଇଥିବା ସ୍ୱତନ୍ତ୍ର ଛାତ୍ରାବାସରେ ସ୍ଥାନ ଦିଆଯାଏ ।

ସ୍କୁଲ ଦରମାଛାଡ଼ ବ୍ୟବସ୍ଥା—ରାଜ୍ୟ ଶିକ୍ଷା ବିଭାଗର ନିର୍ଦ୍ଦେଶାନୁସାରେ ହରିଜନ ଛାତ୍ରମାନେ ମାଟ୍ରିକ ସ୍ତର ପର୍ଯ୍ୟନ୍ତ ସ୍କୁଲ ଦରମା ନ ଦେବା କଥା । ସରକାରୀ ସ୍କୁଲରେ ପଢୁଥିବା ସମସ୍ତ ହରିଜନ ଛାତ୍ରମାନେ ଦରମା ଦେବାରୁ ଅବ୍ୟାହତି ପାଉଛନ୍ତି । ସରକାରୀ ସାହାଯ୍ୟରେ ପରିଚାଳିତ ସ୍କୁଲମାନଙ୍କରେ ପଢୁଥିବା ହରିଜନ ଛାତ୍ରମାନେ ଦରମା ଦେବାରୁ ଅବ୍ୟାହତି ପାଇବାଦ୍ୱାରା ସ୍କୁଲ କର୍ତ୍ତୃପକ୍ଷଙ୍କ ଯେଉଁ କ୍ଷତି ହୁଏ ତାହା ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ପୂରଣ କରନ୍ତି ।

ସୈନିକ ସ୍କୁଲରେ ନାମ ଲେଖାଇବାର ସୁବିଧା—ସୈନିକ ସ୍କୁଲରେ ନାମ ଲେଖାଇବା ନିମିତ୍ତ ଦେଉଥିବା ପ୍ରବେଶିକା ପରୀକ୍ଷାରେ ଅନ୍ୟାନ୍ୟ ସବର୍ଣ୍ଣ ହିନ୍ଦୁ ଛାତ୍ର-ମାନଙ୍କ ସହିତ ପ୍ରତିଯୋଗିତା କରିବାପାଇଁ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ତରଫରୁ କେତେଗୁଡ଼ିଏ ମନୋନୀତ ଛାତ୍ରଙ୍କୁ ତିନିମାସପାଇଁ ସ୍ୱତନ୍ତ୍ର ଶିକ୍ଷାଦାନ ଦିଆଯାଏ ।

## ଆର୍ଥିକ ଓ ଅନ୍ୟାନ୍ୟ ସୁବିଧା

ବଳଦ, ବାହନ ଓ କୃଷି ଉପକରଣର ବଣ୍ଟନ—ହରିଜନ କୃଷକମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ବଳଦ, ବାହନ ଓ କୃଷି ଉପକରଣ କିଣିବା-ପାଇଁ ଅର୍ଥ ସାହାଯ୍ୟ ଦିଆଯାଏ ।

କୁଟୀରଶିଳ୍ପର ବିକାଶ ନିମନ୍ତେ ସରକାରୀ ଅର୍ଥ ସାହାଯ୍ୟ—ତାଲିମପ୍ରାପ୍ତ ହରିଜନ କାରିଗରମାନଙ୍କ ମଧ୍ୟରେ କୁଟୀରଶିଳ୍ପର ପ୍ରସାର ନିମନ୍ତେ ଅର୍ଥ ସାହାଯ୍ୟ ଦିଆଯାଉଛି । ଏହାଦ୍ୱାରା ସେମାନେ ଲୁଗାବୁଣା, ବଢ଼େଇ-କାମ, କମାରକାମ, ସିଲେଇକାମ ପ୍ରଭୃତି କରି ଜୀବିକା ନିର୍ବାହ କରନ୍ତି । ଗୋଟିଏ ଶିଳ୍ପପାଇଁ ଜଣକୁ ହାରାହାରି ଟ ୫୦୦ ପର୍ଯ୍ୟନ୍ତ ଦିଆଯାଇଥାଏ ।

ଶିଳ୍ପ ତାଲିମ କେନ୍ଦ୍ର ଓ ଇଞ୍ଜିନିୟରିଂ ସ୍କୁଲରେ ସ୍ଥାନ ସଂରକ୍ଷଣ—ଶିଳ୍ପତାଲିମ କେନ୍ଦ୍ର ଓ ଇଞ୍ଜିନିଅରିଂ ସ୍କୁଲରେ ହରିଜନ ଛାତ୍ରମାନଙ୍କୁ ନାମ ଲେଖାଇବା ସମୟରେ ସୁବିଧା ଦେବାପାଇଁ ଶିଳ୍ପ ବିଭାଗର ନିର୍ଦ୍ଦେଶକ ସମସ୍ତ ସ୍କୁଲ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶତକଡ଼ା ୧୫ ଭାଗ ସ୍ଥାନ ସେମାନଙ୍କପାଇଁ

ସଂରକ୍ଷଣ କରାଯାଇଛି । ନାମ ଲେଖାଇବାପାଇଁ ଧାର୍ଯ୍ୟ କରାଯାଇ ଥିବା ନମ୍ବରରୁ ଶତକଡ଼ା ୫ ଭାଗ ସେମାନଙ୍କପାଇଁ କମାଇ ଦିଆଯାଏ ଓ ସର୍ବୋଚ୍ଚ ବୟସ ସୀମା ୩ ବର୍ଷ କୋହଳ କରାଯାଏ । ଅଧ୍ୟକ୍ଷମାନଙ୍କୁ ମଧ୍ୟ ଆହୁରି ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ବଛାଚୟନରେ ଶିକ୍ଷାଗତ ଯୋଗ୍ୟତା, ବୟସ ସୀମା କୋହଳ ଓ ସ୍ଥାନ ସଂରକ୍ଷଣ ବିଷୟ ସୂଚନା ଦେବେ ।

ଏହା ବ୍ୟତୀତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜରେ ଶତକଡ଼ା ୭ ଭାଗ ସ୍ଥାନ ଓ ଆଞ୍ଚଳିକ ଇଞ୍ଜିନିଅରିଂ କଲେଜରେ ଶତକଡ଼ା ୧୬ ଭାଗ ସ୍ଥାନ ଏମାନଙ୍କପାଇଁ ସଂରକ୍ଷଣ କରାଯାଇଛି ।

ମୋକଦ୍ଦମା ଖର୍ଚ୍ଚ—ହରିଜନମାନେ ବହୁ ସମୟରେ ଭୂମି ଉଚ୍ଛେଦ ମୋକଦ୍ଦମାରେ ସଂପୃକ୍ତ ରହିଥାଆନ୍ତି । ସେମାନେ ଆଇନ ଜାଣି ନ ଥିବାରୁ ଓ ଆର୍ଥିକ ଦୁରବସ୍ଥା ହେତୁ ଜମି ଉପରେ ଥିବା ନ୍ୟାଯ୍ୟ ଅଧିକାର ସାବ୍ୟସ୍ତ କରିବାପାଇଁ ଉପଯୁକ୍ତ ଓକିଲ ନିଯୋଗକରି ଆଇନ ଅଦାଲତରେ ମୋକଦ୍ଦମା ଲଢ଼ି ପାରନ୍ତି ନାହିଁ । ଆଇନ ଅଦାଲତରେ ଓକିଲ ନିଯୁକ୍ତି କରି ମୋକଦ୍ଦମା ଲଢ଼ିବାପାଇଁ ସେମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଏ । ଯେଉଁମାନେ ଭୂମି ଉଚ୍ଛେଦ ଓ ସେହି ସମ୍ପର୍କୀୟ ଅନ୍ୟାନ୍ୟ ମୋକଦ୍ଦମାରେ ସଂପୃକ୍ତ ରହିଥାନ୍ତି ସେହିମାନଙ୍କୁ କେବଳ ଜିଲ୍ଲାପାଳଙ୍କ ସୁପାରିଶ ଅନୁଯାୟୀ ମୋକଦ୍ଦମା ଖର୍ଚ୍ଚ ସରକାର ଦିଅନ୍ତି ।

ଗୃହ ଯୋଗାଣର ସୁବିଧା—ତୃତୀୟ ପଞ୍ଚବାର୍ଷିକ ଯୋଜନା ଆରମ୍ଭରୁ ସ୍ୱାୟତ୍ତ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ମେହେନ୍ତରମାନଙ୍କୁ ଗୃହ ନିର୍ମାଣ ଓ ଗୃହ ନିର୍ମାଣ ଉପଯୋଗୀ ସ୍ଥାନ ନିମିତ୍ତ ସରକାର ଆର୍ଥିକ ସାହାଯ୍ୟ ଦେଇଆସୁଛନ୍ତି । ଅଗ୍ନି ନିରୋଧକ ଛାତଥିବା ଦୁଇ କୋଠରି ବିଶିଷ୍ଟ ଘର ତିଆରି କରିବାପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସର୍ବାଧିକ ଟ ୧,୨୦୦ ଗୃହ ନିର୍ମାଣ ଉପଯୋଗୀ ସ୍ଥାନ କିଣିବାପାଇଁ ଟ କରି ଅର୍ଥ ସାହାଯ୍ୟ ଦିଆଯାଏ ।

ମେହେନ୍ତରମାନଙ୍କୁ ଠେଲାଗାଡ଼ି ଓ ଉପକରଣ ପ୍ରଭୃତି ଯୋଗାଣ—ମୁଣ୍ଡଉପରେ ମଇଳା ବ୍ୟବସ୍ଥାକୁ ଦୂର କରିବା ନିମିତ୍ତ ଏକ ଯୋଜନା କରାଯାଇଅଛି । ଏହି ଯୋଜନାନୁଯାୟୀ ମେହେନ୍ତରମାନଙ୍କୁ ଠେଲାଗାଡ଼ି, ରବର ହାତମୋଜା, ଯୋତା ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଇ ଯାଏ । ଏହି ଯୋଜନା ମ୍ୟୁନିସିପାଲିଟି ଓ ଏନ୍. ଜରିଆରେ କାର୍ଯ୍ୟକାରୀ ହୁଏ ।

ହରିଜନମାନଙ୍କୁ ପତିତ ଜମି ପଟ୍ଟା ବ୍ୟବସ୍ଥା—ଭୂମିହୀନତା ହରିଜନମାନଙ୍କର ଦୁଃସ୍ଥିତିର ପ୍ରଧାନ କାରଣ । ସେମାନଙ୍କର ଅବସ୍ଥାର ଉନ୍ନତି ନିମିତ୍ତ ରାଜସ୍ୱ ବିଭାଗର ଅନୁସାରେ ସେମାନଙ୍କୁ ପତିତ ଜମି ବଣ୍ଟନ ଅଗ୍ରାଧିକାର ଦିଆଯାଏ । ରାଜସ୍ୱ ବିଭାଗର ନିୟନ୍ତ୍ରଣାଧୀନରେ ଜିଲ୍ଲାପାଳଙ୍କଦ୍ୱାରା ଏହି କାର୍ଯ୍ୟ କରାଯାଏ । ସଲାମିରୁ ଅବ୍ୟାହତି ବିଷୟରେ ସରକାର ସ୍ଥିର କରିଛନ୍ତି ଯେ ଅନାବାଦୀ ଜମି ପଟ୍ଟା ଦେବା ପୂର୍ବରୁ ତହସିଲଦାରମାନେ ଆବେଦନକାରୀଙ୍କ ଆର୍ଥିକ ଅବସ୍ଥା କରିବେ ଏବଂ ପ୍ରକୃତରେ ଯଦି ସେ ଦରିଦ୍ର ଥାଆନ୍ତି ତା'ହେଲେ ତାଙ୍କୁ ସଲାମିରୁ ଦେବାପାଇଁ ଜିଲ୍ଲାପାଳଙ୍କୁ ସୁପାରିଶ କରିବେ ।

ହରିଜନମାନଙ୍କପାଇଁ ଚାକିରି କ୍ଷେତ୍ରରେ ସଂରକ୍ଷଣ—ହରିଜନ ପ୍ରାର୍ଥୀମାନେ ବିଭିନ୍ନ ଯେପରି ନିଯୁକ୍ତି ପାଆନ୍ତି ସେଥିପାଇଁ ରାଜ୍ୟ ରାଜ୍ୟର ବିଭିନ୍ନ ବିଭାଗରେ ୧୯୬୧ ଅନୁସାରେ ଶତକଡ଼ା ୧୬ ଭାଗ ସ୍ଥାନ

...ପାଇଁ ସଂରକ୍ଷିତ କରିବା ନିମିତ୍ତ ସ୍ଥିର କରିଛନ୍ତି । ...ହରିଜନ ପ୍ରାର୍ଥୀମାନଙ୍କ ଚାକରିରେ ସଂରକ୍ଷିତ ...ଥିବା ସ୍ଥାନ ବିଷୟରେ ଜଣାଇ ଦେବାପାଇଁ ...ବ୍ୟବସ୍ଥା ଅଛି ଯେ ନିଯୁକ୍ତିକାରୀ ବିଜ୍ଞାପନରେ ...ମାନଙ୍କପାଇଁ କେତୋଟି ସ୍ଥାନ ସଂରକ୍ଷିତ ...ଛନ୍ତି ତାହା ସ୍ପଷ୍ଟଭାବରେ ଉଲ୍ଲେଖ କରିବେ । ଏହି ...ଜାତିର ଲୋକମାନେ ଚାକରିରେ ବହୁ ସଂଖ୍ୟାରେ ...ପାଇବାପାଇଁ ଭାରତ ସରକାରଙ୍କଦ୍ୱାରା ପ୍ରଣୟନ ...କରିଥିବା "carry forward" ନିୟମ ରାଜ୍ୟ ...ସରକାରଙ୍କ ଚାକରିରେ ଲାଗୁ ହେବ । ଏହି ନିୟମାନୁ- ...ଯାୟୀ କୌଣସି ବର୍ଷରେ ଉପଯୁକ୍ତ ହରିଜନ ...ପ୍ରାର୍ଥୀ ନ ମିଳିଲେ ପରବର୍ଷ ଖାଲିଥିବା ଚାକରି ...ହରିଜନମାନେ ଯେପରି ଅଧିକ ସଂଖ୍ୟାରେ ପାଇ- ...ପାରିବେ ତାହାର ବ୍ୟବସ୍ଥା ଅଛି ।

...ଶାରୀରିକ ମାନ କୋହଳ ନୀତି—ହରିଜନ ...ମାନେ ସିପାହୀ ଚାକରିରେ ବହୁ ସଂଖ୍ୟାରେ ...ନିଯୁକ୍ତ ହେବା ପାଇଁ ନିର୍ଦ୍ଧାରିତ ଶାରୀରିକ ...ମାନରେ ନିମ୍ନଲିଖିତ କୋହଳ ନୀତି ଅବଲମ୍ବନ ...କରାଯାଇଅଛି ।

| ସର୍ବସାଧାରଣଙ୍କ-ପାଇଁ | ହରିଜନମାନଙ୍କ-ପାଇଁ |
|---|---|
| ୫ ଫୁଟ ୬ ଇଞ୍ଚ | ୫ ଫୁଟ ୨ ଇଞ୍ଚ |
| ୩୨ ଇଞ୍ଚ | ୩୧ ଇଞ୍ଚ |

...ରାଜ୍ୟ ବିଧାନ ସଭାର ସଭ୍ୟ ଓ ଅନ୍ୟାନ୍ୟ ... ସମାଜସେବୀମାନଙ୍କୁ ହରିଜନ କଲ୍ୟାଣ ...କାର୍ଯ୍ୟ ସହିତ ସଂଶ୍ଳିଷ୍ଟ ହେବା ନିମିତ୍ତ ହରିଜନ ...ଉପଦେଷ୍ଟା ବୋର୍ଡ଼ ଗଠନ କରାଯାଇଛି ।

## ...ଅସ୍ପୃଶ୍ୟତା ଦୂରୀକରଣପାଇଁ ରାଜ୍ୟ ...ସରକାର ନେଇଥିବା ପଦକ୍ଷେପ—

...ବାସୀ ଓ ଗ୍ରାମାଞ୍ଚଳ ଭିତର ଅସ୍ପୃଶ୍ୟତା ...ପାଇଁ ପ୍ରତିବର୍ଷ ଦଳିତ ଜାତି ସଂଘକୁ ଆର୍ଥିକ ସାହାଯ୍ୟ ଦେଉଛନ୍ତି । ଏହି ସଂଘ ପ୍ରଧାନତଃ (୧) ଅସ୍ପୃଶ୍ୟତା ନିବାରଣ ପାଇଁ ପ୍ରଚାର (୨) ହରିଜନମାନଙ୍କର ଆର୍ଥିକ ଉନ୍ନତି (୩) ଶିକ୍ଷାର ପ୍ରସାର (୪) ପୁନର୍ବସତି ଯୋଗାଣ ଓ ଜମି ପଟ୍ଟା ଦେବାର ସାହାଯ୍ୟ କାର୍ଯ୍ୟମାନ କରିଥାଆନ୍ତି । ସଂଘର କର୍ମୀମାନେ ପ୍ରଚାରିତ ପୁସ୍ତକ, ପତ୍ରିକା, ପ୍ରଚାରପତ୍ର ମାଧ୍ୟମରେ ଅସ୍ପୃଶ୍ୟତା ନିବାରଣ ବିଷୟରେ ପ୍ରଚାର କରନ୍ତି । ଦଳିତ ଜାତି ସଂଘର ପ୍ରଚେଷ୍ଟା ବ୍ୟତୀତ ରାଜ୍ୟ ସରକାର ମଧ୍ୟ ଅସ୍ପୃଶ୍ୟତା ନିବାରଣପାଇଁ ନାନା ପ୍ରକାର ପଦକ୍ଷେପ ନେଇଛନ୍ତି । ଏହି ସମ୍ବନ୍ଧରେ ଯେଉଁସବୁ ନିର୍ଦ୍ଦେଶ ଦିଆଯାଇଛି ତାହା ନିମ୍ନରେ ପ୍ରଦତ୍ତ ହେଲା:—

(୧) ୧୯୫୫ ମସିହା ଅସ୍ପୃଶ୍ୟତା ଅପରାଧ ଆଇନର ଧାରାଗୁଡିକୁ ପୋଲିସ ଅଫିସରମାନେ ଯେପରି ଭଲ ଭାବରେ ବୁଝି ତଦନୁସାରେ କାର୍ଯ୍ୟ କରନ୍ତି ସେଥିପ୍ରତି ଉତ୍ତମରୂପେ ଦୃଷ୍ଟି ଦିଆଯାଇଛି, ଏହାଦ୍ୱାରା ସେମାନେ ପ୍ରକୃତ ଅପରାଧୀ ପ୍ରତି ଏହି ଆଇନର ଉପଯୁକ୍ତ ଧାରା ପ୍ରୟୋଗ କରି ଦଣ୍ଡ ବିଧାନ କରି ପାରିବେ । ଉକ୍ତ ଆଇନର ଏକକପି ନକଲ ଏହା ସହିତ ସଂଲଗ୍ନ କରାଗଲା । ଏହି ଆଇନ କିପରି ସୁଷ୍ଠୁରୂପେ କାର୍ଯ୍ୟକାରୀ ହୋଇ ପାରିବ ସେ ବିଷୟରେ ମଧ୍ୟ ପୋଲିସ ଓ ମାଜିଷ୍ଟ୍ରେଟ-ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅସ୍ପୃଶ୍ୟତା ଅପରାଧୀ ପୋଲିସ ଧର୍ତ୍ତବ୍ୟ ଏବଂ ଏଥିପାଇଁ ୬ ମାସ କାରାଦଣ୍ଡ କିମ୍ବା ଟ ୫୦୦୲ ପର୍ଯ୍ୟନ୍ତ ଜୋରିମାନା କିମ୍ବା ଉଭୟ ଦିଆଯାଇପାରେ ବୋଲି ଏହି ଆଇନରେ ଉଲ୍ଲେଖ ଅଛି ।

(୨) ୧୯୫୫ ମସିହାର ଅସ୍ପୃଶ୍ୟତା ଅପରାଧ ଆଇନ ଓଡ଼ିଆରେ ଅନୁବାଦ କରାହୋଇ ଜିଲା, ସବଡ଼ିଭିଜନ ଓ ବ୍ଲକ ସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗର ଅଫିସରମାନଙ୍କ ମଧ୍ୟରେ ବଣ୍ଟନ

କରାଯାଇଅଛି । ଏମାନଙ୍କୁ ଏହି ଆଇନର ଧାରାଗୁଡ଼ିକ ଲୋକମାନଙ୍କୁ ବୁଝାଇ ଦେବାପାଇଁ କୁହାଯାଇଛି ।

(୩) ପୌର ଉନ୍ନୟନ ବିଭାଗ ସ୍ୱାୟତ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ବାଳକଟା ସାଲୁନ, ଭୋଜନାଳୟ ପ୍ରଭୃତିକୁ ଏହି ସର୍ତ୍ତରେ ଲାଇସେନସ ଦେବେ ଯେ ସେମାନଙ୍କ ଦୋକାନର ପ୍ରଧାନ ସ୍ଥାନରେ ସବର୍ଣ୍ଣ ଓ ହରିଜନମାନଙ୍କ ମଧ୍ୟରେ କୌଣସି ଭେଦଭାବ ନାହିଁ ବୋଲି ବିଜ୍ଞାପନରେ ସ୍ପଷ୍ଟ ଉଲ୍ଲେଖ କରିବେ ।

(୪) ଗସ୍ତ କରୁଥିବା ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ଗସ୍ତ ସମୟରେ ଅସ୍ପୃଶ୍ୟତା ପ୍ରଚଳନର ଆଶୁ ନିରାକରଣ ପାଇଁ ଗ୍ରାମବାସୀଙ୍କୁ ବୁଝାଇବେ ।

(୫) ୧୯୬୮ ମସିହା ଏପ୍ରିଲ ମାସରେ ଗ୍ରାମ ପଞ୍ଚାୟତ ବିଭାଗ ତରଫରୁ ସମସ୍ତ ଗ୍ରାମ ପଞ୍ଚାୟତମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଛି ଯେ ଯଦି କୌଣସି ଗ୍ରାମ ପଞ୍ଚାୟତରେ ଲୋକମାନଙ୍କ ମନରୁ ଅସ୍ପୃଶ୍ୟତା ଭାବ ଦୂର ନ ହୋଇଥାଏ ଏବଂ ହରିଜନମାନଙ୍କୁ ସେମାନଙ୍କର ସାମାଜିକ ନ୍ୟାୟ ଓ ଦାବିରୁ ବଞ୍ଚିତ କରାହେଉଥାଏ ତାହାହେଲେ ସରକାର ସେହି ଗ୍ରାମପଞ୍ଚାୟତକୁ ମଞ୍ଜୁର ହେବାକୁ ଥିବା ସମସ୍ତ ଆର୍ଥିକ ସାହାଯ୍ୟ ବନ୍ଦ କରିଦେବେ ।

(୬) ହରିଜନମାନଙ୍କର ଆର୍ଥିକ ଓ ଶିକ୍ଷାଗତ ସମସ୍ୟା ଏବଂ ଅସ୍ପୃଶ୍ୟତାକୁ ଅନୁଧ୍ୟାନ କରିବାପାଇଁ ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ ଉପମନ୍ତ୍ରୀଙ୍କର ଅଧ୍ୟକ୍ଷତାରେ ଗୋଟିଏ ସବ୍‌କମିଟି ଗଢ଼ାଯାଇଛି ।

ଏହିସବୁ ବିଷୟରେ ଦିଆଯାଇଥିବା ନିର୍ଦ୍ଦେ-
ଶାବଳୀକୁ ସରକାରୀ କର୍ମଚାରୀ ଓ ବେସରକାରୀ ବ୍ୟ
ମାନେ କାର୍ଯ୍ୟକାରୀ କରୁନଥିବା ବିଷୟ ସରକ
ଦୃଷ୍ଟିଗୋଚର ହୋଇଛି । ସେମାନଙ୍କର ହରି
ମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଯଥେଷ୍ଟ ଦାୟିତ୍ୱ ନେ
ଉଚିତ । ସରକାରଙ୍କର ନାନାପ୍ରକାର ପ୍ରଚ
ସତ୍ତ୍ୱେ ଦେଖାଯାଉଛି ଯେ ରାଜ୍ୟର ବିଭିନ୍ନ ଅଞ୍ଚ
ଅସ୍ପୃଶ୍ୟତା ଭିନ୍ନ ଭିନ୍ନ ରୂପରେ ରହିଛି ।
ପ୍ରଥା ଆମ ସମାଜରେ ଏପରି ବଦ୍ଧମୂଳ ହୋ
ଯାଇଛି ଯେ ତାହା ଏକା ଥରକେ ଦୂର କର
ଯାଇବ ନାହିଁ । ତେଣୁ ସରକାରୀ କର୍ମଚାରୀ
ବେସରକାରୀ ବ୍ୟକ୍ତିମାନେ ଏହି ପ୍ରଥାର ସମ
ବିଲୋପ ସାଧନ ପାଇଁ ଦାୟିତ୍ୱ ନେବା ଉ
ସର୍ବସାଧାରଣ ପୋଲିସ ଅଫିସରଙ୍କ
ସହଯୋଗ କରି ଅସ୍ପୃଶ୍ୟତାର ଦୃଷ୍ଟାନ୍ତ
କରିବେ ଏବଂ ଆଇନର ଉପଯୁକ୍ତ ଧାରା ଅନୁ
ଅପରାଧୀଙ୍କୁ ଦଣ୍ଡବିଧାନ କରିବେ ।

ଜିଲ୍ଲା ମଙ୍ଗଳ ଅଫିସର, ସହକାରୀ ଜିଲ୍ଲା ମ
ଅଫିସର ଏବଂ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଫିସ
ମାନଙ୍କର ଗ୍ରାମବାସୀଙ୍କୁ ଆଇନର ଧାରାଗୁଡ଼ିକ
ପରିଚିତ କରାଇଦେବାପାଇଁ ବିଶେଷ ଦାୟି
ରହିଅଛି ।

ଗ୍ରାମରେଥିବା ହରିଜନମାନଙ୍କୁ ଦିଆ ହେଉଥି
ନାନାପ୍ରକାର ସୁବିଧା ଓ ଅସ୍ପୃଶ୍ୟତା ନିବା
ସକାଶେ ସରକାରଙ୍କ ଦ୍ୱାରା ନିଆ ହେଉଥିବା ପଦ
ବିଷୟରେ ସେମାନେ ଅଜ୍ଞ । ତେଣୁ ସରକାର
ପ୍ରକାଶ କରନ୍ତି ଯେ ସେମାନଙ୍କୁ ଦିଆହେଉଥି
ସୁବିଧା ସେମାନେ ଜାଣନ୍ତୁ । ସରକାରୀ
ବେସରକାରୀ କର୍ମଚାରୀମାନେ ଆଗ୍ରହର ସହ
କାର୍ଯ୍ୟକଲେ ଏହା କେବଳ ଫଳବତୀ ହୋ
ପାରିବ ।

କାଶୀନାଥ ମହାନ୍ତି

# ମହାତ୍ମା ଗାନ୍ଧୀ ଓ ପଞ୍ଚମଜର୍ଜ୍ଜଙ୍କ ଭେଟ

ଏ ଘଟଣା ସନ ୧୯୩୦-୩୧ ମସିହା କଥା । ସେ ସମୟରେ ଗାନ୍ଧିଜୀଙ୍କ ଅମୋଘ ଅସ୍ତ୍ର ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ବିଶେଷତଃ ଲବଣ ଆଇନ ଅମାନ୍ୟ ଆନ୍ଦୋଳନ ସାରା ଭାରତବର୍ଷରେ ଭୀଷଣ ଭାବରେ ଚାଲିଥାଏ । ପୂର୍ବବର୍ଷ କଂଗ୍ରେସର ଲାହୋର ଅଧିବେଶନ ପଣ୍ଡିତ ଜବାହାରଲାଲଙ୍କ ସଭାପତିତ୍ୱରେ [illegible] ସୃଷ୍ଟି କରିଥିଲା । ନାନାପ୍ରକାର ଦମନମୂଳକ ଆଇନ ଜାରି କଲେ ସୁଦ୍ଧା ବ୍ରିଟିଶ ସରକାର ଭାରତରେ ବହୁ ଅସୁବିଧାରେ ପଡ଼ିଥିଲେ । ତେଣେ ଇଂଲଣ୍ଡରେ ଶ୍ରମିକଦଳ ପକ୍ଷରୁ ମନ୍ତ୍ରୀ ସଭା ଗଢ଼ାଯାଇଥିଲା । ଶ୍ରମିକଦଳର ନେତା ମିଷ୍ଟର ରାମ୍ସେ ମାକଡୋନାଲଡ଼ଙ୍କ ପ୍ରଧାନମନ୍ତ୍ରୀତ୍ୱରେ ପ୍ରଥମେ ଶ୍ରମିକଦଳ ଓ ପରେ ଏକ ଜାତୀୟ ମନ୍ତ୍ରୀସଭା ଗଢ଼ାଯାଇଥିଲା ।

[illegible] ସରକାରରେ ଜାତଦଳ ଅଧିକାଂଶ ଥିଲେ । ମାକଡୋନାଲଡ଼ ସାହେବଙ୍କର ଭାରତ ପ୍ରତି କେତେକାଂଶରେ ସହାନୁଭୂତି ରହିଥିଲା ।

ଏହିବର୍ଷ (୧୯୩୦ ମସିହା) ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସଭାପତିତ୍ୱରେ ଭାରତୀୟ ଜାତୀୟ କଂଗ୍ରେସର କରାଚୀ ଅଧିବେଶନରେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ଦେବା ନିମିତ୍ତ ପ୍ରସ୍ତାବ ଗୃହୀତ ହୋଇ ଦୃଢ଼ ଦାବି କରାଯାଇଥିଲା । ତେଣେ ପ୍ରଥମ ଗୋଲଟେବୁଲ ବୈଠକ ସନ୍ ୧୯୩୦ ମସିହା ନଭେମ୍ବର ୧୨ ତାରିଖରେ ଲଣ୍ଡନରେ ବସିଥିଲା ମାତ୍ର ଭାରତୀୟ ଜାତୀୟ କଂଗ୍ରେସ ସେଥିରେ ଯୋଗ ନଦେଇଥିବାରୁ ତାହା କାର୍ଯ୍ୟପ୍ରଦ ହୋଇ ପାରିନଥିଲା । ଏଥିପାଇଁ ମହାତ୍ମାଗାନ୍ଧୀ କଂଗ୍ରେସ ତରଫରୁ ୨ୟ ଗୋଲଟେବୁଲ ବୈଠକରେ ଯୋଗଦେବା ଉଚିତ ମନେକରି ସାର୍ ତେଜ୍ ବାହାଦୂର ସାପ୍ରୁ ଓ ମିଷ୍ଟର ଜୟକାର ତତ୍କାଳୀନ ଭାଇସରୟ ଲର୍ଡ଼ ଇର୍ୱିନଙ୍କ ସହିତ ମହାତ୍ମା ଗାନ୍ଧିଙ୍କର ଭେଟ କରାଇଥିଲେ ।

ସେଠାରେ ବହୁ ଆଲୋଚନା ପରେ ସ୍ଥିର ହେଲା ଯେ ସରକାର ସତ୍ୟାଗ୍ରହୀଙ୍କୁ ମୁକ୍ତିଦେବେ, ଦମନମୂଳକ ଆଇନ ଉଠାଇ ନେବେ ଏବଂ ଲୋକଙ୍କୁ ଲୁଣ

ବ୍ୟବହାର ପାଇଁ ଲୁଣ ମାରିବାକୁ ଅନୁମତି ଦେବେ । କଂଗ୍ରେସ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ ବନ୍ଦ କରାଯାଇ ମହାତ୍ମା ଗାନ୍ଧୀଙ୍କୁ ପ୍ରତିନିଧିରୂପେ ସନ ୧୯୩୧ ମସିହା ନଭେମ୍ବର ୨୭ ତାରିଖରେ ବସୁଥିବା ଦ୍ୱିତୀୟ ଗୋଲ୍‌ଟେବୁଲ୍ ବୈଠକକୁ ପଠାଯିବା ସ୍ଥିରହେଲା । ଏହିସବୁ ବିଷୟ ଏକ ଚୁକ୍ତିରେ (ଗାନ୍ଧୀ-ଇରୱିନ ଚୁକ୍ତି)ରେ ଲିପିବଦ୍ଧ କରାଯାଇଥିଲା । ସେହିବର୍ଷ (୧୯୩୧ ମସିହା)ରେ କରାଚୀ ଅଧିବେଶନରେ ମହାତ୍ମାଗାନ୍ଧୀଙ୍କୁ ଦ୍ୱିତୀୟ ଗୋଲ୍‌ଟେବୁଲ୍ ବୈଠକରେ ଯୋଗ ଦେବାପାଇଁ ପ୍ରତିନିଧିଭାବରେ ମଧ୍ୟ ନିର୍ବାଚିତ କରାଯାଇଥିଲା ।

ବ୍ରିଟିଶ ସରକାରଙ୍କ ନିମନ୍ତ୍ରଣକ୍ରମେ ନିର୍ଦ୍ଦିଷ୍ଟ ସମୟରେ ମହାତ୍ମାଗାନ୍ଧୀ ତାହାଙ୍କର ନିର୍ଦ୍ଦିଷ୍ଟ କେତେକ ଅନ୍ତଶିଷ୍ୟଙ୍କୁ ସଙ୍ଗରେ ନେଇ ଦ୍ୱିତୀୟ ଗୋଲ୍‌ଟେବୁଲ୍ ବୈଠକରେ ଯୋଗଦେବାପାଇଁ ଜାହାଜରେ ବିଲାତ ଯାତ୍ରା କରିଥିଲେ । ତାଙ୍କ ସଙ୍ଗରେ ଓ ଅନ୍ୟାନ୍ୟ-ମାନଙ୍କ ସହ ଶ୍ରୀମତୀ ସରୋଜିନୀ ନାଇଡ଼ୁ, ସାର୍ ଶ୍ରୀନିବାସ୍ ଶାସ୍ତ୍ରୀ, ମଦନ ମୋହନ ମାଲବ୍ୟ ଓ ମହାଦେବ ଦେଶାଇ ଇତ୍ୟାଦି ଯାଇଥିଲେ । ଏମାନେ ବ୍ରିଟିଶ ସରକାରଙ୍କ ଅତିଥି ଭାବରେ ବିଲାତରେ ଏକ ନିର୍ଦ୍ଦିଷ୍ଟ ଅତିଥି ଭବନ ହୋଟେଲରେ ରହୁଥିଲେ । ପୂର୍ବରୁ ଭାରତୀୟ ଜାତୀୟ କଂଗ୍ରେସର ବିଭିନ୍ନ ଅଧିବେଶନରେ ପର୍ଯ୍ୟାୟକ୍ରମେ ସରକାରଙ୍କ ଶାସନ ନୀତିର ସମାଲୋଚନା, ବଡ଼ ବଡ଼ ପ୍ରକଷରେ ଭାରତୀୟଙ୍କୁ ନିଯୋଗ, ପ୍ରାଦେଶିକ ବ୍ୟବସ୍ଥା ସଭାମାନଙ୍କରେ ନିର୍ବାଚିତ ସଭ୍ୟମାନଙ୍କର ସଂଖ୍ୟା ବୃଦ୍ଧି, ମୁଦ୍ରାଯନ୍ତ୍ରର ସ୍ୱାଧୀନତା, ଦଣ୍ଡବିଧି ଆଇନର ସଂସ୍କାର, କୃଷି କରର, ଅସ୍ତ୍ର ଆଇନ ରଦ୍ଦିକରଣ, ସୈନ୍ୟ ବିଭାଗର ବ୍ୟୟ ହ୍ରାସ, ଲୁଣମରା ଆଇନ ରଦ୍ଦି-କରଣ ଇତ୍ୟାଦି ଇତ୍ୟାଦି ପ୍ରସ୍ତାବମାନ କରି ଆସୁଥିଲେ । ମାତ୍ର ଇଂରେଜ ସରକାର କଂଗ୍ରେସର

ଏସବୁ ପ୍ରସ୍ତାବକୁ ସମସ୍ତମତେ ଗ୍ରହଣ ନକରି ଲୋ ମନରେ ହତାଶ ଭାବ ସୃଷ୍ଟି କରିଥିଲେ । ସେଥି କରାଚୀ କଂଗ୍ରେସରେ ପୂର୍ଣ୍ଣ ସ୍ୱାଧୀନତା ପ୍ରସ୍ତାବକୁ ମ ମହାତ୍ମା ଗାନ୍ଧୀ ଉତ୍ଥାପନ କଲେ । ଦ୍ୱିତୀୟ ଗୋଲ୍‌ଟେବୁ ବୈଠକରେ ଯୋଗଦେଇ ଆଲୋଚନାରେ ଏସବୁ ହାସଲ କରିବାପାଇଁ, ମାତ୍ର ଆଲୋଚନାର ପରି ନୈରାଶ୍ୟଜନକ ହୋଇଥିଲା । ଏବେ ଗାନ୍ଧୀ ସରକାରଙ୍କ ପ୍ରସ୍ତାବରେ ରାଜି ନହୋଇ ସ୍ୱଦେଶ ଫେରିଆସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବା କଥା ।

ଏହି ସମୟରେ ତତ୍‌କାଳୀନ ବିଲାତ ସରକାରଙ୍କ ପ୍ରଧାନ ମନ୍ତ୍ରୀ ରାମସେ ମାକ୍‌ଡୋନାଲଡ୍ ଓ ତତ୍‌କାଳୀ ଭାରତ ସଚିବ ସାର୍ ସାମୁଏଲ୍ ହୋର୍ ଶେ ମୁହୂର୍ତ୍ତରେ ଏକ ପନ୍ଥା ସ୍ଥିର କଲେ ଯେ ବିଲାତରେ ଗାନ୍ଧୀଜୀଙ୍କର ସମ୍ରାଟ ପଞ୍ଚମଜର୍ଜଙ୍କ ସହ ଭେଟ ହୋଇ ପାରିଲେ ସେଠାରେ ଆଲୋଚନା ପ୍ରସଙ୍ଗରେ କେତେକ ବିଷୟରେ ରାଜିନାମା ହୋଇଯାଇପାରେ । ଏପ୍ରକା ପ୍ରସ୍ତାବକୁ ସାମ୍ରାଜ୍ଞୀ ମେରୀଙ୍କ ଉପସ୍ଥିତିରେ ପ୍ରଧାନମ ଆଣିବାରୁ ସମ୍ରାଟ ପ୍ରଥମେ ଗାନ୍ଧୀଜୀଙ୍କ ସହ ସାକ୍ଷାତ ପକ୍ଷପାତୀ ନଥିଲେ ମାତ୍ର ଆଳାପ ଆଲୋଚନାରେ ଭଲ ଫଳ ନହେବା ଆଶାକରି ସମ୍ରାଟଙ୍କ ସମ୍ମତିକ୍ର ଉକ୍ତ ସାକ୍ଷାତପାଇଁ ଏକ ଉଦ୍ୟାନ ଭୋଜିର ପ୍ରସ୍ତା ଗ୍ରହଣ କରାଗଲା । ଅନ୍ୟ ପକ୍ଷରେ ଗାନ୍ଧୀଜୀ ଓ ତାଙ୍କ ସହକର୍ମୀମାନଙ୍କୁ ନିମନ୍ତ୍ରଣ କରି ଉକ୍ତ ଉଦ୍ୟାନଭୋଜିରେ ଯୋଗଦାନ କରିବାପାଇଁ ସ୍ୱୀକୃତ ଆଣିବା ଏ ସମସ୍ୟା ହୋଇ ଉଠିଲା । ଗାନ୍ଧୀଜୀ ଏ ପ୍ରକାର ଅଶୋ ପାଇଁ ନାନା କାରଣରୁ ଇଚ୍ଛା କଲେ ନାହିଁ । ନିମନ୍ତ୍ରଣ ଅଗ୍ରାହ୍ୟ କରି ପଠାଇବା କଥା ପ୍ର ହୋଇଥାଏ । ଯେବେ ସମ୍ରାଟ ଓ ସାମ୍ରାଜ୍ଞୀଙ୍କୁ ଉପେ କରାଇ ଏବେ ଗାନ୍ଧୀଜୀ ନିମନ୍ତ୍ରଣ ଅଗ୍ରାହ୍ୟ କରନ୍ତି ଏକ ସଙ୍ଗିନ ପରିସ୍ଥିତି ସୃଷ୍ଟି ହେବ ଅନେ

ଥିଲେ । ଏ ପ୍ରକାର ଦୁର୍ଘଟଣା ଏଡ଼ାଇବାକୁ ସେଠା ମନ୍ତ୍ରୀମଣ୍ଡଳ ଲାଗିପଡ଼ିଲେ । ସାର ସାମୁଏଲ ହୋର ଶ୍ରୀମତୀ ସରୋଜିନୀ ନାଇଡ଼ୁଙ୍କ ପ୍ରାତଃ ଭ୍ରମଣ ବେଳେ ଶ୍ରୀମତୀ ନାଇଡ଼ୁଙ୍କ ସହ ସାକ୍ଷାତ କରି ଗାନ୍ଧିଜୀଙ୍କୁ ନିମନ୍ତ୍ରଣ ରକ୍ଷା କରିବା ପାଇଁ ପ୍ରବର୍ତ୍ତାଇବାକୁ ଅନୁରୋଧ କଲେ । ସରୋଜିନୀ ସମସ୍ୟାର ଅବସ୍ଥା ବୁଝି ଗାନ୍ଧିଜୀଙ୍କ ସଙ୍ଗେ ଆଲୋଚନା ଓ ଯୁକ୍ତି କରି ତାଙ୍କଠାରୁ ନିମନ୍ତ୍ରଣ ରକ୍ଷା ସ୍ୱୀକୃତ ଆଣି ଭାରତ ସଚିବଙ୍କୁ ନିଜେ ଜଣାଇ ଦେଲେ । ସେତେବେଳ ପର୍ଯ୍ୟନ୍ତ ସାର୍ ସାମୁଏଲ ହୋର ଶ୍ରୀମତୀ ସରୋଜିନୀଙ୍କ ପ୍ରକୋଷ୍ଠରେ ଏକ ଅନିଶ୍ଚିତ ଅବସ୍ଥାରେ ଅପେକ୍ଷା କରି ବସିଥାନ୍ତି । ନିମନ୍ତ୍ରଣ ରକ୍ଷା କରିବାର ସମ୍ମତି ସହ ସ୍ୱୀକୃତ ପାଇ ସାର ସାମୁଏଲ କୃତଜ୍ଞତା ସହ ଧନ୍ୟବାଦ ଦେଇ ଶ୍ରୀମତୀ ସରୋଜିନୀଙ୍କଠାରୁ ବିଦାୟ ନେଲେ ।

ଏବେ ଉଦ୍ୟାନ ଭୋଜିର ନିର୍ଦ୍ଦିଷ୍ଟ ଦିନ ଓ ସମୟ ଆସି ପହଞ୍ଚିଲା । ଏହି ଭୋଜିକୁ ଜାତୀୟ ଓ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ବିଶେଷ ଓ ଉଚ୍ଚ ପଦସ୍ଥ ବେସରକାରୀ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ ଥାଏ । ସମ୍ରାଟ ଓ ସମ୍ରାଜ୍ଞୀ ଏକ ଗଡ଼ଣରେ ବାହାରିବା ପୂର୍ବରୁ ନିମନ୍ତ୍ରିତ ସମସ୍ତ ବ୍ୟକ୍ତି ଭୋଜି ସ୍ଥାନରେ ଉପସ୍ଥିତ ରହିବା କଥା, ମାତ୍ର ଉକ୍ତ ସମୟ ପ୍ରାୟ ଉତ୍ତୀର୍ଣ୍ଣ ହେଲାଣି, କିନ୍ତୁ ଗାନ୍ଧିଜୀ ଓ ତାଙ୍କର ସହକର୍ମୀଗଣ ଆସି ନଥାନ୍ତି । ଏହା ସରକାରୀ ମହଲରେ ଏକ ଉଦ୍‌ବେଗ ସୃଷ୍ଟି କଲା । ଯାହା ହେଉ ଠିକ୍ ସମୟରେ ଗାନ୍ଧିଜୀ ଓ ତାଙ୍କର ସହକର୍ମୀମାନେ ଆସି ମଟର ଯୋଗେ ବକିଂହାମ୍ ରାଜପ୍ରାସାଦ ଦ୍ୱାର ଦେଶରେ ଥିବା ପ୍ରହରୀମାନଙ୍କଠାରୁ ସମ୍ମାନ ଗ୍ରହଣ କରି ଆସି ଉଦ୍ୟାନ ଭୋଜି ସ୍ଥାନରେ ଆସି ପହଞ୍ଚିଲେ । ଭାରତର ସଚିବ ସେଠାରୁ ତାଙ୍କୁ ପାଛୋଟି ନେଲେ । ସେହି ଅର୍ଦ୍ଧ ନଗ୍ନ ଫକୀର ଓ ସୁନ୍ଦର ପିନ୍ଧି ଗାନ୍ଧିଜୀ ସହାସ୍ୟ ବଦନରେ ଯୋଡ଼ହସ୍ତ କରି ଉପସ୍ଥିତ ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ପ୍ରତି ନମସ୍କାର ଜଣାଇଲେ । ପ୍ୟାଣ୍ଟ ସାର୍ଟ, କୋର୍ଟ ଓ ଟାଇ ପିନ୍ଧା ଆଭିଜାତ୍ୟ ପୂର୍ଣ୍ଣ ନିମନ୍ତ୍ରିତ ବ୍ୟକ୍ତିମାନେ ଦୂରରେ ରହି ତାଙ୍କ ଆଡ଼କୁ ଦୃଷ୍ଟି ନିକ୍ଷେପ କରୁଥାନ୍ତି ଓ ଆପଣା ଆପଣା ମଧ୍ୟରେ ଫୁସ୍‌ଫାସ୍ କଥା ହେଉଥାଏ ।

ଏବେ ସମ୍ରାଟ୍ ଓ ସମ୍ରାଜ୍ଞୀ ନିର୍ଦ୍ଦିଷ୍ଟ ସମୟରେ ଗଡ଼ଣରେ ବକିଂହାମ୍ ରାଜ ପ୍ରାସାଦରୁ ବାହାରିଲେ । ତାଙ୍କୁ ପ୍ରଧାନମନ୍ତ୍ରୀ ପାଛୋଟି ଆଣି ଅନ୍ୟାନ୍ୟ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ଆଡ଼କୁ ପ୍ରଥମେ ନିଆଯାଇ ପ୍ରଥା ଅନୁସାରେ ପରିଚୟ କରାଇ ଦିଆଯାଇଥିଲା । ଏବେ ସମ୍ରାଟ ଓ ସମ୍ରାଜ୍ଞୀ ଗାନ୍ଧିଜୀଙ୍କ ନିକଟ ହେଲେ । ପ୍ରଧାନ ମନ୍ତ୍ରୀ ଗାନ୍ଧିଜୀଙ୍କୁ ସମ୍ରାଟଙ୍କ ସହ ପରିଚୟ କରିବା ମାତ୍ରେ ସମ୍ରାଟ ଏକ ପ୍ରକାର ଅସ୍ୱସ୍ତି କରି ଓ ବିବ୍ରତ ହୋଇ ଉଠିଲେ । ସେ ଗାନ୍ଧିଜୀଙ୍କୁ କହି ଉଠିଲେ "ଆପଣ କଅଣ ସେଇ ଗାନ୍ଧି ଯେ କି ମୋର ଶତ ସହସ୍ର ଭାରତୀୟ ରାଜଭକ୍ତ ପ୍ରଜାଙ୍କୁ ମୋର ସୁଶାସନ ବିରୁଦ୍ଧରେ ମତାଉ ଅଛନ୍ତି ? ଆପଣ କଅଣ ସେହି ଗାନ୍ଧୀ ଯେ କି ମୋର ରାଜଭକ୍ତ ପ୍ରଜାଙ୍କୁ ମତାଇ ଶତ ଶତ ମୋର ବିଶ୍ୱସ୍ତ ସରକାରୀ ଅଫିସରଙ୍କୁ ମରାଉ ଅଛନ୍ତି ? ଆପଣ କଅଣ ସେହି ଗାନ୍ଧୀ ଯେ ମୋର ପୁଅ—ମୋର ବଡ଼ ପୁଅ ପ୍ରିନ୍‌ସ ଅଫ୍ ଓ୍ୱେଲ୍‌ସଙ୍କ ଭାରତ ଭ୍ରମଣ ବେଳେ ବିଭିନ୍ନ ପ୍ରକାର ଆନ୍ଦୋଳନ କରି ତାଙ୍କୁ ଅପମାନ କରିଥିଲେ ?" ଇତ୍ୟାଦି ଇତ୍ୟାଦି । ସମ୍ରାଟଙ୍କର ଏପ୍ରକାର ବ୍ୟବହାରରେ ଗାନ୍ଧିଜୀ ପ୍ରତିହିଂସା ସ୍ୱରୂପ ସମ୍ରାଟଙ୍କୁ କଅଣ କହି ପକାଇବେ ଆଶଙ୍କା କରି ଉପସ୍ଥିତ ମନ୍ତ୍ରୀମଣ୍ଡଳ ତଥା ନିମନ୍ତ୍ରିତ ବ୍ୟକ୍ତିମାନେ ବିବ୍ରତ ହୋଇ ପଡ଼ିଥିଲେ । ମାତ୍ର ଗାନ୍ଧିଜୀ ହସି ହସି କହିଲେ "ସମ୍ରାଟ ! ମୁଁ ଆପଣଙ୍କର ଅତିଥି ଭାବରେ ଏହି ଉଦ୍ୟାନ ଭୋଜିକୁ ନିମନ୍ତ୍ରିତ ହୋଇ ଆସିଛି । ଏହା ରାଜନୀତି

(ଅବଶିଷ୍ଟାଂଶ ୬୧ ପୃଷ୍ଠା ଦେଖନ୍ତୁ)

ପ୍ରଶାନ୍ତ କୁମାର ରାୟ

# ଶୁଚେକ୍ଶ୍ୱର : ଏକ ଐତିହାସିକ କୀର୍ତ୍ତି

କଟକ ଜିଲ୍ଲା ମାହାଙ୍ଗା ନିକଟବର୍ତ୍ତୀ ଶୁଚେକ୍ଶ୍ୱର ଗ୍ରାମ ବହୁ ପ୍ରାଚୀନ କୀର୍ତ୍ତିର ଧ୍ୱଂସାବଶେଷରେ ପରିପୂର୍ଣ୍ଣ । ସେହି ଧ୍ୱଂସାବଶେଷ ମଧ୍ୟରେ ମାଣିକେଶ୍ୱର ନାମରେ ପରିଚିତ ପ୍ରାଚୀନ ଶିବ ମନ୍ଦିର ସଗୌରବେ ଦଣ୍ଡାୟମାନ । ବର୍ତ୍ତମାନ ସେହି ମନ୍ଦିରରେ ଶିବ ଲିଙ୍ଗ ନ ଥିବାରୁ ସେଠାରେ 'ଶକ୍ତି'ଙ୍କର ପୂଜା ବା ଉପାସନା କରାଯାଉଛି । ମନ୍ଦିରଟିର ଜଗମୋହନ ନାହିଁ ଓ ମନ୍ଦିରଟି ତ୍ରିରଥ ବିଶିଷ୍ଟ । ପାର୍ଶ୍ୱ ଦେବତାମାନଙ୍କ ମଧ୍ୟରୁ କେବଳ ଦୁଇଟି ମୂର୍ତ୍ତି ରହିଛି । ସେଥି ମଧ୍ୟରୁ ଗୋଟିଏ ହେଉଛି ଦଣ୍ଡାୟମାନ ଶିବ ମୂର୍ତ୍ତି । ଏହି ମୂର୍ତ୍ତିଟିର ଦକ୍ଷିଣ ହସ୍ତରେ ତ୍ରିଶୂଳ ରହିଛି ଓ ବାମ ହସ୍ତଟି କହୁଣୀଠାରୁ ଭାଙ୍ଗିଯାଇଛି । ଅନ୍ୟ ମୂର୍ତ୍ତିଟି ଗୋଟିଏ ଚତୁର୍ଭୁଜା ଦେବୀ ମୂର୍ତ୍ତି । ଏହି ମୂର୍ତ୍ତିଟିର ବାମ ଓ ଦକ୍ଷିଣ ହସ୍ତଗୁଡିକ ଭାଙ୍ଗି ଯାଇଛି । ମନ୍ଦିରର ସମ୍ମୁଖ ଭାଗରେ ଗୋଲାକାର ପ୍ରସ୍ତର ଖଣ୍ଡ (ରାଉଣ୍ଡ ପାନେଲ୍)ରେ ଶିବ-ତାଣ୍ଡବ ଖୋଦିତ ହୋଇଥିଲା । ବର୍ତ୍ତମାନ ତାହା ମନ୍ଦିର ଭିତରେ ରଖାଯାଇଛି । ନୃତ୍ୟରତ ଶିବ ମୂର୍ତ୍ତିଟି ଅଷ୍ଟଭୁଜ ବିଶିଷ୍ଟ । ମୂର୍ତ୍ତିଟିର ବୈଶିଷ୍ଟ୍ୟ ହେଉଛି ଯେ ବୃତେଙ୍କି ହାତ ମଧ୍ୟରୁ ଦୁଇଟି ହାତ ଭାଙ୍ଗି ଯାଇଛି; ଭଗ୍ନ ହାତଟି ଆଣ୍ଠୁ ଉପରେ ରହିଛି ଓ ଅନ୍ୟ ହାତଟି ମୂର୍ତ୍ତିଟିର ବାମ ପାର୍ଶ୍ୱରେ



ଉପବିଷ୍ଟ ଗୋଟିଏ ଦେବୀ ମୂର୍ତ୍ତିର ଅଧର ପୂର୍ଣ୍ଣ ... ମୂର୍ତ୍ତିଟିର ଦକ୍ଷିଣ ପାର୍ଶ୍ୱରେ ଗଣେଶ ମୂର୍ତ୍ତି ... ମୂର୍ତ୍ତିଟିର ନିମ୍ନରେ ତାଙ୍କର ବାହନ ବୃଷଭ ... ଖୋଦିତ ହୋଇଛି ।

ଦୁଇଗୋଟି ମନ୍ଦିର ତଥା ସେମାନଙ୍କ ମଧ୍ୟ... ଅବସ୍ଥିତ ମୁଖ୍ୟ ମନ୍ଦିର ମାଣିକେଶ୍ୱରର ଅ... ବର୍ତ୍ତମାନ ରହିଥିବା ସେମାନଙ୍କର ଧ୍ୱଂସା... ବଶେଷରୁ ନିମ୍ନାଂଶରୁ ଜଣାଯାଏ । ସେହି ସ୍ମୃ... ମନ୍ଦିରରେ ଶିବ-ଲିଙ୍ଗ ରହିଛି । ଏହି ମନ୍ଦିରଗୁଡିକ... ଜଗମୋହନ ନ ଥିଲା । ମାଣିକେଶ୍ୱର ମନ୍ଦିର ... ଲାଗି ମନ୍ଦିର ବେଢ଼ ମଧ୍ୟରେ ଗୋଟିଏ ଅଷ୍ଟଭୁଜା ... ମୂର୍ତ୍ତି ସ୍ଥାପନ କରାଯାଇଛି । ଏହି ମୂର୍ତ୍ତି ପଦ୍ମାସନ... ବସିଛନ୍ତି । ସ୍ଥାନୀୟ ଲୋକମାନେ ତାଙ୍କୁ ଜନନୀ ... ରୂପେ ପୂଜା କରନ୍ତି ।

ଏହା ମୋତେ ଢେଙ୍କାନାଳ ଜିଲ୍ଲା କାମାକ୍ଷା ନ... ସବ୍-ଡିଭିଜନରେ ଥିବା **କୁଆଲୋ ମନ୍ଦିରଗୁ...** ବିଷୟ ସ୍ମରଣ କରାଇ ଦିଏ । କୁଆଲୋ ମନ୍ଦିର ମଧ୍ୟ... ଥିବା ମହିଷାସୁର-ମର୍ଦ୍ଦିନୀ ଦୁର୍ଗା ମଧ୍ୟ ଜନନୀ ... ନାମରେ ପରିଚିତ । କୁଆଲୋ ମନ୍ଦିର ଭଳି ଏହି ମ... ପଞ୍ଚାୟତନ ଶୈଳୀ ବିଶିଷ୍ଟ, ଅର୍ଥାତ୍ ପାଞ୍ଚଟି ମନ୍ଦି...

ଶତେଷ ପୀଠ । ଓଡ଼ିଶାର କେତେକ ପ୍ରାଚୀନ ମନ୍ଦିର ଭଳି ଏହି ଦୁଇଟି ମନ୍ଦିରର ଜଗମୋହନ ନାହିଁ ।

ଅନ୍ୟାନ୍ୟ ପ୍ରାଚୀନ କୀର୍ତ୍ତି ଓ ଭାସ୍କର୍ଯ୍ୟ ସଂପର୍କରେ କୁହାଯାଇ ପାରେ ଯେ ମନ୍ଦିରର ପ୍ରବେଶ ଦ୍ୱାରକୁ ମୁହିଁ ସୂର୍ଯ୍ୟଙ୍କର ଗୋଟିଏ ମନୋଜ୍ଞ ମୂର୍ତ୍ତି ରହିଛି । ଏହି ମୂର୍ତ୍ତି ଦୁଇ ହାତରେ ଗୋଟିଏ ପଦ୍ମଫୁଲ ଧରିଛି ଓ ସପ୍ତ ଅଶ୍ୱ ବିଶିଷ୍ଟ ସୂର୍ଯ୍ୟ-ରଥ ଉପରେ ଅରୁଣ ସାରଥୀ ହୋଇ ରଥ ଚଳାଉଛି । ପୁରାତନ ମନ୍ଦିରର ଧ୍ୱଂସାବଶେଷ ଉପରେ ଗୋଟିଏ ନୂତନ ମନ୍ଦିର ନିର୍ମାଣ କରାଯାଇ ସେଥିରେ ଦୁର୍ଗା ମୂର୍ତ୍ତିଟିଏ ସ୍ଥାପନ କରାଯାଇଛି । ମୂର୍ତ୍ତିଟି ମୁଗୁନି ପଥରରେ ତିଆରି ଓ ଆକାରରେ ଟିକିଏ ବଡ଼ । ଦୁଇ ହସ୍ତ ବିଶିଷ୍ଟ ଗୋଟିଏ ଦୁର୍ଗା ମୂର୍ତ୍ତି ପାର୍ଶ୍ୱ ଦେବୀ ରୂପେ ରଖାଯାଇଛି । ଏହି ମୂର୍ତ୍ତି ଦକ୍ଷିଣ ହସ୍ତରେ ଗୋଟି ଖଣ୍ଡା ଉଠାଇ ଧରିଛି ଓ ବାମ ହସ୍ତରେ ଗୋଟିଏ ମହିଷି ଲାଙ୍ଗୁଡ଼ି ଧରିଛି । ଏଥିରୁ ସୂଚନା ମିଳେ ଯେ ଏହି ଦେବୀ ମହିଷାସୁରର ଶିରଚ୍ଛେଦନ ନିମନ୍ତେ ଉଦ୍ୟତ ହେଉଛନ୍ତି । ଓଡ଼ିଶାରେ ଦୁଇ ହସ୍ତ ବିଶିଷ୍ଟ ଦୁର୍ଗା ମୂର୍ତ୍ତି ସାଧାରଣତଃ ଦୃଷ୍ଟିଗୋଚର ହୁଏ ନାହିଁ । କଟକ ଜିଲ୍ଲା କୁନ୍ତ୍ରେଶ୍ୱର ଗ୍ରାମର ...ଟା ନଦୀ କୂଳରେ ଥିବା ଶିବ ମନ୍ଦିର ବେଢ଼ା ...ରେ ଦୁଇ ହସ୍ତ ବିଶିଷ୍ଟ ଗୋଟିଏ ଦୁର୍ଗା ମୂର୍ତ୍ତି ...ଥିବା ମୁଁ ଦେଖିଛି । ଶୁକ୍ଳେଶ୍ୱର ମନ୍ଦିରରେ ଥିବା ... ହସ୍ତ ବିଶିଷ୍ଟ ଦୁର୍ଗା ମୂର୍ତ୍ତି ଅତି ପ୍ରାଚୀନ । ଏହା ...ବତଃ ମାଣିକେଶ୍ୱର ମନ୍ଦିରରେ ପାର୍ଶ୍ୱ ଦେବୀ ରୂପେ ... ପାଇଥିଲା ଓ ପରବର୍ତ୍ତୀ ସମୟରେ ବର୍ତ୍ତମାନ ... ଦୁର୍ଗା ମନ୍ଦିରକୁ ଅଣା ଯାଇଥିଲା ।

...ରାମ, ଲକ୍ଷ୍ମଣ ଓ ସୁଗ୍ରୀବ ମୂର୍ତ୍ତି ଖୋଦିତ ହୋଇଥିବା ... ଖଣ୍ଡ (ପାନେଲ) ମନ୍ଦିର ବାହାରେ ରହିଛି । ...ଗୋଟିଏ 'ପାନେଲ'ରେ ବାନର ଦେବତା ...ମାନଙ୍କ ମୂର୍ତ୍ତି ଖୋଦିତ ହୋଇଛି ଓ ସେହି ...ର୍ଶ୍ୱରେ ଥିବା ନାରୀ ମୂର୍ତ୍ତିର କିୟଦଂଶ ଭାଙ୍ଗି ଯାଇଛି । ହନୁମାନ କିଛି ଗ୍ରହଣ କରୁଥିବା ବର୍ଣ୍ଣା-ଯାଇଛି । ହନୁମାନ ସୀତାଙ୍କଠାରୁ ମୁଦି ଗ୍ରହଣ କରିଥିବା ବିଷୟ ଯାହା କି ରାମାୟଣରେ ବର୍ଣ୍ଣିତ ହୋଇଛି, ତାହା ସମ୍ଭବତଃ ଏଥିରେ ରୂପାୟିତ ହୋଇଛି । ଭୁବନେଶ୍ୱର ଠାରେ ଥିବା ଓଡ଼ିଶାର ଅନ୍ୟତମ ପ୍ରାଚୀନ ମନ୍ଦିର ସ୍ୱର୍ଣ୍ଣଜଳେଶ୍ୱର ମନ୍ଦିରର ପାନେଲ ସହିତ ଏହି ମନ୍ଦିର ପାନେଲର ସୌସାଦୃଶ୍ୟ ରହିଛି ।

ଦୁର୍ଗା ମନ୍ଦିର ଭଳି, ଗଣ୍ଡେଶ୍ୱର ନାମରେ ପରିଚିତ ଶିବ ମନ୍ଦିରଟି ମଧ୍ୟ ଗୋଟିଏ ପୁରାତନ ମନ୍ଦିରର ଧ୍ୱଂସାବଶେଷ ଉପରେ ନିର୍ମିତ ହୋଇଛି । ପ୍ରଥମେ ନିର୍ମିତ ହୋଇଥିବା ମନ୍ଦିର ବା ମୂଳ ମନ୍ଦିରଟିରେ ଶିବଙ୍କର ତାଣ୍ଡବ ନୃତ୍ୟ ଖୋଦିତ ଯେଉଁ ପାନେଲଟି ରହିଥିଲା ତାହା ବର୍ତ୍ତମାନ ଗୋଟିଏ ଗଛମୂଳେ ରହିଛି । ମନ୍ଦିର ପ୍ରବେଶ ଦ୍ୱାରର ବାମ ପାର୍ଶ୍ୱରେ ଗୋଟିଏ ମହିଷା-ମର୍ଦ୍ଦିନୀ ଅଷ୍ଟଭୁଜା ଦୁର୍ଗା ମୂର୍ତ୍ତି ରହିଛି । ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ବଜ୍ରକୋଟ (ଢେଙ୍କାନାଳ ଜିଲ୍ଲା) ଠାରେ ଥିବା ପ୍ରାଚୀନ ଶିବ ମନ୍ଦିରର ପାର୍ଶ୍ୱ-ଦେବୀ ଯେଉଁ ଭଙ୍ଗୀରେ ଅସୁରକୁ ଆକ୍ରମଣ କରିଛନ୍ତି, ଉପରୋକ୍ତ ମହିଷା-ମର୍ଦ୍ଦିନୀ ମଧ୍ୟ ଅନୁରୂପ ଭଙ୍ଗୀରେ ଅସୁରକୁ ଆକ୍ରମଣ କରୁଥିବା ଦେଖାଯାଏ ।

ଗଣ୍ଡେଶ୍ୱର ମନ୍ଦିରର ଖୁବ୍ ନିକଟରେ ଅନ୍ୟ ଏକ ଶିବ ମନ୍ଦିର ଦୃଷ୍ଟିଗୋଚର ହୁଏ । ଏହି ଶିବ ମନ୍ଦିରର ଅର୍ଦ୍ଧାଂଶ ମାଟିରେ ପୋତି ହୋଇ ପଡ଼ିଛି । ଏହି ମନ୍ଦିରର ବାହାରପଟେ ଆଉ ଗୋଟିଏ ଅନୁରୂପ ଛୋଟ ମନ୍ଦିର ରହିଛି ଓ ତାହାର ତିନି ପାର୍ଶ୍ୱରେ ଚତୁର୍ଭୁଜା ଦୁର୍ଗା, ଗଣେଶ ଓ ଉମା-ମହେଶ୍ୱର ମୂର୍ତ୍ତି ରହିଛନ୍ତି ଏବଂ ମଧ୍ୟଭାଗରେ ଶିବଲିଙ୍ଗ ରହିଛି । ଏଣୁ ଏହି ଐତିହାସିକ ତଥା ପ୍ରତ୍ନତତ୍ତ୍ୱ ଦିଗରୁ ବିଚାର କଲେ ଶୁକ୍ଳେଶ୍ୱର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରାଚୀନ କୀର୍ତ୍ତିରେ ପରିପୂର୍ଣ୍ଣ ବୋଲି କୁହାଯାଇ ପାରେ ।

# ମୂଷା ନିୟନ୍ତ୍ରଣର ଉପାୟ

ବହୁ ପ୍ରାଚୀନ କାଳରୁ ମଣିଷ ଓ ମୂଷା ମଧ୍ୟରେ ଅନ୍ତରଙ୍ଗ ସଂପର୍କ ରହି ଆସି ଅଛି । ଅନେକ ପୁରାଣ ଶାସ୍ତ୍ରରୁ ମଧ୍ୟ ଏହାର ପ୍ରମାଣ ମିଳେ । ଦେବ ପୂଜାର ବିଧି ଅନୁସାରେ ପ୍ରଥମେ ଗଣେଶଙ୍କୁ ପୂଜା କରାଯାଏ ଏବଂ ଗଣେଶଙ୍କର ବିଶେଷତ୍ୱ ହେଉଛି ଏହି ଯେ ସେ ମଣିଷଙ୍କର ସବୁଠୁ ନମ୍ବର ଶତ୍ରୁ ମୂଷାକୁ ପରାଭୂତ କରିଛନ୍ତି ।

ମୂଷାଙ୍କ ସଂଖ୍ୟା ମଣିଷର ସଂଖ୍ୟାଠାରୁ ଯଥେଷ୍ଟ ବେଶୀ । ଭାରତରେ ପ୍ରତ୍ୟେକ ଜଣେ ଲୋକରେ ହାରାହାରି ୬ଟି ଲେଖାଏ ମୂଷା ଅଛନ୍ତି ବୋଲି ଏକ ଅଟକଳ କରାଯାଇଛି । ଏକ ସାଧାରଣ ସର୍ଭେରୁ ଜଣାଯାଏ ଯେ, ଭାରତର ମୋଟ ମୂଷା ସଂଖ୍ୟା ହେଉଛି ୨୬୧ କୋଟି ।

ଭାରତରେ ଅନେକ ପ୍ରକାର ମୂଷା ଦେଖାଯାନ୍ତି । ଯଥା—(୧) କଳା ମୂଷା, (୨) ଧୂସର ମୂଷା ଓ (୩) ଘରୋଇ ମୂଷା ଇତ୍ୟାଦି । ଏହା ଛଡ଼ା ଜଳ ବାଡ଼ରେ ମଧ୍ୟ କେତେକ ପ୍ରକାର ମୂଷା ଦେଖାଯାନ୍ତି ।

ମୂଷାମାନଙ୍କଦ୍ୱାରା ଲୋକଙ୍କର ଯଥେଷ୍ଟ କ୍ଷତି ହୋଇଥାଏ । ମୂଷାମାନେ ସଞ୍ଚିତ ଖାଦ୍ୟକୁ ନଷ୍ଟ କରି ଦିଅନ୍ତି । ଏକ ରିପୋର୍ଟରୁ ପ୍ରକାଶ ଯେ, ୧୫୦ଟି ମୂ
ବର୍ଷକୁ ହାରାହାରି ପ୍ରାୟ ଅଧଟନ ଖାଦ୍ୟ ଖାଇଯାନ୍ତି
କେବଳ ଏତିକି ନୁହେଁ ସେମାନେ ଏହା ଛଡ଼ା ଅନ୍ୟ
ଅନେକ ଖାଦ୍ୟ ଜିନିଷ ଖରାପ ମଧ୍ୟ କରି ଦିଅନ୍ତି । ମୂଷା
ମାନେ ଜଳ ବାଡ଼ିରେ ମଧ୍ୟ ବହୁ ପରିମାଣରେ ଶ
ନଷ୍ଟ କରନ୍ତି ।

## ମାରାତ୍ମକ ରୋଗ ପ୍ଲେଗ

ମୂଷାମାନଙ୍କ ଦ୍ୱାରା ଯେଉଁ ମାରାତ୍ମକ ରୋ
ବ୍ୟାପେ ତାହା ହେଉଛି ପ୍ଲେଗ୍ । ୧୮୯୮ ମସିହା
୧୯୪୮ ମସିହା ମଧ୍ୟରେ ପ୍ଲେଗ୍ ଯୋଗୁଁ ୧ କୋ
୨୫ ଲକ୍ଷ ୪୭ ହଜାର ୭୪୮ ଲୋକଙ୍କର ପ୍ରାଣ
ଯାଇଛି । ମୂଷାଙ୍କ ଯୋଗୁଁ ବ୍ୟାପୁଥିବା ରୋଗ
ଯେତେ ଲୋକ ମରନ୍ତି, ତାହା ପୃଥିବୀର ସବୁ ଯୁଦ୍ଧ
ଲୋକସଂଖ୍ୟାଠାରୁ ଅଧିକ ବୋଲି ଏକ ଅଟ
କରାଯାଇଅଛି । ଏହା ଛଡ଼ା କାମଳ ରୋଗ ଓ ଅ
କେତେକ ରୋଗ ମଧ୍ୟ ମୂଷାମାନଙ୍କ ଦ୍ୱାରା ବ୍ୟା
ବୋଲି ଡାକ୍ତରମାନେ କହିଥାନ୍ତି ।

କେବଳ ଖାଇବା ଛଡ଼ା ମୂଷାମାନେ ଅନେକ
ଦ୍ରବ୍ୟ ସେମାନଙ୍କର ଗାତକୁ ବୋହି ନିଅନ୍ତି

ଏହିପରି ଭାବେ ଅନେକ ଦ୍ରବ୍ୟ ନଷ୍ଟ ହୋଇଯାଏ । ୧୯୫୮ ମସିହାରେ ବମ୍ବେରେ ମୂଷା ନିୟନ୍ତ୍ରଣ କମିଟି ଆକଳନ କରିଥିଲେ ଯେ, ସହରର ବଜାର ଓ ନିକଟବର୍ତ୍ତୀ ସ୍ଥାନମାନ ଖଣ୍ଡା ପହଁଚ କରି ପ୍ରାୟ ୭୮୦ ଟନ ଖାଦ୍ୟ ଶସ୍ୟ ନଷ୍ଟ ହୋଇଥିବାର ଜଣାଯାଇଥିଲା । ବର୍ଷସାରା ମୂଷାମାନଙ୍କର ଛୁଆ ହେଉଥାଏ । ମାଈ-ମୂଷାର ବର୍ଷକୁ ୩ରୁ ୫ଥର ଗର୍ଭ ହୁଏ । ପ୍ରତ୍ୟେକ ଥର ପାଞ୍ଚରୁ ଦଶଟି ଲେଖାଏଁ ପିଲା ହୁଅନ୍ତି । ତେଣୁ ଗୋଟିଏ ବର୍ଷ ମଧ୍ୟରେ ଗୋଟାଏ ମାଈ ଓ ଗୋଟାଏ ଅଣ୍ଡିଆ ମୂଷାଠାରୁ ୫୦୦ଟି ମୂଷା ଜନ୍ମ ହେବା ନୂଆ କଥା ନୁହେଁ ।

ଜନସାଧାରଣଙ୍କର ବିଶେଷତଃ କୃଷକମାନଙ୍କର ଦୃଷ୍ଟିରୁ ମୂଷାମାନଙ୍କୁ ମାରିବା ଯେ ଏକାନ୍ତ ପ୍ରୟୋଜନ ଏଥିରେ କୌଣସି ସନ୍ଦେହ ନାହିଁ । ସାଧାରଣତଃ ଯନ୍ତା ବସାଇ ଓ ଖାଦ୍ୟ ଦ୍ରବ୍ୟରେ ବିଷାକ୍ତ ଥୋପ ଦେଇ ମୂଷାମାନଙ୍କୁ ମରାଯାଏ । ବିଷାକ୍ତ ଥୋପକୁ ବ୍ୟାପକଭାବେ ମୂଷା ମାରିବାର ଏକ ଉପଯୁକ୍ତ ଉପାୟ । ମୂଷାମାନେ ଖୁବ୍ ଚାଲାଖ୍ ହୋଇଥିବାରୁ ଅନେକ ସମୟରେ ଥୋପ ମଧ୍ୟ [illegible]ଇଥାଏ । ତେଣୁ ଏଥି ପ୍ରତି ସାବଧାନ ହେବା ଉଚିତ ।

## ଜିଙ୍କ୍ ଫସ୍‌ଫାଇଡ୍

ଜିଙ୍କ୍ ଫସ୍‌ଫାଇଡ୍ ମୂଷାମାନଙ୍କୁ ମାରିବାର ଏକ ଶକ୍ତ ବିଷ । ଏହା ଗାଢ଼ ଧୂସର ରଙ୍ଗର ଦ୍ରବ୍ୟ ଭଳି ଦେଖାଯାଏ । ସାଧାରଣତଃ ଏକ ମାତ୍ରା ଜିଙ୍କ-ଫସ୍‌ଫାଇଡ୍ ସହିତ ୨୦ ମାତ୍ରା ଥୋପ ଦ୍ରବ୍ୟ ମିଶାଇ ଥୋପ ପ୍ରସ୍ତୁତ କରାଯାଏ । ଅଟା, ରୁଟି, ଚକୁଳି କଦଳୀ ଏହି ପ୍ରକାର ଅନ୍ୟ କୌଣସି ଦ୍ରବ୍ୟକୁ ଥୋପ ଭାବରେ ବ୍ୟବହାର କରାଯାଇପାରେ । ମନେ ରଖିବା ଉଚିତ ଯେ ଏହା ଏକ ବିଷାକ୍ତ ଦ୍ରବ୍ୟ । ମଣିଷ, କୁକୁର, ଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀ ଯେପରି ଏଥିରେ ମୁହଁ ନ ମାରନ୍ତି ସେଥିପାଇଁ ସତର୍କତା ଅବଲମ୍ବନ କରିବା ଉଚିତ ।

ଗତ କେତେ ଦିନର ଅନୁସନ୍ଧାନରୁ ଜଣାଯାଇଛି ଯେ, ମୂଷାମାନେ ଖୁବ୍ ଚାଲାଖ୍ ହୋଇଥିବାରୁ ଥୋପରେ ଜିଙ୍କ ଫସ୍‌ଫାଇଡ୍ ଥିବା ଜାଣି ପାରନ୍ତି । ତେଣୁ ଏହା ପରିବର୍ତ୍ତେ ଅନ୍ୟ କୌଣସି ଦ୍ରବ୍ୟର ଥୋପ ବସାଇ ସେମାନଙ୍କୁ ଏଥିପ୍ରତି ଅଭ୍ୟସ୍ତ କରାଇବାକୁ ହେବ । ଘନୀ ଭବନ ନିରୋଧୀ ଦ୍ରବ୍ୟ (ଏଣ୍ଟିକୋଗୁଲାଣ୍ଟ) ଦ୍ରବ୍ୟ ଥୋପରେ ଦିଆଗଲେ ମୂଷାମାନେ ଏହାକୁ ସହଜରେ ଖାଇଥାନ୍ତି । ଏହି ଦ୍ରବ୍ୟ ବଜାରରେ "ରାଟାଫିନ୍" ଓ "ରୋଡାଫାରିନ୍" ନାମରେ ବିକ୍ରି ହେଉଛି । ୨୦ ଭାଗ ଭୋଜ୍ୟ ଦ୍ରବ୍ୟ ଏକ ଭାଗ ବିଷ ମିଶାଇ ଏହି ଦ୍ରବ୍ୟ ପ୍ରସ୍ତୁତ କରାଯାଏ । ଏହି ବିଷକୁ ସମାନ ଭାଗରେ ମିଶିବା ପାଇଁ ଏଥିରେ କୌଣସି ଭୋଜ୍ୟତେଲ ମଧ୍ୟ ମିଶାଇବା ଉଚିତ ।

## ବେରିୟମ କାର୍ବୋନେଟ୍

ବେରିଅମ କାର୍ବୋନେଟ୍ ମୂଷା ମାରିବା ପାଇଁ ଏକ ଉପଯୁକ୍ତ ବିଷ । ଏହା ଦେଖିବାକୁ ଧଳା ଦାନା ପରି । ପାଣିରେ ଏହା ପ୍ରାୟ ମିଳାଇ ଯାଏ ନାହିଁ । ଥୋପ ଦ୍ରବ୍ୟକୁ ପ୍ରାୟ ୮ ଘଣ୍ଟା କାଳ ପାଣିରେ ଭିଜାଇ ରଖାଯାଏ ଏବଂ ଏହି ଭିଜା ଖାଦ୍ୟ ଦ୍ରବ୍ୟର ୭ଭାଗରେ ଏକ ଭାଗ ଉକ୍ତ ବିଷ ମିଶାଇ ଥୋପ ବସାଯାଏ । ଏଥିରେ ପ୍ରାୟ ୧ କପେ ଗୁଡ଼ ମଧ୍ୟ ମିଶାଇ ଦିଆଯାଏ ।

ଧୂଆଁ ଦେଇ ମଧ୍ୟ ମୂଷାମାନଙ୍କୁ ନିପାତ କରାଯାଇ ପାରେ । ବିଲରେ ଓ ଖମାରମାନଙ୍କରେ ମୂଷା ଗାତରେ ଧୂଆଁ ଦିଆଯାଇଥାଏ । ସାଧାରଣତଃ ମୂଷା ଗାତରେ କାଲସିୟମସାଇନାଇଡ୍ ଚୂର୍ଣ୍ଣକୁ ପମ୍ପ ସାହାଯ୍ୟରେ ପୂରାଇ ଧୂଆଁ ଦିଆଯାଇଥାଏ । ଏହା ଫଳରେ ଗାତ ଭିତରେ "ହାଇଡ୍ରୋସାଇନିକ୍‌ଗ୍ୟାସ" ସୃଷ୍ଟି ହୁଏ ଏବଂ ମୂଷାମାନେ ଏହା ଶୁଙ୍ଘିବା ମାତ୍ରେ ମରିଯାନ୍ତି

(ଅବଶିଷ୍ଟାଂଶ ୬୨ ପୃଷ୍ଠା ଦେଖନ୍ତୁ)

# ପୁନର୍ଗଠିତ କେନ୍ଦ୍ର ମନ୍ତ୍ରୀମଣ୍ଡଳ

| ବିଭାଗ (୧) | କ୍ୟାବିନେଟ୍ ମନ୍ତ୍ରୀ (୨) | ରାଜ୍ୟ ମନ୍ତ୍ରୀ (୩) | ଉପମନ୍ତ୍ରୀ (୪) |
|---|---|---|---|
| ଆଣବିକ ଶକ୍ତି ଓ ଯୋଜନା । | ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପ୍ରଧାନ ମନ୍ତ୍ରୀ । | ... | ଶ୍ରୀମତୀ ନନ୍ଦିନୀ ଶତପଥୀ |
| ଅର୍ଥ ... | ଶ୍ରୀ ମୋରାରଜୀ ଦେଶାଇ ଉପ ପ୍ରଧାନମନ୍ତ୍ରୀ । | ଶ୍ରୀ ପି. ସି. ସେଠୀ ... | ଶ୍ରୀ ଜଗନ୍ନାଥ ପାହାଡ଼ିଆ |
| ଘରୋଇ ... | ଶ୍ରୀ ୱାଇ. ବି. ଚ୍ୟାଭାନ | ଶ୍ରୀ ଭି. ସି. ଶୁକ୍ଳ ... | ଶ୍ରୀ କେ. ଏସ୍. ରାମସ୍ୱାମୀ |
| ଖାଦ୍ୟ, କୃଷି, ଗୋଷ୍ଠୀ ଉନ୍ନୟନ ଓ ସମବାୟ । | ଶ୍ରୀ ଜଗଜ୍ଜୀବନ ରାମ ... | ଶ୍ରୀ ଏ. ପି. ସିନ୍ଧେ ...<br>ଶ୍ରୀ ଏମ୍. ଏସ୍. ଗୁରୁପଦସ୍ୱାମୀ । | ଶ୍ରୀ ଡି. ଏରିଙ୍ଗ୍ |
| ଶ୍ରମ ଓ ପୁନର୍ବସତି | ଶ୍ରୀ ଜେ. ଏଲ୍. ହାଥୀ ... | ଶ୍ରୀ ଭଗବତ ଝା ଆଜାଦ୍ | ଶ୍ରୀ ଏସ୍. ସି. ଜମିର |
| ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ | ଡକ୍ଟର କରଣ ସିଂ ... | ... | ଶ୍ରୀମତୀ ସରୋଜିନୀ ମହିଷୀ |
| ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ପୂର୍ତ୍ତ, ଗୃହନିର୍ମାଣ ଏବଂ ନଗର ଉନ୍ନୟନ | ଶ୍ରୀ କେ. କେ. ଶାହ୍ ... | ଶ୍ରୀ ବି. ଏସ୍. ମୂର୍ତ୍ତି ...<br>ଡକ୍ଟର ଚନ୍ଦ୍ରଶେଖର | ... |
| ଆଇନ୍ ଓ ସମାଜ ମଙ୍ଗଳ । | ଶ୍ରୀ ପି. ଗୋବିନ୍ଦ ମେନନ୍ | ଶ୍ରୀମତୀ ଫୁଲରେଣୁ ଗୁହ | ଶ୍ରୀ ମହମ୍ମଦ୍ ୟୁନୁସ୍ ସଲିମ୍ |
| ଇସ୍ପାତ୍ ଓ ଓଜନଦାର ଇଞ୍ଜିନିୟରିଂ । | ଶ୍ରୀ ସି. ଏମ୍. ପୁନାଚ୍ଚା ... | ଶ୍ରୀ କେ. ସି. ପନ୍ଥ ... | ଶ୍ରୀ ମହମ୍ମଦ୍ ସାଫି କୁରେଶୀ |
| ରେଳବାଇ ... | ଡକ୍ଟର ରାମ ସୁଭଗ ସିଂ | ଶ୍ରୀ ପରିମଳ ଘୋଷ ... | ଶ୍ରୀ ଆର୍. ଏଲ୍. ଚତୁର୍ବେଦୀ |
| ବେତାର ଓ ତଥ୍ୟ ଓ ଯୋଗାଯୋଗ । | ଶ୍ରୀ ସତ୍ୟ ନାରାୟଣ ସିହ୍ନା | ଶ୍ରୀ ଏଲ୍. ଜେ. ଗୁଜ୍ରାଲ୍<br>ଶ୍ରୀ ଶେର ସିଂହ | ... |

| ବିଭାଗ (୧) | କ୍ୟାବିନେଟ୍ ମନ୍ତ୍ରୀ (୨) | ରାଜ୍ୟ ମନ୍ତ୍ରୀ (୩) | ଉପମନ୍ତ୍ରୀ (୪) |
|---|---|---|---|
| ଶିଳ୍ପ ଉନ୍ନୟନ, ଅନ୍ତର୍ବାଣିଜ୍ୟ ଓ କମ୍ପାନୀ ବ୍ୟାପାର । | ଶ୍ରୀ ଫକ୍ରୁଦ୍ଦୀନ ଅଲୀ-ଅହମଦ୍ । | ଶ୍ରୀ ରଘୁନାଥ ରେଡ୍ଡୀ ... | ଶ୍ରୀ ଭାନୁ ପ୍ରକାଶ ସିଂ |
| ଶିକ୍ଷା ଓ ଯୁବକଲ୍ୟାଣ | ପ୍ରଫେସର ଭି. କେ. ଆର୍. ଭି. ରାଓ । | ଶ୍ରୀ ଭକ୍ତ ଦର୍ଶନ ... | ଶ୍ରୀମତୀ ଜାହାନାରା ଜୟପାଲ ସିଂ । |
| ପ୍ରତିରକ୍ଷା ... | ସର୍ଦ୍ଦାର ସ୍ୱରଣ ସିଂ ... | ଶ୍ରୀ ଏଲ୍. ଏନ୍. ମିଶ୍ର ... | ଶ୍ରୀ ଏମ୍. ଆର୍. କ୍ରିଷ୍ଣ |
| ବୈଦେଶିକ ବ୍ୟାପାର | ଶ୍ରୀ ଦିନେଶ ସିଂ ... | ... | ଶ୍ରୀ ସୁରେନ୍ଦ୍ର ପାଲ ସିଂ |
| ବହିର୍ବାଣିଜ୍ୟ ଓ ଯୋଗାଣ । | ଶ୍ରୀ ବି. ଆର୍. ଭଗତ୍ ... | ... | ଶ୍ରୀ ଚୌଧୁରୀ ରାମ୍ ସେବକ |
| ପାର୍ଲିମେଣ୍ଟ ବ୍ୟାପାର, ନୌବାଣିଜ୍ୟ ଓ ପରିବହନ । | ... | ଶ୍ରୀ କେ. ରଘୁରାମେୟା ... | ଶ୍ରୀ ଇକ୍‌ବାଲ ସିଂ |
| ଜଳସେଚନ ଓ ବିଦ୍ୟୁତ୍ । | ... | ଡକ୍ଟର କେ ଏଲ୍. ରାଓ | ଶ୍ରୀ ସିଦ୍ଧେଶ୍ୱର ପ୍ରସାଦ |

(୫୫ ପୃଷ୍ଠାର ଅବଶିଷ୍ଟାଂଶ)

...ମାନଙ୍କ ପ୍ରଶ୍ନର ଉତ୍ତର ଦେବା ସ୍ଥଳ ନୁହେଁ । ...ମାନଙ୍କଠାରୁ ଏ ସରଳ ଓ ସଂକ୍ଷିପ୍ତ ଉତ୍ତର ...ସ୍ଥିତ ସଦସ୍ୟଙ୍କୁ ନତ ମସ୍ତକ କରି ଦେଇଥିଲା । ...ଙ୍କ ସହ ଗାନ୍ଧିଜୀଙ୍କ ସାକ୍ଷାତ ଏତିକରେ ଶେଷ ...ଥିଲା ଓ ସମ୍ରାଟ ଅପସରି ଯାଇଥିଲେ ଓ ...ଙ୍କ ପ୍ରତ୍ୟୁତ୍ପନ୍ନ ଉତ୍ତର ଉପସ୍ଥିତ ନିମନ୍ତ୍ରିତ ...ଙ୍କୁ ବ୍ୟସ୍ତତାରୁ ସୁଧାରି ନେଇଥିଲା ।

...ଗାନ୍ଧିଜୀ ଖାଲି ହାତରେ ସନ ୧୯୩୧ ମସିହା ...ମ୍ବର ୨୮ ତାରିଖରେ ବିଲାତରୁ ଫେରି ଆସି ...ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରି ତା ୨।୧।୩୨ରେ ବନ୍ଦୀ ହୋଇ ଥିଲେ । ପରବର୍ଷ ଅର୍ଥାତ ସନ ୧୯୩୩ ମସିହାରେ ପୁଣାଠାରେ କଂଗ୍ରେସ ଅଧିବେଶନ ବସିବାର ସ୍ଥିର ହୋଇଥିଲା ମାତ୍ର ସରକାର କଂଗ୍ରେସକୁ ବେଆଇନ ଘୋଷଣା କରିବାରୁ ତାହା ହୋଇପାରିଲା ନାହିଁ । ପରେ ଏହା ଦିଲ୍ଲୀରେ ବସିଥିଲା ।

ଲେଖକ ଏହି ସମୟରେ ହାଇସ୍କୁଲ ଶ୍ରେଣୀରେ ପଢ଼ୁଥିଲେ ଓ ପ୍ରତ୍ୟେକ ଅମୃତ ବଜାର ପତ୍ରିକା ଏବଂ ଉତ୍କଳ ଦୀପିକା ପଢ଼ୁଥିବାରୁ ଏ ଘଟଣା ପ୍ରବାହ ଗଭୀର ଭାବରେ ମନେ ରହିଯାଇଅଛି ।

# ଆମ ଖବର

## ତାଲିମ ଜାହାଜ 'ଡଫରିନ୍'ରେ ପ୍ରାକ୍-ସମୁଦ୍ର ଯାତ୍ରା ତାଲିମ

ତାଲିମ ଜାହାଜ 'ଡଫରିନ୍'ରେ ପ୍ରାକ୍-ସମୁଦ୍ର ଯାତ୍ରା ତାଲିମ ପାଇଁ ପ୍ରାର୍ଥୀ ବାଛିବାକୁ ୧୯୬୯ ମସିହା ଜୁନ୍ ୪ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ କଟକଠାରେ ଏକ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ । ନାମ ଲେଖାଇବା ପାଇଁ ଇଚ୍ଛୁକ ଥିବା ପ୍ରାର୍ଥୀଙ୍କର ବୟସ ୧୯୬୯ ମସିହା ଜୁଲାଇ ପହିଲା ସୁଦ୍ଧା ୧୬½ ବର୍ଷରୁ ୧୮ ବର୍ଷ ମଧ୍ୟରେ ହେବା ଆବଶ୍ୟକ ଏବଂ ସେମାନେ ମାଟ୍ରିକ୍ୟୁଲେସନ ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ଲିଖିତ ପରୀକ୍ଷାରେ ଯୋଗ୍ୟ ହେଲା ପରେ ପ୍ରାର୍ଥୀମାନଙ୍କୁ ୧୯୬୯ ମାସର ଅଗଷ୍ଟ ମାସର ୩ୟ ସପ୍ତାହ ଅନ୍ତରୁ ଏକ ସାକ୍ଷାତକାର ପାଇଁ ବମ୍ବେ ଯିବାକୁ ହେବ ।

ଜଣାଯାଇଛି ଯେ ତାଲିମ କାଳରେ ଛାତ୍ର-ମାନଙ୍କ ପାଇଁ ବାର୍ଷିକ ଟ ୨୦୦ରୁ ଟ ୧,୫୦୦ ପର୍ଯ୍ୟନ୍ତ ଅନେକଗୁଡ଼ିଏ ବୃତ୍ତି ରହିଛି ।

୧୯୬୯ ମସିହା ମାର୍ଚ୍ଚ ୩୧ ତାରିଖ ଦରଖାସ୍ତ ଦେବାର ଶେଷ ତାରିଖ ହୋଇଥିବାରୁ ଇଚ୍ଛୁକ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଓ ଅନୁଷ୍ଠାନପତ୍ର (ପ୍ରସ୍‌ପେକ୍ଟସ୍) ୧୯୬୯ ମସିହା ମାର୍ଚ୍ଚ ୮ ତାରିଖ ପୂର୍ବରୁ ସଂଗ୍ରହ କରିବା ଆବଶ୍ୟକ । ଏହି ତାରିଖ ପରେ ଦରଖାସ୍ତ ଫର୍ମ ଆଉ ଦିଆଯିବ ନାହିଁ । ମନିଅର୍ଡ୍ଡର ପୂର୍ବରୁ ଟ ୧.୫୦ ପଇସା ପଠାଇ ଅନୁଷ୍ଠାନପତ୍ର, ଦରଖାସ୍ତ ଫର୍ମ ଇତ୍ୟାଦି କ୍ୟାପ୍ଟେନ ସୁପରିନ୍‌ଟେଣ୍ଡେଣ୍ଟ, ତାଲିମ ଜାହାଜ 'ଡଫରିନ୍' ଓ ମେଜାଗନ୍ ଡାକ୍ସାର, ବମ୍ବେ-୧୦ଙ୍କ ଠାରୁ ମିଳି ପାରିବ ।

[୬୧ ପୃଷ୍ଠାର ଅବଶିଷ୍ଟାଂଶ]

## ମୂଷା ନିରୋଧୀ ଘର

ଘରମାନଙ୍କରେ ଝରକା, ଜଳାକବାଟି, ନଳାମୁହଁ ଆଦିରେ ତାର ଜାଲି ଦିଆଯାଇ ଘରକୁ ମୂଷା ନିରୋଧୀ କରାଯାଇପାରେ । ବାସ୍ତବରେ ମୂଷା ନିୟନ୍ତ୍ରଣ ଏଭଳି ଏକ ଗୁରୁତର ସମସ୍ୟା ସୃଷ୍ଟି କରିଛି ଯେ, ଏଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏକ ଜାତୀୟ ମୂଷା ନିୟନ୍ତ୍ରଣ କମିଟି ଗଠନ କରାଯାଇଛି । ବମ୍ବେ ସହରରେ ଦୈନିକ ପ୍ରାୟ ୩ ହଜାର ମୂଷା ଧରାଯାନ୍ତି । ବମ୍ବେ କର୍ପୋରେସନ ମୂଷା ମାରିବାରେ ବର୍ଷକୁ ପ୍ରାୟ ୭ ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି । ଏହା ଛଡ଼ା ସଦ୍ୟ ମରାଯାଇଥିବା ପ୍ରତ୍ୟେକ ମୂଷା ପାଇଁ ୧୦ ପଇସା ଲେଖାଏଁ ପୁରସ୍କାର ଦେବାର ବ୍ୟବସ୍ଥା କରାଯାଇଛି । ଏହା ସତ୍ତ୍ୱେ ମୂଷାଙ୍କ ସଂଖ୍ୟା ବଢ଼ି ଚାଲିଛି । ଦେଶର ଖାଦ୍ୟ ଦ୍ରବ୍ୟକୁ ସୁରକ୍ଷିତ କରିବାକୁ ହେଲେ, ମୂଷାଙ୍କୁ ନିପାତ କରିବା ଯେ ଏକାନ୍ତ ଆବଶ୍ୟକ ଏହା ନିଃସନ୍ଦେହରେ କୁହାଯାଇପାରେ ।



OGP—MP-II [ (Home (P. R.) ]—148—10,000—26-3-1969




୯୭୨ ବର୍ଷ ଫେବୃଆରୀ ୧୬ ତାରିଖ ଦିନ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ବାର୍ଷିକୋତ୍ସବରେ ରାଜ୍ୟପାଳ ଡକ୍ଟର ଏସ୍. ଏସ୍. ଆନ୍ସାରୀ ଉଦ୍‌ବୋଧନ ଦେଉଛନ୍ତି ।

## ଚିତ୍ରେ ସମ୍ବାଦ

ଆଠଗଡ଼ ଗୋପବନ୍ଧୁ-ବିଜ୍ଞାନ ମହାବିଦ୍ୟାଳୟ ଦ୍ୱାରା ଫେବୃଆରୀ ୧୪ ତାରିଖ ଦିନ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀ ରାଜ୍ୟପାଳ ଡକ୍ଟର ଏସ୍. ଏସ୍. ଆନସାରୀ ପରିଭ୍ରମଣ କରୁଛନ୍ତି ।







ଓଡ଼ିଶାର କୃଷି ...
ମନ୍ତ୍ରୀ ଶ୍ରୀ ଦସ୍ତା...
କେନ୍ଦ୍ରମନ୍ତ୍ରୀ ଶ୍ରୀ ଜ...
ଫେବୃଆରି ୮ ...
ଭୁବନେଶ୍ୱର ବିମାନ...
ଠାରେ ସ୍ୱାଗତ...


ଚଟକେ ସମ...

ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ କଟକଠାରେ ଫେ...
୮ ତାରିଖ ଦିନ କଟକ-ପାରାଦୀପ ରେଲପଥ କାର୍ଯ୍ୟର ଶୁଭ...
କରିଥିଲେ । ଶ୍ରୀ ସିଂହ ଦେଓ ସିଗନାଲ୍ ଟାଣିବା ମାତ୍ରେ କାର୍ଯ୍ୟ...
କରୁଥିବା ଦୁଇଟି କ୍ରେନ୍‌ର ଦୃଶ୍ୟ ଉପରେ ଦିଆଯାଇଛି ।

କଟକ-ପାରାଦୀପ ରେଲପଥ





୧୯୬୯ ବର୍ଷ ଫେବୃଆରୀ ୧୫ ତାରିଖ ଦିନ ଶିବରାତ୍ରି ଉପଲକ୍ଷେ ସୁନ୍ଦରଗଡ଼ ଜିଲ୍ଲା ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ବେଦବ୍ୟାସଘାଟରେ ତୀର୍ଥଯାତ୍ରୀମାନେ ପ୍ରାତଃସ୍ନାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଫେବୃଆରୀ ୧୦ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡାଠାରେ କୃଷିମେଳା ତରଫରୁ ଆୟୋଜିତ ହୋଇଥିବା ଏକ ପ୍ରଦର୍ଶନୀ ପରିଦର୍ଶନ କରୁଛନ୍ତି ।








ଭୁବନେଶ୍ୱରଠାରେ ଫେବୃଆରୀ ୧୦ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ପରିବାର ନିୟନ୍ତ୍ରଣ ଇଣ୍ଟରଏସନ୍ କମିଟିରେ ଉଦ୍‌ବୋଧନୀ ଭାଷଣ ଦେଉଛନ୍ତି ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ।

## ଚିତ୍ରେ ସମ୍ବାଦ

ଥାଇଲାଣ୍ଡର ଯୁବରାଜ ଓ ତାଙ୍କର ପତ୍ନୀଙ୍କୁ ଫେବୃଆରୀ ୧୩ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ନାର
ସିଂହ ଦେଓ ସ୍ୱାଗତ କରୁଛନ୍ତି ।



## Statement about ownership and other particulars about Newspaper UTKAL PRASANGA to be published in the first issue every year after last day of February.

FORM IV

(*See Rule* 8)

| | | |
|---|---|---|
| 1. Place of publication | .. | Bhubaneswar |
| 2. Periodicity of its publication | .. | Monthly |
| 3. Printer's name | .. | Shri U. N. Misra, for and on behalf of Government of Orissa. |
| Nationality | .. | Indian |
| Address | .. | Superintendent, Orissa Government Press, Cuttack-3. |
| 4. Publisher's name | .. | Shri P. Tripathi, I. A. S., for and on behalf of Government of Orissa. |
| Nationality | .. | Indian |
| Address | .. | Director of Public Relations and Joint Secretary to Government of Orissa, Home Department (P. R. Branch), Bhubaneswar-1. |
| 5. Editor's name | .. | Shri P. Tripathi, I. A. S. |
| Nationality | .. | Indian |
| Address | .. | Director of Public Relations, and Joint Secretary to Government of Orissa, Home Department (P. R. Branch), Bhubaneswar-1. |
| 6. Names and address of individuals who own the newspaper and partners or share-holders holding more than one per cent of the total capital. | | Government of Orissa |

I, Shri P. Tripathi, I. A. S., Director of Public Relations, Tourism, Protocol and Joint Secretary to Government, Home Department of P. R. Branch, hereby declare that the particulars given above are true to the best of my knowledge and belief.

P. TRIPATHI

*Signature of Publisher*

Vol. XXV—No. 8 UTKAL PRASANGA
Licence No. C. R. N. P-5 Licenced to post without pre-payment Reg



ବିଖ୍ୟାତ କବି ମିର୍ଜା ଗାଲିବଙ୍କ ଶତବାର୍ଷିକୀ ଉତ୍ସବ ନୂଆ ଦିଲ୍ଲୀଠାରେ ଚଳିତ ବର୍ଷ ଫେବୃଆରୀ ୧୭ ତାରିଖ ଦି
ରାଷ୍ଟ୍ରପତି ଡକ୍ଟର ଜାକିର ହୁସେନ୍ ଉଦ୍‌ଘାଟନ କରୁଛନ୍ତି ।

Printed at the Orissa Government Press, Madhupatna, Cuttack-3